READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524






ବର୍ଷ-୭ | ସଂଖ୍ୟା-୧୭ | ୮ - ୧୪ ମଇ, ୨୦୨୩ | ଭୁବନେଶ୍ୱର | Monday Weekly | VOL-7 | ISSUE-17 | 8th - 14th MAY, 2023 | BHUBANESWAR | ₹ 5/- (8 Pages)


### ନିର୍ବାଚନୀ କଟକଣା ସତ୍ତ୍ୱେ ପ୍ୟାକେଜ୍ ଘୋଷଣା

## ବିରୋଧୀ ଚୁପ୍

**ଭୁବନେଶ୍ୱର :** ଝାରସୁଗୁଡ଼ା ଉପନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ବଳବତ୍ତର ରହିଥିବା ସତ୍ତ୍ୱେ ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀର ଏକ ବୃହତ୍ ସମୁଦାୟକୁ ସନ୍ତୁଷ୍ଟ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିକଟରେ ଏକ ଲୋଭନୀୟ ପ୍ୟାକେଜ୍ ଘୋଷଣା କରିଛନ୍ତି। ଝାରସୁଗୁଡ଼ା ନିର୍ବାଚନରେ ଅଗରିଆ ସମାଜ ଭୋଟରଙ୍କୁ ଆକୃଷ୍ଟ କରିବା ନିମନ୍ତେ ସେମାନଙ୍କୁ ରାଜଧାନୀ ଭୁବନେଶ୍ୱରରେ ଅଧ ଏକର ଜମି ଓ ୩କୋଟି ଟଙ୍କା ସହାୟତା ରାଜ୍ୟ ସରକାର ଯୋଗାଇ ଦେବେ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ତେବେ ଭୋଟ ବେଳେ ଏକ ନିର୍ଦ୍ଦିଷ୍ଟ ସମୁଦାୟକୁ ତୁଷ୍ଟୀକରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣା ସିଧାସଳଖ ନିର୍ବାଚନୀ ଆଚରଣ ବିଧି ଉଲ୍ଲଙ୍ଘନ କରୁଥିଲେ ମଧ୍ୟ ବିରୋଧୀ ଦଳ ଚୁପ୍



ରହିଛନ୍ତି। ଏପରିକି ନିର୍ବାଚନ କମିଶନ ମଧ୍ୟ ଏନେଇ ଆପତ୍ତି ନଉଠାଇବା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଜାରି ସୂଚନା ଅନୁସାରେ, ଅଗରିଆ ସମାଜର ପ୍ରତିନିଧିମାନେ ନିକଟରେ ସେମାନଙ୍କ ବିଭିନ୍ନ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଥିଲେ। ସେମାନଙ୍କ ଅନୁରୋଧ ତଥା ଅଗରିଆ ସମାଜର ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ନିକଟରେ ଅଗରିଆ ସମାଜ ପାଇଁ ଅଧ ଏକର ଜମି ଯୋଗାଇ ଦିଆଯିବ ବୋଲି ଘୋଷଣା କରିଛନ୍ତି। ଏଥିପାଇଁ ଜମି ଚିହ୍ନଟ ଦିଗରେ ପଦକ୍ଷେପ ନେବାକୁ ମୁଖ୍ୟ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅଗରିଆ ସମାଜ ଭବନ ନିର୍ମାଣ ପାଇଁ ସରକାର ମଧ୍ୟ ୩କୋଟି ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ପାଣ୍ଠିରୁ ଯୋଗାଇ ଦେବେ ବୋଲି ଘୋଷଣା କରିଛନ୍ତି। କୃଷି ଉପରେ ନିର୍ଭର କରୁଥିବା ଏହି ସମାଜର ଲୋକମାନେ ମୁଖ୍ୟତଃ ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, କଳାହାଣ୍ଡି, ବଲାଙ୍ଗିର ଓ ଦେବଗଡ଼ ଆଦି ଜିଲ୍ଲାରେ ବସବାସ କରନ୍ତି ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ତେବେ ପ୍ରଶ୍ନ ଉଠୁଛି, ଝାରସୁଗୁଡ଼ା ଉପନିର୍ବାଚନ ପାଇଁ ନିର୍ବାଚନୀ ➤ ପୃ-୬

## ନିଶାଦ୍ରବ୍ୟ ଠାରୁ ଦୂରେଇ ରୁହ : ରାଷ୍ଟ୍ରପତି


**ବାରିପଦା (ବିଜୁ ସିଂ) :** ନିଶା ମଣିଷ ତଥା ଆଜିକାର ଯୁବପୀଢ଼ିଙ୍କୁ ପଥଭ୍ରଷ୍ଟ କରିଛି। ସେମାନଙ୍କୁ ଏଥିରୁ ମୁକୁଳାଇବାକୁ ହେଲେ ନିଶାମୁକ୍ତ ଭାରତ ନିହାତି ଜରୁରୀ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। ଯୁବପୀଢ଼ିଙ୍କୁ ପରାମର୍ଶ ଦେଇ ରାଷ୍ଟ୍ରପତି କହିଛନ୍ତି ଯେ ସମସ୍ତେ ଗୋଟିଏ ପ୍ରକାରର ସୁରାପାନ କରିବା ଉଚିତ, ତାହା ହେଉଛି ଆଧାତ୍ମିକ ସୁରା। ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୩ଦିନିଆ ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସି ପାଲାମ ଏୟାରପୋର୍ଟରୁ ଏକ ସ୍ୱତନ୍ତ୍ର ବିମାନ ଯୋଗେପଶ୍ଚିମବଙ୍ଗର କୋଲେଇକୁଣ୍ଡା ଏୟାରପୋର୍ଟରେ ଅବତରଣ କରି ସେଠାରୁ ଏକ ସ୍ୱତନ୍ତ୍ରଆଇଏଏଫ ଏମଆଇ-୧୭ ହେଲିକପ୍ଟରରେ ଦିନ ୧୦ଟା୧୫ ମିନିଟରେ ପ୍ରଥମେ ବାଦାମପାହାଡ଼ ଅସ୍ଥାୟୀ ହେଲିପ୍ୟାଡରେ ଅବତରଣ କରିଥିଲେ। ହେଲିପ୍ୟାଡରେ ମହାମହିମଙ୍କୁ ସ୍ୱାଗତ କରିବାପାଇଁ ଉପସ୍ଥିତ ଓଡ଼ିଶା ରାଜ୍ୟପାଳ ଗଣେଶୀ ଲାଲ, କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ସାରସକଣା ବିଜେପି ବିଧାୟକ ବୁଢାନ ମୁର୍ମୁ, ରାଇରଙ୍ଗପୁର ବିଜେପି ବିଧାୟକ ନବଚରଣ ମାଝି, ମୟୂରଭଞ୍ଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜ, ଏସପି ରଷିକେଶ ଦ୍ୟାନଦେଓ ଖିଲାରୀ ପ୍ରମୁଖ ପ୍ରୋଟୋକଲ ଅନୁଯାୟୀ ମହାମହିମଙ୍କୁ ସ୍ୱାଗତ ଜଣାଇବା ପରେ ରାଷ୍ଟ୍ରପତି ଚାଲିଚାଲି ହେଲିପ୍ୟାଡରୁ କାରକେଡ ପର୍ଯ୍ୟନ୍ତ ଯାଇଥିଲେ। ଉପସ୍ଥିତ ଜନତାଙ୍କୁ ହାତ ହଲାଇ ଶୁଭେଚ୍ଛା



ଜଣାଇଥିଲେ। ଗାଁ ଝିଅକୁ ରାଷ୍ଟ୍ରପତି ଭାବରେ ପ୍ରଥମ କରି ଦେଖିବାକୁ ହେଲିପ୍ୟାଡସ୍ଥଳ ତଥା କାରକେଡର ଉଭୟ ପାର୍ଶ୍ୱରେ ହଜାର ହଜାର ଲୋକ ଅପେକ୍ଷା କରିଥିଲେ। ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିବା ପାଇଁ ପାରମ୍ପରିକ ବାଦ୍ୟନୃତ୍ୟରେ ଗାଁ ଦାଣ୍ଡ ଉଚ୍ଛୁଳି ପଡ଼ିଥିଲା। ପ୍ରଥମେ ନିଜ ଶାଶୁଘର ଗାଁ ପାହାଡ଼ପୁରକୁ ଯାଇ ସେଠାରେ ଆଦିବାସୀଙ୍କର ପାରମ୍ପରିକ ପୂଜାସ୍ଥଳରେ ଅଧିଷ୍ଠିତ ଲିଟେ ଗୋସାଇଁଙ୍କ ନିକଟରେ ପୂଜା କରିଥିଲେ। ପୂର୍ବରୁ ରାଷ୍ଟ୍ରପତି ପ୍ରାର୍ଥୀ ଭାବରେ ଚୟନ ହେବା ପରେ ସେ ଏଠାରେ ପ୍ରଥମେ ପୂଜାକରି ମାନସିକ କରିଥିଲେ ଏବଂ ପ୍ରଥମଥର ଗାଁକୁ ଆସି ମାନସିକ ପୂରଣ କଲେ ବୋଲି ସମ୍ପର୍କୀୟ ତଥା ସ୍ଥାନୀୟ ଲୋକେ କହିଛନ୍ତି। ପରେ ପରେ ପାହାଡ଼ପୁର ଗାଁରେ ଥିବା ଦିବଂଗତ ସ୍ୱାମୀ ଶ୍ୟାମଚରଣ ମୁର୍ମୁଙ୍କ ➤ ପୃ-୬

### ମା' ପେଟରୁ ଶିଶୁଙ୍କୁ ମିଳିବ ସଞ୍ଜୀବନୀ

## ଗର୍ଭବତୀଙ୍କୁ ଦିଆଯିବ ସ୍ୱତନ୍ତ୍ର ଇଞ୍ଜେକସନ



**ଭୁବନେଶ୍ୱର :** ନୂଆ ଜୀବନ ପାଇବେ ସମୟ ପୂର୍ବରୁ ଜନ୍ମିତ ଶିଶୁ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଗବେଷଣା ଆଧାରରେ ଗର୍ଭବତୀ ମାଆଙ୍କୁ ମାଗଣାରେ ଦିଆଯିବ ଆଣ୍ଟି ନାଟାଲ୍ କର୍ଟିକୋ ଷ୍ଟେରଏଡ୍। ସ୍ୱାଭାବିକ ଭାବେ ଜଣେ ମାଆ ୩୭ ସପ୍ତାହରୁ ୪୦ ସପ୍ତାହ ଭିତରେ ସ୍ୱାଭାବିକ ଭାବେ ଶିଶୁକୁ ଜନ୍ମ ଦେଇଥାଏ। ଏବେ ୩୪ରୁ ୩୬ ସପ୍ତାହ ୫ ଦିନ ମଧ୍ୟରେ ଜନ୍ମ ହେବାକୁ ଥିବା ଶିଶୁର ମାଆଙ୍କୁ ପ୍ରିମାଚ୍ୟୁର୍ଡ ଶିଶୁଙ୍କ ପାଇଁ ହେବ ଗବେଷଣା। ସେମାନଙ୍କ ଫୁସଫୁସ୍ ସ୍ୱାଭାବିକ ଅବସ୍ଥାରେ ନଥିବାରୁ ଶ୍ୱାସ ପ୍ରଶ୍ୱାସ ନେବାରେ ଶିଶୁକୁ କଷ୍ଟ ହୋଇଥାଏ। ଶିଶୁଙ୍କର ମାଆ ଗର୍ଭରେ କିମ୍ବା ଜନ୍ମ ପରେ ➤ ପୃ-୬

### ହଜାରେ କୋଟି ଟଙ୍କାର କଳାପଥର ଲୁଟ୍ ଅଭିଯୋଗ

## ମୁଖ୍ୟ କାର୍ପଟଦାର କିଏ ?


**ଭୁବନେଶ୍ୱର :** ଯାଜପୁର ଜିଲ୍ଲାର ଧର୍ମଶାଳା ତହସିଲ ଅନ୍ତର୍ଗତ ବିଛାଖଣ୍ଡି ପାହାଡ଼ରୁ ପ୍ରାୟ ହଜାରେ କୋଟି ଟଙ୍କାର କଳାପଥର ଲୁଟ୍ ହୋଇଛି। ସ୍ଥାନୀୟ ବିଧାୟକଙ୍କ ଇଙ୍ଗିତରେ ତତ୍କାଳୀନ ଜିଲ୍ଲାପାଳ ରଞ୍ଜନ ଦାସ ଏହି ଲୁଟର ମୁଖ୍ୟ କାର୍ପଟଦାର ବୋଲି ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରା ଅଭିଯୋଗ କରିଛନ୍ତି। ଶାସକ ବିଜେଡି ସହ ସମ୍ପୃକ୍ତ ବ୍ୟକ୍ତିମାନେ ଖଣି ଲିଜ୍ ନେଇ ଏଭଳି ସଂଗଠିତ ଖଣି ଲୁଟ୍ କରୁଛନ୍ତି ଓ ଲୋକାୟୁକ୍ତଙ୍କ ପାଖରେ ଅଭିଯୋଗ ପରେ ଏସବୁ ତଥ୍ୟ ପଦାକୁ ଆସିପାରିଛି ବୋଲି ସୂଚନା ଅଧିକାର କର୍ମୀ ପ୍ରଦୀପ ପ୍ରଧାନ କହିଛନ୍ତି। ଶୁକ୍ରବାର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଅଧିକାର ଅଭିଯାନର ସଦସ୍ୟ ଶ୍ରୀ ପ୍ରଧାନ ଓ ଶ୍ରୀ ବେହୁରା କହିଛନ୍ତି ଯେ, ଯାଜପୁର ଜିଲ୍ଲାପାଳ ଥିବାବେଳେ ଆଇଏଏସ୍ ରଞ୍ଜନ ଦାସ ବିଛାଖଣ୍ଡି ପାହାଡ଼ରେ ଶହ ଶହ କୋଟି ଟଙ୍କାର କଳାପଥର ଦୁର୍ନୀତିରେ ସମ୍ପୃକ୍ତି ଥିଲେ। ଏବେ ତାଙ୍କୁ ସରକାର କିଭଳି ଶ୍ରୀଜଗନ୍ନାଥ ମନ୍ଦିରର ମୁଖ୍ୟ ପ୍ରଶାସକ ନିଯୁକ୍ତି କଲେ ତାହା ଆଶ୍ଚର୍ଯ୍ୟର କଥା। ବିଛାଖଣ୍ଡି କଳାପଥର ଖଣି ଖନନ ପାଇଁ ରଞ୍ଜନ ଦାସ ଖୋଲାଖୋଲି ଭାବେ ଲିଜଧାରୀଙ୍କୁ ସୁରକ୍ଷା ଏବଂ ସହଯୋଗ କରିଥିଲେ। ଲୋକାୟୁକ୍ତଙ୍କ ନିର୍ଦ୍ଦେଶରେ ମାମଲାର ତଦନ୍ତବେଳେ ରାଜ୍ୟ





ଭିଜିଲାନ୍ସ ଶ୍ରୀ ଦାସଙ୍କୁ ଅଭିଯୁକ୍ତ ଦର୍ଶାଇ ଏକ ନମ୍ବର ଅଭିଯୁକ୍ତ ଭାବେ ଚିତ୍ରଣ କରିଛି। ୮୯୦ ଏକର ପରିମିତ ଏହି ବିଛାଖଣ୍ଡି ସଂରକ୍ଷିତ ଜଙ୍ଗଲ ମଧ୍ୟରେ କଳାପଥର ଖଣି ଲିଜ୍ ଦେବାପାଇଁ କେନ୍ଦ୍ର ସରକାର କୌଣସି ଅନୁମତି ଦେଇନାହାନ୍ତି। ଖଣି ମାଫିଆମାନେ ବେଆଇନ ଭାବେ ଶହଶହ ଟନ୍ କଳାପଥର ଚୋରି କରୁଥିବା ନେଇ ଜିଲ୍ଲା ପ୍ରଶାସନକୁ ଡିଏଫଓ ଅବଗତ କରାଇବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରିଥିଲେ। ଉକ୍ତ ଅଞ୍ଚଳରେ ଖଣି ଖନନ ପାଇଁ କୌଣସି ବ୍ୟକ୍ତିଙ୍କୁ ଲିଜ୍ ଦିଆଯାଇ ନାହିଁ ଏବଂ ଯେଉଁ ଖଣି ଖନନ ଚାଲିଛି ତାହା ସମ୍ପୂର୍ଣ୍ଣ ବେଆଇନ ବୋଲି ଧର୍ମଶାଳା ତହସିଲ ସୂଚନା ଅଧିକାର ଆଇନରେ ତଥ୍ୟ ଦେଇଥିଲା। ବିଛାଖଣ୍ଡି ପାହାଡ଼ରେ ଚାଲିଥିବା କଳାପଥର ଚୋରିକୁ ବନ୍ଦ କରିବା ପାଇଁ ଜିଲ୍ଲା ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ଶ୍ରୀ ବେହୁରା ୨୦୨୧ ମସିହା ଫେବୃୟାରୀ ୮ ତାରିଖରେ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ ସହ ଏହାର ତଦନ୍ତ ପାଇଁ ଦାବି କରିଥିଲେ। ➤ ପୃ-୬

## କେନ୍ଦୁପତ୍ର ହିତାଧିକାରୀଙ୍କୁ ସହାୟତା



**ଭୁବନେଶ୍ୱର :** କେନ୍ଦୁପତ୍ର ହିତାଧିକାରୀମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦ୍ୱିତୀୟ ପର୍ଯ୍ୟାୟରେ ୧୧୧ କୋଟି ଟଙ୍କାର ସହାୟତା ଘୋଷଣା କରିଛନ୍ତି। ୨୦୨୨ ଫସଲ ବର୍ଷ ପାଇଁ ଏହି ସହାୟତା ମିଳିବ। ପୂର୍ବରୁ ପ୍ରଥମ ପର୍ଯ୍ୟାୟରେ ୮୩ କୋଟି ଟଙ୍କାର ସହାୟତା ହିତାଧିକାରୀଙ୍କ ବ୍ୟାଙ୍କ ଖାତାରେ ସିଧାସଳଖ ଜମା କରାଯାଇଛି। ଦୁଇଟି ପର୍ଯ୍ୟାୟକୁ ମିଶାଇ କେନ୍ଦୁପତ୍ର ହିତାଧିକାରୀମାନେ ୧୯୪ କୋଟି ଟଙ୍କାର ସହାୟତା ପାଇବେ, ଯାହା କି ଗୋଟିଏ ଫସଲ ବର୍ଷରେ ଏକ ସର୍ବକାଳୀନ ରେକର୍ଡ। ➤ ପୃ-୬

### ବକ୍ରବାଣୀ



କିଏ କହେ ତାକୁ ପାଇକ ପୁଅ
ଖାତିରି କରେନା କାହାକୁ ସିଏ
ସକାଳେ ଶୋଧେ ସେ ମିଡ଼ିଆ ଆଗେ
ବେଳ ବୁଡ଼ିଗଲେ ପ୍ରଶଂସା ଗାଏ
ପୁଅକୁ ଟିକଟ ଦବା ପାଇଁକି
କେତେ ନାଟ କରେ ବୁଢ଼ା ବୟସେ
ଆ ଥୁଉ କହି ପକେଇଲା ଛେପ
ଚାଟିଦିଏ ପୁଣି କେଡ଼େ ହରଷେ
ଚଉକି ମାୟାରେ ବାଇଆ ହେଇ
ମାନ ମହତକୁ ଦେଲାଣି ଖାଇ।

——— ଟୁଟୁ

## ପଞ୍ଚାୟତରେ ମିଳିବ ହାଇ ସ୍ପିଡ୍ ଇଣ୍ଟରନେଟ୍ ସେବା

### ଭାରତନେଟ୍ ପ୍ରକଳ୍ପ ପାଇଁ ସ୍ୱାକ୍ଷରିତ ହେଲା ତ୍ରିପାକ୍ଷିକ ଚୁକ୍ତିନାମା

**ଭୁବନେଶ୍ୱର :** ଇଣ୍ଟରନେଟ୍ ଅଭାବ ପାଇଁ ରାଜ୍ୟର ଦୁର୍ଗମ ଅଞ୍ଚଳରେ ରହୁଥିବା ଲୋକେ ସମସ୍ୟା ଭୋଗିବେ ନାହିଁ। ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଅଟକିବ ନାହିଁ। କାରଣ ଭାରତନେଟ ପ୍ରକଳ୍ପ ଦ୍ୱିତୀୟ ପର୍ଯ୍ୟାୟ ଅଧିନରେ ବିଭିନ୍ନ ଗ୍ରାମପଞ୍ଚାୟତକୁ ହାଇସ୍ପିଡ୍ ଇଣ୍ଟରନେଟ୍ ସେବା ଯୋଗାଇବା ପାଇଁ ଆଜି ଓପିଟିସିଏଲ୍, ଭାରତ ସଞ୍ଚାର ନିଗମ ଲିମିଟେଡ୍ (ବିଏସ୍ଏନ୍ଏଲ୍) ଏବଂ ଓଡ଼ିଶା କମ୍ପ୍ୟୁଟର୍ ଆପ୍ଲିକେସନ୍ ସେଣ୍ଟର (ଓକାକ୍) ମଧ୍ୟରେ ଏକ ତ୍ରିପାକ୍ଷିକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଏହି ପ୍ରକଳ୍ପ ଦ୍ୱାରା କେବଳ ବ୍ଲକ୍ ମୁଖ୍ୟାଳୟ ନୁହେଁ ବରଂ ରାଜ୍ୟର ଦୁର୍ଗମ ଅଞ୍ଚଳରେ ଥିବା ଗ୍ରାମପଞ୍ଚାୟତରେ ଦ୍ରୁତ ଇଣ୍ଟରନେଟ୍ ସେବା ଉପଲବ୍ଧ ହେବ। ଆଜିର ଯୁଗରେ ସବୁ ଜରୁରୀ କାର୍ଯ୍ୟରେ ଇଣ୍ଟରନେଟ୍‌ର ବହୁ ଆବଶ୍ୟକତା



ଥିବା ବେଳେ ଇଣ୍ଟରନେଟ୍ ଅଭାବ ବଡ଼ ବାଧକ ସୃଷ୍ଟି କରୁଛି। ବିଶେଷକରି ବ୍ୟାଙ୍କ, କୃଷି, ଶିକ୍ଷା, ସ୍ୱାସ୍ଥ୍ୟ ସମେତ ସାଧାରଣ କ୍ଷେତ୍ରରେ ସେବା ପାଇବା ପାଇଁ ଇଣ୍ଟରନେଟ୍‌ର ଯଥେଷ୍ଟ ଆବଶ୍ୟକତା ରହିଛି। ରାଜ୍ୟ ସରକାର '୫-ଟି' ଉପକ୍ରମ ଅଧୀନରେ ଯେଉଁ ସବୁ ଜନକୈନ୍ଦ୍ରିକ ଓ କଲ୍ୟାଣମୂଳକ ପଦକ୍ଷେପ ନେଇଛନ୍ତି ସେଥିରେ ଦ୍ରୁତ ଇଣ୍ଟରନେଟ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହି ଅବସରରେ ଉପସ୍ଥିତ ଥିବା ରାଜ୍ୟ ବୈଦ୍ୟୁତିକ ଓ ସୂଚନାପ୍ରଯୁକ୍ତି ବିଭାଗ ମନ୍ତ୍ରୀ ତୁଷାରକାନ୍ତି ବେହେରା କହିଥିଲେ, ଇଣ୍ଟରନେଟ୍ ଅଭାବ ପାଇଁ ଗ୍ରାମାଞ୍ଚଳ ବିଶେଷକରି ଦୂରଦୂରାନ୍ତରେ ରହୁଥିବା ଲୋକେ ସେବା ପାଇବାରୁ ବଞ୍ଚିତ ରହିବେ ନାହିଁ। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ପ୍ରତ୍ୟେକ ଗ୍ରାମରେ ଇଣ୍ଟରନେଟ୍ ସୁବିଧା ଉପଲବ୍ଧ ହେବ ଏବଂ ଲୋକମାନେ ସରକାରୀ ସୁବିଧାର ଲାଭ ପାଇପାରିବେ ବୋଲି ଶ୍ରୀ ବେହେରା ପ୍ରକାଶ କରିଥିଲେ। ଓପିଟିସିଏଲ୍ ଏବଂ ଓକାକ୍ର ମିଳିତ ଉଦ୍ୟମ ଫଳରେ ଧାର୍ଯ୍ୟ ସମୟ ଭିତରେ ଭାରତନେଟ୍-୧ ପ୍ରକଳ୍ପ ଶେଷ ହୋଇଥିବାରୁ ଉଭୟ ସଂସ୍ଥାଙ୍କୁ ମନ୍ତ୍ରୀ ପ୍ରଶଂସା କରିଥିଲେ। ବିଏସ୍ଏନ୍ଏଲ୍‌ର ମୁଖ୍ୟ ମହାପ୍ରବନ୍ଧକ ➤ ପୃ-୬

### ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ବଡ଼ ଘୋଷଣା

## କୋଭିଡ୍ ଆଉ ଜରୁରୀ ସ୍ୱାସ୍ଥ୍ୟ ସମସ୍ୟା ନୁହେଁ



**ନୂଆଦିଲ୍ଲୀ :** ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚଓ) କରୋନାକୁ ନେଇ ବଡ଼ ଘୋଷଣା କରିଛି। ଡବ୍ଲ୍ୟୁଏଚଓ କହିଛି ଯେ ଏବେ କରୋନା ବୈଶ୍ୱିକ ମହାମାରୀ ରହିଯାଇ ନାହିଁ। ଏନେଇ ଜରୁରୀକାଳୀନ କମିଟିର ୧୫ତମ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଡବ୍ଲ୍ୟୁଏଚଓ ମହାନିର୍ଦ୍ଦେଶକ ଡା. ଟେଡ୍ରୋସ କହିଛନ୍ତି, ଇମରଜେନ୍ସି କମିଟିର ୧୫ତମ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମୋତେ କୁହାଯାଇଥିଲା ଯେ, ବିଶ୍ୱ ମହାମାରୀ ତାଲିକାରୁ କୋଭିଡ-୧୯କୁ ହଟାଇବା ନେଇ ଘୋଷଣା କରିବାକୁ। ମୁଁ ସେମାନଙ୍କ ପରାମର୍ଶ ମାନିନେଇଛି। ଡବ୍ଲ୍ୟୁଏଚଓ କହିଛି ଯେ ୩୦ ଜାନୁଆରୀ ୨୦୨୦ରେ କରୋନାକୁ ବିଶ୍ୱ ମହାମାରୀ ବୋଲି ଘୋଷଣା କରାଯାଇଥିଲା। ଅବଶ୍ୟ ଡବ୍ଲ୍ୟୁଏଚଓ ସ୍ପଷ୍ଟ କରିଛି ଯେ କରୋନା ଏବେ ବି ଏକ ସ୍ୱାସ୍ଥ୍ୟ ସମସ୍ୟା ହୋଇ ରହିଛି। ଏଥିସହିତ ଡବ୍ଲ୍ୟୁଏଚଓ କହିଛି, କୋଭିଡ ଆମକୁ ବଡ଼ ଶିକ୍ଷା ଦେଇଛି। କୋଭିଡ ପୂର୍ବ ଜୀନବଶାଳୀକୁ ଫେରିପାରିବା ଅସମ୍ଭବ। ତେଣୁ ଏବେ ବି ସାବଧାନ ରହିବାର ଆବଶ୍ୟକତା ଅଛି। ଡବ୍ଲ୍ୟୁଏଚଓ ମୁତାବକ ଯେବେ କରୋନାକୁ ବିଶ୍ୱ ମହାମାରୀ ଘୋଷଣା କରାଗଲା ସେବେ ଚୀନରେ ୧୦୦ରୁ କମ୍ କରୋନା ମାମଲା ଥିଲା ଏବଂ କାହାର ପ୍ରାଣହାନୀ ଘଟିନଥିଲା । କିନ୍ତୁ ତିନି ବର୍ଷ ପରେ ମୃତ୍ୟୁ ସଂଖ୍ୟା ୭୦ ଲକ୍ଷରେ ପହଞ୍ଚିଯାଇଛି। ଆମକୁ ଲାଗୁଛି ଯେ ଏଥିରେ ପ୍ରାୟ ୨କୋଟି ଲୋକଙ୍କ ମୃତ୍ୟୁ ହୋଇଛି। ଡବ୍ଲ୍ୟୁଏଚଓ କହିଛି ଯେ କରୋନାକୁ ବିଶ୍ୱ ମହାମାରୀ ତାଲିକାରୁ ହଟାଇବାର ନିଷ୍ପତ୍ତି ଗତ ଏକ ବର୍ଷରେ ହୋଇଥିବା କୋଭିଡ ମାମଲାରେ ➤ ପୃ-୬






## କନ୍‌ସେନ୍‌ଟ୍ରିକ୍ସ କଷ୍ଟମର ଏକ୍ସପ୍ରିଏନ୍ସ ସେଣ୍ଟର ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ବିଶ୍ୱର ଅନ୍ୟତମ ପ୍ରମୁଖ ବୃତ୍ତିଗତ ସେବା ସଂସ୍ଥା କନ୍‌ସେନ୍‌ଟ୍ରିକ୍ସ କଷ୍ଟମର ଏକ୍ସପ୍ରିଏନ୍ସ ସେଣ୍ଟର (ସିସିଏସି)ର ନୂତନ ଶାଖାକୁ ରାଜଧାନୀ ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀ ନବୀନ ପଟନାୟକଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ରାଜ୍ୟରେ ବୃହତ୍ ପୁଞ୍ଜି ନିବେଶ ଲାଗି ଅନୁଷ୍ଠିତ ହୋଇଥିବା 'ମେକ୍ ଇନ୍ ଓଡ଼ିଶା' କନକ୍ଲେଭ ସମାବେଶ ସଫଳତାର ଏହା ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ। ନିକଟ ଅତୀତରେ ଆଇବିଏମ, ହାପ୍ପିଏଷ୍ଟ ମାଇଣ୍ଡସ୍ , ଡେଲଏଟ୍ର 'କାପାବିଲିଟି ଏନ୍‌ହାନ୍ସମେଣ୍ଟ ସେଣ୍ଟର' ଏବଂ କନ୍‌ସେନ୍‌ଟ୍ରିକ୍ସ ବିପିଓ କେନ୍ଦ୍ର ପ୍ରତିଷ୍ଠା ରାଜ୍ୟର ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଅଭିବୃଦ୍ଧି କ୍ଷେତ୍ରରେ ଏକ ସୁବର୍ଣ୍ଣ ଯୁଗର ଆରମ୍ଭ କରିଛି। ଏହି ଅବସରରେ ବୈଦ୍ୟୁତିକ ଓ ସୂଚନା ପ୍ରଯୁକ୍ତି ତଥା କ୍ରୀଡ଼ା ଓ ଯୁବ-କଲ୍ୟାଣ ଓ ଗୃହ ବିଭାଗ ମନ୍ତ୍ରୀ ତୁଷାରକାନ୍ତି ବେହେରା, ବୈଦ୍ୟୁତିକ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ପରାମର୍ଶଦାତା ଅନୁଭବ ପଟ୍ଟନାୟକ, ୫-ଟି ସଚିବ ଭି.କେ. ପାଣ୍ଡିଆନ୍, ଉଚ୍ଚଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ, ବୈଦ୍ୟୁତିକ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ପ୍ରମୁଖ ଶାସନ ସଚିବ ମନୋଜ କୁମାର ମିଶ୍ର, ବୈଦ୍ୟୁତିକ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ମାନସ ରଞ୍ଜନ ପଣ୍ଡା, ରମାଦେବୀ ବିଶ୍ୱବିଦ୍ୟାଳୟ ଉପ-କୁଳପତି ଅର୍ପିତା ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଭୁବନେଶ୍ୱରରେ କନ୍‌ସେନ୍‌ଟ୍ରିକ୍ସର ଏହି କଷ୍ଟମର ଏକ୍ସପିରିଏନ୍ସ ସେଣ୍ଟର ପ୍ରତିଷ୍ଠା ଫଳରେ ରାଜ୍ୟର ଅର୍ଥନୀତି ଅଧିକ ତ୍ୱରାନ୍ୱିତ ହୋଇପାରିବ ଏବଂ ଯୁବକଯୁବତୀମାନଙ୍କ ପାଇଁ ଉଚ୍ଚ-ବେତନଯୁକ୍ତ ଗୁରୁତ୍ୱପୂର୍ଣ୍ଣ ନିଯୁକ୍ତି ସୁଯୋଗମାନ ସୃଷ୍ଟି ହେବ। ଦୀର୍ଘ ୧୭ ବର୍ଷ ଧରି ନିରବଚ୍ଛିନ୍ନ ଭାବରେ ସମଗ୍ର ବିଶ୍ୱରେ କାର୍ଯ୍ୟ କରିଆସୁଥିବା ଏହି କମ୍ପାନି ହେଉଛି ପୃଥିବୀର ସର୍ବବୃହତ୍ ପେଶାଦାର ସେବା ଯୋଗାଣକାରୀ ସଂସ୍ଥା। ଅଧିକନ୍ତୁ 'ବ୍ରାଣ୍ଡ ଫାଇନାନ୍ସ' ପକ୍ଷରୁ ଏହାକୁ ବିଶ୍ୱର ବଳିଷ୍ଠତମ ତଥା ସର୍ବାଧିକ ମୂଲ୍ୟଯୁକ୍ତ ବାଣିଜ୍ୟିକ



ସେବା ବ୍ରାଣ୍ଡଭାବେ ସ୍ୱୀକୃତି ମିଳିଛି। ଭାରତ ସମେତ ବିଭିନ୍ନ ଦେଶରେ ଅବସ୍ଥାପିତ ଏହି କମ୍ପାନିର କେନ୍ଦ୍ରଗୁଡ଼ିକ 'ସର୍ବୋତ୍ତମ କାର୍ଯ୍ୟସ୍ଥଳୀ' ଭାବରେ ତାଲିକାଭୁକ୍ତ ହୋଇପାରିଛି। କନ୍‌ସେନଟ୍ରିକ୍ସ ଭୁବନେଶ୍ୱରରେ କଷ୍ଟମର ଏକ୍ସପେରିଏନ୍ସ ସେଣ୍ଟର ପ୍ରତିଷ୍ଠା କରିବା ସହିତ ମହିଳା ସଶକ୍ତିକରଣ ଓ ନିଯୁକ୍ତି ସୁଯୋଗ ସୃଷ୍ଟିପାଇଁ ଇତ୍ୟବସରରେ ଭୁବନେଶ୍ୱର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ସହିତ ଏକ ଚୁକ୍ତିନାମା ମଧ୍ୟ ସ୍ୱାକ୍ଷରିତ ହୋଇଥିଲା। ଏହି ଚୁକ୍ତିନାମା ଫଳରେ ବିଶ୍ୱବିଦ୍ୟାଳୟର ପରିସରରେ "କନ୍‌ସେନ୍‌ଟ୍ରିକ୍ସର ଏକ ଦକ୍ଷତା ବିକାଶ କେନ୍ଦ୍ର" ସ୍ଥାପନ କରାଯାଇ ଯୋଗ୍ୟା ଛାତ୍ରୀମାନଙ୍କୁ ବୃତ୍ତିଗତ ଦକ୍ଷତା ବୃଦ୍ଧି କରିବା ପାଇଁ ଆବଶ୍ୟକୀୟ ତାଲିମ ପ୍ରଦାନ କରାଯାଇ ନିଯୁକ୍ତି ପ୍ରଦାନ କରାଯିବ। ଏହି ଅବସରରେ ➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ** ଅଚାନକ ଦୂର ଯାତ୍ରା ଯୋଗ ଅଛି। ମୁଣ୍ଡବ୍ୟଥା ରୋଗ ହୋଇପାରେ। ପରିବାରରେ ଝଗଡା ହୋଇପାରେ। ଆୟ ଓ ବ୍ୟୟରେ ବୃଦ୍ଧି ହୋଇପାରେ। କାର୍ଯ୍ୟକ୍ଷେତ୍ରରେ ବ୍ୟସ୍ତ ରହିବେ। ପ୍ରେମୀଙ୍କ ମଧରେ ମତାନ୍ତର ହୋଇପାରେ।

**ବୃଷ** ରୋକିଥିବା କାମ ଗତିଶୀଳ ହେବ। ମତଲବି ବନ୍ଧୁଙ୍କ ଠାରୁ ଦୂରରେ ରହନ୍ତୁ। ଆଖିରେ ସମସ୍ୟା ହୋଇପାରେ। ଘର ପାଇଁ ଦାମିକା ବସ୍ତୁ କିଣିପାରନ୍ତି। କାର୍ଯ୍ୟ କ୍ଷେତ୍ରରେ ସଫଳତା ପାଇଷବ। ଜୀବନସାଥୀଙ୍କୁ ଉପହାର ଦେଇପାରନ୍ତି।

**ମିଥୁନ** କାର୍ଯ୍ୟକ୍ଷେତ୍ରରେ ଅଯଥା ଝଗଡା ହୋଇପାରେ। ଗଳାରେ ସମସ୍ୟା ହେବ। ପିତାମାତା ରୋଗରେ ପଡିପାରନ୍ତି। ଅଚାନକ ଧନପ୍ରାପ୍ତି ଯୋଗ ଅଛି। ପ୍ରେମୀଙ୍କ ସହିତ ଭ୍ରମଣରେ ଯାଇପାରନ୍ତି।

**କର୍କଟ** ଗଜକେଶରୀ ଯୋଗ ଅଛି। ପୁରୁଣା କାମରୁ ମୁକ୍ତି ମିଳିବ। ଦୁଇଟି ଧନପ୍ରାପ୍ତି ଯୋଗ ଅଛି। କାର୍ଯ୍ୟକ୍ଷେତ୍ରରେ ସହଯୋଗ ବଢ଼ିବ। ଉଦ୍ଧାର ଦିଅନ୍ତୁ ନାହିଁ। ଜୀବନସାଥୀଙ୍କର ହାଡ ଜନିତ ସମସ୍ୟା ହୋଇପାରେ।

**ସିଂହ** ପରିଶ୍ରମର ଫଳ ପାଇବେ। ପରିବାରରେ ଶାନ୍ତି ରହିବ ଓ ଉଲାସରେ କଟିବ। ସନ୍ତାନଙ୍କ ସ୍ୱାସ୍ଥ ବିଗିଡିପାରେ। ଖର୍ଚ୍ଚ ବଢ଼ିବ। ନୂଆ ଚାକରି ଅଛି। ଦାମ୍ପତ୍ୟ ସନ୍ତୋଷ ଜନକ।

**କନ୍ୟା** ଆଣ୍ଠୁଗଣ୍ଠି କଷ୍ଟ ଓ ପୁରୁଣା ରୋଗର ସମସ୍ୟା ରହିବ। ପାରିବାରିକ ଅସ୍ଥିର ରହିବ। ଧନଲାଭ ଯୋଗ ଅଛି। ବାହାନ ଚଳାଇବା ସମୟରେ ସାବଧାନ ରହନ୍ତୁ। ଉଭୟ ଜୀବନସାଥୀଙ୍କ ପାଇଁ ସୁଖ ସମୟ।

**ତୁଳା** କାମର ଚାପ ବଢ଼ିବ। କୌଣସି ସୁଖ ଖବର ପାଇବେ। ପେଟରେ ସମସ୍ୟା ରହିପାରେ। ଆୟ ଓ ବ୍ୟୟ ସମାନ ରହିବ। କାର୍ଯ୍ୟକ୍ଷେତ୍ରରେ ସମ୍ମାନିତ ହେବେ। ଜୀବନସାଥୀଙ୍କୁ ସହଯୋଗ କରନ୍ତୁ।

**ବିଛା** ଅଚାନକ ଧନପ୍ରାପ୍ତି ଯୋଗ ଅଛି। କାର୍ଯ୍ୟକ୍ଷେତ୍ରରେ ସହଯୋଗ ପାଇବେ। ଭ୍ରମଣ ଯୋଗ ଅଛି। ଜୀବନସାଥୀଙ୍କ ସହ ସମ୍ପର୍କ ବଢ଼ିବ। ନୂତନ ଯାନ କ୍ରୟ କରିପାରନ୍ତି। ଆୟ ତୁଳନାରେ ବ୍ୟୟ ଅଧିକ ରହିବ।

**ଧନୁ** ଦୂରଯାତ୍ରା ପାଇଁ ମନ ବଳାଇବେ। ଜିନିଷ କିଣାରେ ଧନ ଖର୍ଚ୍ଚ କରିବେ। ଶ୍ୱଶୁର ଘର ଲୋକଙ୍କ ଶରୀର ବିଗିଡିପାରେ। ଅନାବଶ୍ୟକ ଲୋକଙ୍କ ସହ ସମୟ କଟାନ୍ତୁ ନାହିଁ। ଜୀବନସାଥୀଙ୍କୁ ଉପହାର ଦେବେ।

**ମକର** ଗାଡି ଚଳାଇବା ବେଳେ ସାବଧାନ ରହନ୍ତୁ। ଧନ ସ୍ଥିତି ଉତ୍ତମ ରହିବ। କାର୍ଯ୍ୟକ୍ଷେତ୍ରରେ ପଦୋନ୍ନତି ଯୋଗ ଅଛି। ପ୍ରେମୀଙ୍କର ଅନ୍ୟ ସହିତ ଝଗଡା ହୋଇପାରେ। ବିଦେଶ ଭ୍ରମଣ ଯୋଗ ଅଛି।

**କୁମ୍ଭ** ସବୁ ସ୍ଥାନରେ ବିବାଦ ହୋଇପାରେ। ଶାନ୍ତ ରହନ୍ତୁ। ଖର୍ଚ୍ଚ ବଢ଼ିବ। କାର୍ଯ୍ୟ କ୍ଷେତ୍ରରେ ବିବାଦ ହୋଇପାରେ। ଜୀବନସାଥୀଙ୍କ ପାଇଁ ସମୟ କଠିନ ରହିବ। ଗୃହରେ ଶାନ୍ତି ବଜାୟ ରହିବ। ବିଦେଶ ଭ୍ରମଣ ଯୋଗ ଅଛି। ନୂତନ ଗାଡି କ୍ରୟ କରିପାରନ୍ତି।

**ମୀନ** ହଠାତ୍ ଶାରୀରିକ କଷ୍ଟ ହୋଇପାରେ। ଧନ ସ୍ଥିତ ବହୁତ ଭଲ ଯୋଗ ଅଛି। ତୀର୍ଥ ଯାତ୍ରା ଯୋଗ ଅଛି। ନୂଆ ଚାକିରି ବା ପଦୋନ୍ନତି ଯୋଗ ଅଛି। ଦମ୍ପତ୍ତିମାନେ ଉତ୍ତମୟ ସମୟ କଟାଇବେ। ପ୍ରେମୀ ମାନଙ୍କ ପାଇଁ ଉତ୍ତମ ସମୟ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# ଏସିଆର ସବୁଠୁ ସ୍ୱଚ୍ଛ ଗାଁ ମାଓ୍ୱଲାଙ୍ଗ

**ନୂଆଦିଲ୍ଲୀ:** ଭାରତରେ ଏଭଳି ଏକ ଗାଁ ରହିଛି ଯାହାକୁ ଦେଶର ସବୁଠୁ ସ୍ୱଚ୍ଛ ଗାଁ ବୋଲି କୁହାଯାଏ। ଖାଲି ଏତିକି ନୁହେଁ ଏହି ଗାଁକୁ ଏସିଆର ସବୁଠୁ ସ୍ୱଚ୍ଛ ଗାଁର ଆଖ୍ୟା ମଧ ମିଳିଛି। ଗାଁର ନାଁ ହେଉଛି ମାଓ୍ୱଲାଙ୍ଗ। ମେଘାଳୟର ପୂର୍ବ ଖାସି ପାହାଡରେ ରହିଥିବା ଏହି ଗାଁର ସୌନ୍ଦର୍ଯ୍ୟକୁ ଇଶ୍ୱରଙ୍କ ଅବଦାନ ବୋଲି କୁହାଯାଇପାରେ। ମେଘାଳୟର ମାଓ୍ୱଲାଙ୍ଗ ସବୁଠାରୁ ସ୍ୱଚ୍ଛ ଗାଁ ରୂପେ ପରିଚୟ ପାଇଛି। ୨୦୦୩ରେ ଏହି ଗାଁକୁ ଏସିଆର ଓ ୨୦୦୫ରେ ଭାରତର ସବୁଠାରୁ ସ୍ୱଚ୍ଛ ଗାଁ ଭାବେ ଘୋଷିତ କରାଯାଇଥିଲା। ନିଜର ଏହି ବିଶେଷତା ପାଇଁ ଏହି ଗାଁ ବିଶ୍ୱ ମାନଚିତ୍ରରେ ଏକ ଖାସ ସ୍ଥାନ ସୃଷ୍ଟି କରିପାରିଛି।ମେଘାଳୟର ରାଜଧାନୀ ସିଲଂ ଏବଂ ଭାରତ ଓ ବାଙ୍ଗଲାଦେଶ ସୀମା ଠାରୁ ପ୍ରାୟ ୯୦ କିଲୋମିଟର ଦୂରତାରେ ଅବସ୍ଥିତ ଏହି ଗାଁ। ଏହି ଛୋଟ ଗାଁ ଟିରେ ପ୍ରାୟ ୫୦୦ ଲୋକ ବାସ କରନ୍ତି। ଯାହା ମଧ୍ୟରୁ ପ୍ରାୟ ୯୫ ପ୍ରତିଶତ ଖାସି ଜନଜାତିର ଲୋକ ଅଛନ୍ତି। ନିଜ ସ୍ୱଛତା ପାଇଁ ପ୍ରସିଦ୍ଧି ଲାଭ କରିଥିବା ଏହି ଗାଁରେ ପଲିଥିନକୁ ସମ୍ପୂର୍ଣ ରୂପେ ବର୍ଜନ କରାଯାଇଛି। ଏଠାରେ ଅବ୍ୟବହୃତ ଜିନିଷକୁ ଏକ ବଡ଼ ଗାଡ଼ରେ ପକାଇ ଖାତ ପ୍ରସ୍ତୁତ କରାଯାଏ। ଗାଁର କୌଣସି ବି ବ୍ୟକ୍ତି ପ୍ଲାଷ୍ଟିକ ନିର୍ମିତ ସାମଗ୍ରୀ ବ୍ୟବହାର କରିନଥାନ୍ତି। ଡଷ୍ଟବିନଠାରୁ ଆରମ୍ଭ କରି ଘର ପର୍ଯ୍ୟନ୍ତ ସବୁ ବାଉଁଶରେ ପ୍ରସ୍ତୁତ ହୋଇଥାଏ। ଏମିତିକି ବଜାରକୁ ଗଲେ ସାଙ୍ଗରେ କପଡ଼ା ବ୍ୟାଗ



ନେଇଥାନ୍ତି ଗ୍ରାମବାସୀ। ଏମିତିକି ଏହି ଗାଁ କୌଣସି ପର୍ଯ୍ୟଟନ ସ୍ଥଳୀରୁ ମଧ କିଛି କମ ନୁହେଁ। ପ୍ରତି ବର୍ଷ ଦୂର ଦୁରାନ୍ତରୁ ବହୁ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି। ଏହି ଗାଁର ଅନ୍ୟତମ ଆକର୍ଷଣ ହେଉଛି ବ୍ରିଜ। ଏଠାକାର ବ୍ରିଜଗୁଡ଼ିକ ପଥର କିମ୍ବା କଂକ୍ରିଟରେ ନିର୍ମାଣ ନକରାଯାଇ ଗଛର ଚେରରେ ପ୍ରସ୍ତୁତ କରାଯାଇଥାଏ। ଆଉ ଏହି ବ୍ରିଜକୁ ବ୍ୟବହାର କରନ୍ତି ଗ୍ରାମବାସୀ। ତେବେ ଏଠାକାର ଜଙ୍ଗଲ ଓ ଜଳପ୍ରପାତର ଦୃଶ୍ୟ ମଧ ଖୁବ୍ ଆକର୍ଷଣୀୟ। ମାଓ୍ୱଲାଙ୍ଗ ବାସୀ କଂକ୍ରିଟ ଘର ବଦଳରେ ବାଉଁଶ ତିଆରି ଘରେ ହିଁ ରହିଥାନ୍ତି। ଖାଲି ଏତିକି ନୁହେଁ ଏଠାରେ ସଡ଼କ ଓ ସାର୍ବଜନୀନ ସ୍ଥାନରେ ଛେପ ପକାଇବାକୁ ମଧ ବାରଣ କରାଯାଇଛି। ତେବେ ଏହି ଗାଁର ଅନ୍ୟଏକ ଖାସ୍ କଥା ହେଉଛି, ଗାଁର ପିଲାମାନଙ୍କୁ ମା'ଙ୍କ ସରନେମ୍ ମିଳିଥାଏ। ଏପରିକି ମା'ଙ୍କ ସମ୍ପତ୍ତି ଘରର ସାନ ଝିଅକୁ ଦେବାର ପରମ୍ପରା ରହିଛି। ଏଠାରେ ୮୫ ଫୁଟ୍ ଉଚ୍ଚର ଟାଓ୍ୱାର ରହିଛି, ଯେଉଁଠି ଚଢିଲେ ଆପଣଙ୍କୁ ବାଙ୍ଗଲାଦେଶର କିଛି ଅଂଶ ମଧ ଦେଖାଯିବ।

# ମୁକ୍ତ ସାମ୍ବାଦିକତା କ୍ଷେତ୍ରରେ ଭାରତ ଅତ୍ୟନ୍ତ ସଙ୍ଗୀନ ଦେଶ

**ନୂଆଦିଲ୍ଲୀ :** ମୁକ୍ତ ସାମ୍ବାଦିକତା କ୍ଷେତ୍ରରେ ଭାରତ ଏକ ଅତ୍ୟନ୍ତ ସଙ୍ଗୀନ ଦେଶ। ରିପୋର୍ଟର୍ସ ୱିଦାଉଟ୍ ବଡର୍ସ ପକ୍ଷରୁ ପ୍ରକାଶ ପାଇଥିବା ବିଶ୍ୱ ଫ୍ରୀଡମ୍ ଇଣ୍ଡେକ୍ସ ତାଲିକାରେ ଭାରତ ଅତ୍ୟନ୍ତ ସଙ୍ଗୀନ ସ୍ଥିତିରେ। ପ୍ରତିବର୍ଷ ୧୮୦ ଦେଶକୁ ନେଇ ହେଉଥିବା ସର୍ଭେରେ ଏଥର ଭାରତ ୧୬୧ ନମ୍ବର ସ୍ଥାନରେ ରହିଛି। ୨୦୨୨ରେ ୧୫୦ ତମ ସ୍ଥାନରେ ଥିବା ଭାରତ ଏଥର ପୁଣି ତଳକୁ ଖସିଛି। ୩୬.୬୨ ପ୍ରତିଶତ ସ୍କୋର ସହ ଭାରତ ୧୬୧ ତମ ସ୍ଥାନରେ ଥିବା ବେଳେ ଏହା ଉପରକୁ ପାକିସ୍ତାନ ୧୫୦ ତମ ସ୍ଥାନରେ ବେଳେ ଆଫଗାନିସ୍ତାନ ୧୫୨, ସୁଦାନ ୧୪୮ ସ୍ଥାନରେ ରହିଛି। ନରଓ୍ୱେ ଏକ ନମ୍ବର ସ୍ଥାନରେ ଥିବା ବେଳେ ଚୀନ୍ ଶେଷରେ ଅଛି। ବିଭିନ୍ନ କାରଣ ଯୋଗୁଁ ଭାରତ ପ୍ରେସ୍ ସ୍ୱାଧୀନତା ତାଲିକାରେ ତଳକୁ ଖସୁଛି ବୋଲି ବିଶେଷଜ୍ଞ ମତ ରଖିଛନ୍ତି। ୨୦୧୩ରୁ ବିଶ୍ୱ ପ୍ରେସ ଫ୍ରିଡମ ରିପୋର୍ଟ ପ୍ରକାଶିତ ହେଉଛି। ୨୦୨୩ରେ ପ୍ରେସ୍ ସ୍ୱାଧୀନତା ପାଇଁ ଭଲ ଦେଶ ତାଲିକାରେ ୮ଟି ଦେଶ ଥିବା ବେଳେ ସନ୍ତୋଷଜନକ ତାଲିକାରେ ୪୪ଟି ଦେଶ ଅଛନ୍ତି। ପ୍ରେସ୍ ପାଇଁ ସମସ୍ୟାବହୁଳ ଦେଶ ତାଲିକାରେ ୫୫ଟି ଥିବା ବେଳେ, କଷ୍ଟକର ସ୍ଥିତି ତାଲିକାରେ ୪୨ଟି ଏବଂ ଅତି ସଙ୍ଗୀନ ସ୍ଥିତି ତାଲିକାରେ ୩୧ଟି ଦେଶ ରହିଛି। ତାଲିକାରେ ସର୍ବାଗ୍ରେ ନରଓ୍ୱେ ଥିବା ବେଳେ ଏହା ପଛକୁ ଆୟାର୍ଲାଣ୍ଡ, ଡେନମାର୍କ, ସ୍ୱିଡେନ, ଫିନଲ୍ୟାଣ୍ଡ ରହିଛି। ଭାରତରେ ପ୍ରାୟ ୧ ଲକ୍ଷ ଖବରକାଗଜ ଥିବା ବେଳେ ୩୮୦ଟି ଟିଭି ଚ୍ୟାନେଲ କାମ କରୁଛି। ଗୋଟିଏ କର୍ପୋରେଟ କମ୍ପାନୀ ହାତରେ ୮୦ କୋଟି ଲୋକ ଦେଖୁଥିବା ୭୦ଟି ମିଡିଆ ହାଉସ ଅଛି। ୨୦୧୪ରେ ଭାରତ ୧୪୦ତମ ସ୍ଥାନରେ ଥିବା ବେଳେ ଗତ ୯ ବର୍ଷ ଭିତରେ ସ୍ଥିତି ଆହୁରି ଖରାପ ଆଡ଼କୁ ଯାଇଛି। ୨୦୨୨ ପ୍ରେସ ଫ୍ରିଡମ ଇଣ୍ଡେକ୍ସରେ ଶ୍ରୀଲଙ୍କା ୧୪୬ରୁ ଏଥର ୧୩୫କୁ, ପାକିସ୍ତାନ ୧୫୭ରୁ ଏଥର ୧୫୦କୁ ଉନ୍ନୀତ ହୋଇଥିବା ବେଳେ ଭାରତ ୧୫୦ ସ୍ଥାନରୁ ଏଥର ୧୬୧ ସ୍ଥାନକୁ ଖସିଛି।

## ପାର୍ଲାମେଣ୍ଟ ଏଷ୍ଟିମେଟ୍ କମିଟିରେ ଓଡ଼ିଶାର ତିନି ସାଂସଦ



**ନୂଆଦିଲ୍ଲୀ :** ଲୋକସଭା ଏଷ୍ଟିମେଟ୍ କମିଟିରେ ଓଡ଼ିଶାର ତିନି ସାଂସଦ ସାମିଲ ହୋଇଛନ୍ତି। ଏମାନେ ହେଲେ ବିଜେପିର ଜୁଏଲ ଓରାମ, ସଙ୍ଗୀତା କୁମାରୀ ସିଂହଦେଓ ଏବଂ ବିଜେଡିର ପିନାକୀ ମିଶ୍ର। ଲୋକସଭା ସଚିବାଳୟ ପକ୍ଷରୁ ପ୍ରକାଶିତ ବୁଲେଟିନ୍ ଅନୁସାରେ ୨୦୨୩-୨୪ ବର୍ଷ ପାଇଁ ଏଷ୍ଟିମେଟ୍ କମିଟିକୁ ସଦସ୍ୟ ଭାବେ ୨୯ ଜଣ ସାଂସଦ ମନୋନୀତ ହୋଇଛନ୍ତି। ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ଦ୍ୱାରା ଏଷ୍ଟିମେଟ କମିଟିର ଅଧକ୍ଷ ଭାବେ ସଂଜୟ ଜୟସ୍ୱାଲଙ୍କୁ ମନୋନୀତ କରାଯାଇଛି। ସେହିଭଳି କଂଗ୍ରେସ ସାଂସଦ ଅଧୀର ରଞ୍ଜନ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଗଠିତ ୨୨ ଜଣିଆ ପବ୍ଲିକ୍ ଆକାଉଣ୍ଟସ୍ କମିଟିକୁ ସଦସ୍ୟ ଭାବେ ଓଡ଼ିଶାର ଦୁଇ ଜଣ ସାଂସଦ ମନୋନୀତ ହୋଇଛନ୍ତି। ସେମାନେ ହେଲେ ବିଜେଡିର ଭର୍ତ୍ତୃହରି ମହତାବ ଓ ବିଜେପିର ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ। କମିଟିର କାର୍ଯ୍ୟକାଳ ମେ ୧, ୨୦୨୩ରୁ ଆରମ୍ଭ ହୋଇ ଏପ୍ରିଲ ୩୦, ୨୦୨୪ ରେ ଶେଷ ହେବ। ଲୋକସଭା ସଚିବାଳୟ ପକ୍ଷରୁ ଜାରି ବୁଲେଟିନ୍‌ରେ ଏହା ଉଲ୍ଲେଖ କରାଯାଇଛି।

## 'ପାସୱାର୍ଡ' ମାଗିବା ବନ୍ଦ କରିବ ଗୁଗୁଲ୍




**ନୂଆଦିଲ୍ଲୀ :** ବିଶ୍ୱସ୍ତରୀୟ ଇଣ୍ଟରନେଟ୍ କଂପାନି ଗୁଗୁଲ୍ ପାସୱାର୍ଡ ବ୍ୟବହାରକୁ ବନ୍ଦ କରିବା ଉପରେ କାମ କରୁଛି। ପାସୱାର୍ଡ ସ୍ଥାନରେ ଏହା ପାସକି' ବ୍ୟବସ୍ଥା ଲାଗୁ କରିବ ଯାହା ମୁଖମଣ୍ଡଳ ଚିହ୍ନଟ କିମ୍ବା ଫିଙ୍ଗରପ୍ରିଣ୍ଟ୍ ଭଳି ବାୟୋମେଟ୍ରିକ୍ ତଥ୍ୟ ଆଧାରରେ କାମ କରିବ। ଲୋକମାନେ ଚାହିଲେ ଫୋନ୍‌ର ସ୍କ୍ରିନ୍ ଲକ୍ ଭଳି ପିନ୍ କିମ୍ବା ପାଟର୍ଣ୍ଣ ବ୍ୟବହାର କରିପାରିବେ। ଏହି ବ୍ୟବସ୍ଥା ଲାଗୁ ହେବା ପରେ ବିଭିନ୍ନ ଆକାଉଣ୍ଟ୍ ଲାଗି ଲୋକମାନଙ୍କୁ ଆଉ ଭିନ୍ନ ଭିନ୍ନ ପାସୱାର୍ଡ ମନେ ରଖିବାକୁ ପଡ଼ିବନି।

# ଖାଇବା ତେଲ ଦାମ୍ ୬% କମିବ

**ନୂଆଦିଲ୍ଲୀ :** ଖାଇବା ତେଲ ଆହୁରି ଶସ୍ତା ହେବ। ଆନ୍ତର୍ଜାତିକ ବଜାରରେ ଦାମ୍ କମୁଥିବାରୁ ଦେଶରେ ଭିତରେ ବିକ୍ରି ହେଉଥିବା ତେଲର ଏମ୍‌ଆରପି କମ୍ କରିବା ଲାଗି ସରକାର ତେଲ କଂପାନିଗୁଡ଼ିକୁ କହିଛନ୍ତି। ରୋଷେଇରେ ବ୍ୟବହାର ହେଉଥିବା ତେଲ ମୂଲ୍ୟରେ ୬ ପ୍ରତିଶତ ହ୍ରାସ ହେବ ବୋଲି ଜଣାପଡ଼ିଛି। ଫର୍ଚୁନ୍ ବ୍ରାଣ୍ଡ ନାମରେ ଖାଇବା ତେଲ ବିକ୍ରି କରୁଥିବା ଆଦାନି ୱିଲ୍ମାର୍ ଓ ଫ୍ରିଡମ୍ ବ୍ରାଣ୍ଡର ତେଲ ବିକ୍ରି କରୁଥିବା ଜେମିନି ଏଡିବଲ୍ ଆଣ୍ଡ ଫ୍ୟାଟ୍ସ ଇଣ୍ଡିଆ ପକ୍ଷରୁ ଖାଇବା ତେଲର ଲିଟର ପିଛା ଦାମ୍‌ରେ ୫ ଟଙ୍କା ଭଳି ହ୍ରାସ କରାଯିବ। ଖାଇବା ତେଲ ଦାମ୍ କମ୍ କରିବା ଲାଗି ସଦସ୍ୟମାନଙ୍କୁ କହିବାକୁ ନିକଟରେ କେନ୍ଦ୍ର ସରକାରଙ୍କ ଖାଦ୍ୟ ଓ ଉପଭୋକ୍ତା ବ୍ୟାପାର ବିଭାଗ ପକ୍ଷରୁ ସୋଲଭେଣ୍ଟ୍ ଏକ୍ସଟ୍ରାକ୍ଟର୍ସ



ଆସୋସିଏସନ (ଏସ୍‌ଇଏ)କୁ କୁହାଯାଇଥିଲା। ତେଲ ଦର ହ୍ରାସର ଲାଭ ଗ୍ରାହକଙ୍କ ନିକଟରେ ପହଞ୍ଚାଇବା ଲାଗି ପଦକ୍ଷେପ ନେବାକୁ ବିଭାଗ କହିଥିଲା। ସଂଘ ପକ୍ଷରୁ ସଦସ୍ୟମାନଙ୍କୁ କୁହାଯାଇଛି ଯେ ଅତୀତରେ ପ୍ୟାକେଟ୍ରେ ବିକ୍ରି ହେଉଥିବା ତେଲର ଏମ୍‌ଆରପି କମିଥିଲା। କିନ୍ତୁ ଏବେ ଯେଉଁ ଦାମ୍ ରହିଛି ତାହା ଆନ୍ତର୍ଜାତିକ ବଜାର ଦର ଅନୁସାରେ ଠିକ୍ ନାହିଁ। ଏହା ସାମାନ୍ୟ ଅଧିକ ରହିଛି। ଗତ ତିନି ମାସରେ ଏମ୍‌ଆରପିରେ କେଉଁ କଂପାନି କେତେ ହ୍ରାସ କରିଛନ୍ତି ତାହା ଜଣାଇବା ଲାଗି ସଂଘ ଏହାର ସଦସ୍ୟମାନଙ୍କୁ କହିଛି। ସେହି ତଥ୍ୟ ଉପଭୋକ୍ତା ବ୍ୟାପାର ବିଭାଗକୁ ଦିଆଯିବ। ଭାରତ ଏହାର ୬୦ ପ୍ରତିଶତ ଖାଇବା ତେଲ ଆମଦାନି କରୁଛି। ଏହା ହେଉଛି ବିଶ୍ୱର ଦ୍ୱିତୀୟ ବୃହତ ଖାଇବା ତେଲ ବ୍ୟବହାରକାରୀ। ଗତ ଛଅ ମାସରେ ବିଶେଷ କରି ୬୦ ଦିନ ଭିତରେ ଆନ୍ତର୍ଜାତିକ ବଜାରରେ ଖାଇବା ତେଲ ଯେତିକି ଶସ୍ତା ହୋଇଛି, ଭାରତୀୟ ବଜାରରେ ତାହାର ପ୍ରତିଫଳନ ଦେଖିବାକୁ ମିଳିନାହିଁ। ରେକର୍ଡ ପରିମାରର ବାଦାମ, ସୋୟା ଓ ସୋରିଷ ଅମଳ ହୋଇଥିବା ବେଳେ ସେହି ଅନୁସାରେ ତେଲ ଦାମ୍ କମିନାହିଁ ବୋଲି ସଂଘର ସଭାପତି ଅଜୟ ଝୁନ୍‌ଝୁନ୍‌ଓ୍ୱାଲା କହିଛନ୍ତି।

# ବୁଲାକୁକୁର ସଂଖ୍ୟା ବୃଦ୍ଧିର କାରଣ ଅନୁଧ୍ୟାନ ହେବ

**ନୂଆଦିଲ୍ଲୀ :** ଦେଶରେ ବୁଲା କୁକୁରମାନଙ୍କ ସଂଖ୍ୟା ବୃଦ୍ଧି ସହ ଏମାନେ ଆତଙ୍କ ସୃଷ୍ଟି କରୁଛନ୍ତି। କେନ୍ଦ୍ର ମତ୍ସ୍ୟପାଳନ, ପଶୁ ସଂପଦ ଓ ଦୁଗ୍ଧ ମନ୍ତ୍ରାଳୟ ସୂତ୍ର ଅନୁସାରେ ଯେଉଁ ସବୁ ରାଜ୍ୟରେ ବୁଲା କୁକୁରମାନଙ୍କ ସଂଖ୍ୟା ବୃଦ୍ଧି ହୋଇଛି ସେସବୁ ରାଜ୍ୟମାନଙ୍କରେ ସଂଖ୍ୟା ବୃଦ୍ଧିର କାରଣ ଅନୁଧ୍ୟାନ କରାଯିବ। ସେହି ସବୁ ରାଜ୍ୟମାନଙ୍କରେ କୁକୁର ବନ୍ଧ୍ୟାକରଣ ଅଭିଯାନ ବାସ୍ତବ ସ୍ଥିତିର ମଧ ଅଧ୍ୟୟନ ହେବ। ଯେଉଁ ମାଲିକମାନେ ସେମାନଙ୍କ ପାଳିତ କୁକୁରକୁ ରାସ୍ତାରେ ବେସାହାରା ଛାଡ଼ିଦେଇଛନ୍ତି ସେମାନଙ୍କୁ ଚିହ୍ନଟ କରିବାକୁ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି। ଆଇନ ଅନୁସାରେ ଏହି ସବୁ ଲୋକମାନଙ୍କୁ ଛଅ ମାସରୁ ବର୍ଷେ ପର୍ଯ୍ୟନ୍ତ କାରାଦଣ୍ଡ ବ୍ୟବସ୍ଥା ରହିଛି। କେନ୍ଦ୍ର ମତ୍ସ୍ୟ



ପାଳନ, ପଶୁ ସଂପଦ ଓ ଦୁଗ୍ଧ ମନ୍ତ୍ରାଳୟ ପକ୍ଷରୁ ପ୍ରତି ୫ ବର୍ଷରେ ଥରେ ପଶୁମାନଙ୍କ ଗଣନା କରାଯାଇଥାଏ। ୨୦୧୯ ଗଣନା ଅନୁସାରେ ବୁଲା ପଶୁମାନଙ୍କ ସଂଖ୍ୟା ୨ କୋଟି ୩ ଲକ୍ଷ ଥିଲା। ଏଥି ମଧ୍ୟରୁ ବୁଲା କୁକୁର ସଂଖ୍ୟା ଥିଲା ୫୩ ଲକ୍ଷ। ଓଡ଼ିଶା ସମେତ ୨୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଂଚଳରେ ବୁଲା କୁକୁରମାନଙ୍କ ସଂଖ୍ୟା ବୃଦ୍ଧି ହୋଇଥିବା ଗଣନାରୁ ଜଣାପଡ଼ିଥିଲା।

# ଗାଁରେ ଯାଇ କାମ ଖୋଜିବାକୁ ଯୁବପିଢିଙ୍କୁ ଚୀନ୍ ସରକାରଙ୍କ ଚେତାବନୀ

**ବେଜିଂ:** ବେକାରୀଙ୍କୁ ସରକାର ନିଯୁକ୍ତି ଦେବାକୁ ଭାରତରେ ଦାବି ହେବା ସ୍ୱାଭାବିକ କଥା। ମାତ୍ର ଚୀନର ସବୁଠାରୁ ଧନୀ ପ୍ରଜାତନ୍ତ୍ରରେ କରାଯାଇଥିବା ନୂଆ ନିୟମ ସମସ୍ତଙ୍କୁ କରିଛି ଆଶ୍ଚର୍ଯ୍ୟ। ଦେଶରେ ବେକାରୀ ଯଥେଷ୍ଟ ବୃଦ୍ଧି ପାଇଥିବାବେଳେ ଗୁଆଙ୍ଗଦଙ୍ଗ ପ୍ରଜାତନ୍ତ୍ର କର୍ତ୍ତୃପକ୍ଷ କରିଛନ୍ତି ନୂଆ ନିୟମ। ଗାଁକୁ ଯାଇ କାମ ଖୋଜିବାକୁ ପ୍ରାୟ ୩ ଲକ୍ଷ ଗ୍ରାଜୁଏଟ ବେକାର ଯୁବକଯୁବତୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ସରକାର। ଗୁଆଙ୍ଗଦଙ୍ଗର ପଡୋଶୀ ସହର ହେଉଛି ବିଶ୍ୱର ଅନ୍ୟତମ ସମୃଦ୍ଧ ସହର ହଂକଂ। ତେବେ ସେଠାରେ ନିଯୁକ୍ତି ଦେବା ସପକ୍ଷରେ ନାହାନ୍ତି ସରକାର। ଗୁଆଙ୍ଗଦଙ୍ଗ କର୍ତ୍ତୃପକ୍ଷ କହିଛନ୍ତି- ସରକାରଙ୍କ ଏହି ନିଷ୍ପତ୍ତି ଦ୍ୱାରା କଲେଜ ଗ୍ରାଜୁଏଟ ଓ ଯୁବ ଉଦ୍ୟୋଗପତିମାନେ ଗ୍ରାମକୁ ଯାଇ କାମ



ଖୋଜିବେ। ସେହିପରି ଗ୍ରାମାଞ୍ଚଳର ଯୁବକଯୁବତୀମାନେ ନିଜ ଅଞ୍ଚଳରେ ରହି କାମଧନ୍ଦା ଖୋଜିବାକୁ ବି ଦିଆଯାଇଛି ପରାମର୍ଶ। ଗ୍ରାମୀଣ ଅର୍ଥନୀତିକୁ ସଶକ୍ତ କରିବାକୁ ହେଲେ ସହରାଞ୍ଚଳ ଯୁବକମାନେ ଗ୍ରାମାଞ୍ଚଳକୁ ଯାଇ କାମ ଧନ୍ଦା ଖୋଜିବାକୁ ଗତ ଡିସେମ୍ବର ୨୦୨୨ରେ ରାଷ୍ଟ୍ରପତି ସି ଜିନପିଙ୍ଗ ଆହ୍ୱାନ ଦେଇଥିଲେ। ଜିନପିଙ୍ଗଙ୍କ ଏହି ନିର୍ଦ୍ଦେଶକୁ ପ୍ରାଥମିକତା ଦେଇଛନ୍ତି ଗୁଆଙ୍ଗଦଙ୍ଗ କର୍ତ୍ତୃପକ୍ଷ। ଅତୀତର ମାଓ ଜେ ଦୁଂଙ୍କ ସମୟରେ ବି ଗ୍ରାମାଞ୍ଚଳରେ କାମଧନ୍ଦା କରିବାକୁ ଲକ୍ଷ ଲକ୍ଷ ଯୁବକ ଯୁବତୀଙ୍କୁ ପଠାଇଦିଆଯାଇଥିଲା। ଚୀନରେ ବର୍ତ୍ତମାନ ବେକାରୀ ଯଥେଷ୍ଟ ବଢ଼ିବାରେ ଲାଗିଛି। ପ୍ରତି ୫ ଜଣରେ ଜଣେ ବେକାର ଥିବା ସୂଚନା ମିଳିଛି। ଦେଶରେ ୧୬ରୁ ୨୪ ବର୍ଷ ବୟସ୍କ ବେକାରଙ୍କ ହାର ଜାତୀୟ ହାରର ୧୯ ଦଶମିକ ୬ ପ୍ରତିଶତ ରହିଛି। ସର୍ଭେ ଅନୁସାରେ ଚୀନର ବିଭିନ୍ନ ସହରରେ ବେକାରଙ୍କ ସଂଖ୍ୟା ୧ କୋଟି ୧୦ ଲକ୍ଷ ରହିଛନ୍ତି। ଦେଶର ଅର୍ଥନୀତିରେ ଘାଟା ଆସିଥିବାବେଳେ ଦେଶରେ ଚାକିରି ଅନୁପାତ ବ୍ୟାପକ ହ୍ରାସ ପାଇଛି। ଆଇଟି କ୍ଷେତ୍ର ଧ୍ୱଂସେଇ ଯିବାର ପ୍ରଭାବ ନିଯୁକ୍ତି କ୍ଷେତ୍ର ଉପରେ ପଡୁଛି।

# ସିଏପିଏଫ ଓ ଏନଡିଆରଏଫ କର୍ମଚାରୀଙ୍କ ଭୋଜନରେ ସାମିଲ ହେବ ମିଲେଟ୍ ପ୍ରସ୍ତୁତ ଖାଦ୍ୟ

**ନୂଆଦିଲ୍ଲୀ :** କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବଳ (ସିଏପିଏଫ) ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବାହିନୀ (ଏନଡିଆରଏଫ)ର କର୍ମଚାରୀଙ୍କୁ ଶ୍ରୀ ଅନ୍ନ (ମିଲେଟ୍)ରେ ପ୍ରସ୍ତୁତ ଭୋଜନ ପରିବେଷଣ କରାଯିବ। ଅନ୍ତର୍ଜାତୀୟ ମିଲେଟ୍ ବର୍ଷ-୨୦୨୩ ଉପଲକ୍ଷେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିଛି। କେନ୍ଦ୍ର ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଅମିତ ଶାହାଙ୍କ ଆହ୍ୱାନକ୍ରମେ ସବୁ ବାହିନୀ ସହିତ ବିସ୍ତୃତ ଆଲୋଚନା ପରେ ଭୋଜନରେ ୩୦% ମିଲେଟ୍ ଉପଯୋଗ କରିବା ଲାଗି ଏହି ନିଷ୍ପତ୍ତି ନିଆଯାଇଛି। ମିଲେଟର ଗୁରୁତ୍ୱକୁ ବିବେଚନା କରିବା ସହିତ ଘରୋଇ ଓ ବିଶ୍ୱସ୍ତରରେ ଚାହିଦା ସୃଷ୍ଟି ଏବଂ ଲୋକମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦେବା ଉଦ୍ଦେଶ୍ୟରେ ଭାରତ ସରକାରଙ୍କ ପ୍ରସ୍ତାବକ୍ରମେ ମିଳିତ ଜାତିସଂଘ ୨୦୨୩ ବର୍ଷକୁ ଅନ୍ତର୍ଜାତୀୟ ମିଲେଟ ବର୍ଷ ଭାବେ ଘୋଷଣା କରିଛି। ଶ୍ରୀ ଅନ୍ନକୁ ପ୍ରୋତ୍ସାହନ ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଭିଯାନ ଦେଶର କୋଟି କୋଟି ଲୋକଙ୍କ ପୋଷଣ ଆବଶ୍ୟକତା ପୂରଣ କରିବ। ମିଲେଟ ବା ମାଣ୍ଡିଆ, ବାଜରା ଜାତୀୟ ଶସ୍ୟ ସ୍ୱାସ୍ଥ୍ୟ ପାଇଁ ଭଲ ଏବଂ ଚାଷୀଙ୍କ ପାଇଁ ଲାଭଜନକ। ଏହା ମଧ ପରିବେଶ ଅନୁକୂଳ। ମିଲେଟରେ ପ୍ରଚୁର ପରିମାଣରେ ଶକ୍ତି ଉତ୍ସ ରହିଛି। ଏହା ମରୁଡ଼ି ନିରୋଧୀ ଏବଂ ଚାଷ ପାଇଁ କମ ପାଣି ଆବଶ୍ୟକ କରିଥାଏ। ଶୁଖିଲା ମାଟି, ପାହାଡ଼ିଆ ଅଞ୍ଚଳରେ ଏହାକୁ ସହଜରେ ଚାଷ କରାଯାଇ ପାରିବ ଏବଂ ଏଥିରେ କୀଟ ଆକ୍ରମଣ କରିବାର ଆଶଙ୍କା ମଧ କମ ରହିଥାଏ। ମିଲେଟର କେତେକ ଗୁରୁତ୍ୱପୂର୍ଣ୍ଣ ଲାଭ ହେଉଛି – ଏହା ଉଚ୍ଚ ପ୍ରୋଟିନଯୁକ୍ତ, ଗ୍ଲୁଟେନ-ମୁକ୍ତ, ଗ୍ଲାଇସେମିକ ସୂଚକାଙ୍କ (ଜିଆଇ)ରେ କମ୍ ଏବଂ ଫାଇବର ଆହାରରେ ସମୃଦ୍ଧ। ଏଥିରେ କ୍ୟାଲସିୟମ, ଆଇରନ, ଫସଫଟସ ଆଦି ଜରୁରି ସୂକ୍ଷ୍ମ ପୋଷକ ତତ୍ତ୍ୱ ବା ମାଇକ୍ରୋନ୍ୟୁଟ୍ରିଏଣ୍ଟସ୍ ରହିଛି, ଯାହାକି ଯବାନମାନଙ୍କ ପୋଷଣ ସମ୍ବନ୍ଧୀୟ ପ୍ରୋଫାଇଲକୁ



ମଜବୁତ କରିବ। ମିଲେଟରେ ପ୍ରସ୍ତୁତ ବ୍ୟଞ୍ଜନ ଥିବା ଭୋଜନ ପରିବେଷଣ ଲାଗି ପଦକ୍ଷେପ ନେବାକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ସବୁ ବାହିନୀକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିପ୍ରତି ସବୁ ବାହିନୀଗୁଡ଼ିକ ମଧ ଅଭୂତପୂର୍ବ ଆଗ୍ରହ ପ୍ରକାଶ କରିଛନ୍ତି ଏବଂ ସେମାନଙ୍କ ଖାଦ୍ୟ ସାରଣୀରେ ନିୟମିତ ମିଲେଟପ୍ରସ୍ତୁତ ଭୋଜନକୁ ସାମିଲ କରିବା ପାଇଁ ଇଚ୍ଛା ଜାହିର କରିଛନ୍ତି। କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବଳ (ସିଏପିଏଫ) ଓ ଏନଡିଆରଏଫର ବିଭିନ୍ନ କାର୍ଯ୍ୟକ୍ରମ ଓ ସମାରୋହରେ ମିଲେଟର ବ୍ୟାପକ ଉପଯୋଗ କରାଯିବ। ସ୍ୱତନ୍ତ୍ର କାଉଣ୍ଟର/କର୍ଣ୍ଣର ପ୍ରତିଷ୍ଠା କରାଯାଇ କେନ୍ଦ୍ରୀୟ ପୁଲିସ କଲ୍ୟାଣ ଭଣ୍ଡାର, କ୍ୟାମ୍ପସରେ ଥିବା ଗ୍ରୋସରୀ ଷ୍ଟୋର ଏବଂ ରାସନ ଷ୍ଟୋରରେମିଲେଟ ଉପଲବ୍ଧ ହେବ। କେନ୍ଦ୍ରୀୟ ବାହିନୀଗୁଡ଼ିକ ରନ୍ଧନ କ୍ଷେତ୍ରରେ ପ୍ରତିଷ୍ଠିତ ପ୍ରତିଷ୍ଠାନ ଜରିଆରେ ମିଲେଟ ଆଧାରିତ ବ୍ୟଞ୍ଜନ ପ୍ରସ୍ତୁତି ପାଇଁ ରୋଷେୟାଙ୍କ ପ୍ରଶିକ୍ଷଣ ଆୟୋଜନ କରିବେ। ମିଲେଟ ବ୍ୟବହାର କରିବା ଲାଗି କେନ୍ଦ୍ରୀୟ ବାହିନୀ ଏବଂ ସେମାନଙ୍କ ପରିବାରବର୍ଗଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଆହାର ବିଶେଷଜ୍ଞ ଓ ବିଶେଷଜ୍ଞ ଏଜେନ୍ସିମାନଙ୍କର ସହାୟତା ନିଆଯିବ। ଏହାଛଡ଼ା 'ନୋ ୟୋର ମିଲେଟ' ବିଷୟବସ୍ତୁ ଉପରେ କର୍ମଶାଳା, ସମ୍ମିଳନୀ, ସେମିନାର, ପ୍ରଦର୍ଶନୀ, ୱେବିନାର ଆଦି କାର୍ଯ୍ୟକ୍ରମ ଆୟୋଜନ କରାଯିବ। ବିଶ୍ୱସ୍ତରରେ ମିଲେଟ ଉତ୍ପାଦନ, ଦକ୍ଷ ପ୍ରକ୍ରିୟାକରଣ ଏବଂ ଫସଲ ପରିବର୍ତ୍ତନ ତଥା ଖାଦ୍ୟ ସାରଣୀରେ ଏକ ପ୍ରମୁଖ ଉପାଦାନ ଭାବେ ମିଲେଟକୁ ପ୍ରୋତ୍ସାହନ ପାଇଁ ଅନ୍ତର୍ଜାତୀୟ ମିଲେଟ ବର୍ଷ (ଆଇଓ୍ୱାଇଓଏମ) - ୨୦୨୩ ଏକ ସୁଯୋଗ ପ୍ରଦାନ କରିବ।

### ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସମାଧି ପୀଠର ହେବ ବିକାଶ

# ୧୦କୋଟି ଟଙ୍କା ମଞ୍ଜୁର କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ଅଲଚିକି ଲିପିର ଉଦ୍ଭାବକ ଗୁରୁ ଗମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସମାଧି ପୀଠରେ ବିକାଶ ପାଇଁ ୧୦କୋଟି ଟଙ୍କା ମଞ୍ଜୁର କଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ସାନ୍ତାଳି ସମାଜ ଓ ସାନ୍ତାଳୀ ଭାଷା ଓ ସାହିତ୍ୟ ପ୍ରତି ଗୁରୁ ଗମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଉଲ୍ଲେଖନୀୟ ଅବଦାନ ରହିଛି। ପଣ୍ଡିତ ମୁର୍ମୁ ଅଲଚିକି ଲିପି ଉଦ୍ଭାବନ କରି ସାନ୍ତାଳି ସମାଜର ସାଂସ୍କୃତିକ ପରିଚୟକୁ ସୁଦୃଢ଼ କରିଥିଲେ। ସାନ୍ତାଳି ଲିପି ଏକ ବିଜ୍ଞାନ ସମ୍ମତ ଲିପି ଭାବରେ ମଧ୍ୟ ସ୍ୱୀକୃତି ପାଇଛି। ସାନ୍ତାଳି ଭାଷାରେ ଅଲିଚିକି ଲିପିରେ ସେ ଅନେକ କାଳଜୟୀ ସାହିତ୍ୟ ସୃଷ୍ଟି କରିଛନ୍ତି। ତାଙ୍କ କାଳଜୟୀ କୃତୀ ପାଇଁ ସେ କେବଳ ସାନ୍ତାଳି ସମାଜ ନୁହେଁ, ସାରା ଦେଶର ସାହିତ୍ୟ ଜଗତରେ ସ୍ମରଣୀୟ ହୋଇ ରହିଛନ୍ତି। ସାନ୍ତାଳି ସମାଜ ପାଇଁ ତାଙ୍କର ମହାନ ଅବଦାନ ତାଙ୍କୁ ସବୁବେଳେ ପୂଜନୀୟ କରି ରଖିଛି। ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସ୍ମୃତିରେ ରାଜ୍ୟ ସରକାର ବାରିପଦା ମେଡିକାଲ କଲେଜକୁ ତାଙ୍କ ନାମରେ ନାମିତ କରିଛନ୍ତି। ସାନ୍ତାଳି ଜାତି ପ୍ରତି ପଣ୍ଡିତ ମୁର୍ମୁଙ୍କ ଅବଦାନକୁ ସମ୍ମାନ ଜଣାଇ ରାଜ୍ୟ ସରକାର ତାଙ୍କ ଜୟନ୍ତୀ ବୁଦ୍ଧ ପୂର୍ଣ୍ଣିମାକୁ ମଧ୍ୟ ସରକାରୀ ଛୁଟି ଭାବରେ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ୫ଟି ସଚିବ ଭି.କେ. ପାଣ୍ଡିଆନ ଗତ ମାର୍ଚ୍ଚ ୨ ଓ ୩ତାରିଖରେ ଦୁଇ ଦିନ ଧରି ମୟୁରଭଂଜ ଗସ୍ତରେ ଯାଇଥିବା ବେଳେ ଦାଣ୍ଡବୋସ ଯାଇ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସମାଧି ପରିଦର୍ଶନ କରିଥିଲେ। ଏଥିସହ ବାରିପଦାସ୍ଥିତ ପଣ୍ଡିତ ମୁର୍ମୁଙ୍କ ବାସଭବନକୁ ମଧ୍ୟ ଯାଇଥିଲେ। ତାଙ୍କ ସ୍ମୃତି ପୀଠର ବିକାଶ ପାଇଁ ରାଜ୍ୟ ସରକାର ପଦକ୍ଷେପ ନେବେ ବୋଲି ସାନ୍ତାଳି ଭାଇଭଉଣୀଙ୍କ ସହ ଆଲୋଚନା ବେଳେ ୫ଟି ସଚିବ ପ୍ରତିଶ୍ରୁତି ଦେଇଥିଲେ। ସେଥିପାଇଁ ଏକ ବିସ୍ତୃତ ଯୋଜନା ପ୍ରସ୍ତୁତ କରିବା ପାଇଁ ସେ ପ୍ରଶାସନକୁ ପରାମର୍ଶ ଦେଇଥିଲେ। ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସମାଧି ଅଞ୍ଚଳର ବିକାଶ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଦିଆଯାଇଥିବା ଯୋଜନାକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି। ଦାଣ୍ଡବୋସ-କାପିବୁରୁଠାରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କର ସମାଧୀ ପୀଠର ବିକାଶ ପାଇଁ ୭୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ସେହିପରି ଆଉ ୭୫ଲକ୍ଷ ଟଙ୍କା ଖର୍ଚ୍ଚରେ ସେଠାରେ ଧ୍ୟାନକେନ୍ଦ୍ର ମଧ୍ୟ ସ୍ଥାପନ କରାଯିବ। ଏହାସହ କାପିବୁରୁର ପାଚେରୀ ଓ ସଂଯୋଗ ରାସ୍ତାର ବିକାଶ ପାଇଁ ୩କୋଟି ଟଙ୍କା ଖର୍ଚ୍ଚ ଯୋଜନା ଥିବା ବେଳେ ସେଠାରେ ଏକ ଅଡିଟୋରିମ ଓ ଗବେଷଣା କେନ୍ଦ୍ର ପାଇଁ ୨ କୋଟି ଟଙ୍କା ଖର୍ଚ୍ଚ କରାଯିବ। ସେଠାକୁ ଆସୁଥିବା ପର୍ଯ୍ୟଟକଙ୍କ ସୁବିଧା ପାଇଁ ଡର୍ମିଟୋରୀ ଓ ଅନ୍ୟାନ୍ୟ ସୁବିଧା ପାଇଁ ୧କୋଟି ଟଙ୍କା ଖର୍ଚ୍ଚ କରାଯିବ। କାପିବୁରୁର ସୌନ୍ଦର୍ଯ୍ୟକରଣ ଓ ସ୍ୱାଗତତୋରଣ ପାଇଁ ୭୦ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ଦାଣ୍ଡବୋସ, ବିଦୁ ଚାନ୍ଦାନ ବାହାଗାଳର ବିକାଶ ତଥା ମାରାଙ୍ଗ-ଆହାରା ପୁଷ୍କରିଣୀ ପାଇଁ ୧ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଏହାସହ ପାନୀୟ ଜଳ, ବିଦ୍ୟୁତକରଣ ପାଇଁ ୮୦ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ୫ଟି ଉପକ୍ରମରେ ଏସମସ୍ତ କାର୍ଯ୍ୟ ପୂର୍ତ୍ତ ବିଭାଗ ଦ୍ୱାରା କରାଯିବ। ଖୁବଶୀଘ୍ର କାମ ଶେଷ କରିବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

## ଅଙ୍ଗନବାଡି କେନ୍ଦ୍ରକୁ ଉନ୍ନୀତ ହେଲେ ୨,୮୩୬ ମିନି ଅଙ୍ଗନବାଡି କେନ୍ଦ୍ର

**ଭୁବନେଶ୍ୱର :** ଅଙ୍ଗନବାଡି କେନ୍ଦ୍ରକୁ ଉନ୍ନୀତ ହେଲେ ୨ ହଜାର ୮୩୬ ମିନି ଅଙ୍ଗନବାଡି କେନ୍ଦ୍ର। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପ୍ରସ୍ତାବକୁ ଅନୁମୋଦନ ଦେଇଛନ୍ତି। ଏଥିପାଇ ବାର୍ଷିକ ଅତିରିକ୍ତ ୧୮.୭୫ କୋଟି ଟଙ୍କା ବହନ କରିବେ ରାଜ୍ୟ ସରକାର। ରାଜ୍ୟରେ ଶିଶୁ ଓ ମହିଳା ମାନଙ୍କ ସ୍ୱାସ୍ଥ୍ୟ ଓ ସଚେତନତା ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଆସିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ରାଜ୍ୟ ସରକାର ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି। ରାଜ୍ୟରେ ବର୍ତ୍ତମାନ ୭୪ ହଜାର ୧୫୪ ଅଙ୍ଗନବାଡି କେନ୍ଦ୍ର ମଧ୍ୟରୁ ୧୦ ହଜାର ୪୧୬ ମିନି ଅଙ୍ଗନବାଡି ଥିଲା। ସେଥିରୁ ୨ ହଜାର ୮୩୬ ମିନି ଅଙ୍ଗନବାଡି ଏବେ ଅଙ୍ଗନବାଡିକୁ ଉନ୍ନୀତ ହୋଇଛନ୍ତି। ଏହି ଅଙ୍ଗନବାଡି କେନ୍ଦ୍ର ଗୁଡିକର ବିଭିନ୍ନ କାର୍ଯ୍ୟ ପରିଚାଳନା ପାଇଁ ଯଥା – ଔଷଧ, ଆସବାବପତ୍ର ଓ ପ୍ରଶାସନିକ ଖର୍ଚ୍ଚ ତୁଲାଇବା ପାଇଁ ଅଧିକ ପାଣ୍ଠିର ବ୍ୟବସ୍ଥା ମଧ୍ୟ କରାଯିବ। ଏଥିପାଇଁ ସାରା ରାଜ୍ୟରେ ୧୧୪ ଟି ସୁପର ଭାଇଜର ପଦବୀ ସୃଷ୍ଟି କରାଯାଇଛି। ଏହି ଅପଗ୍ରେଡେସନ ସହିତ ପ୍ରତ୍ୟେକ ଅଙ୍ଗନବାଡି କେନ୍ଦ୍ରରେ ଅଙ୍ଗନବାଡି କର୍ମୀଙ୍କୁ ସହାୟତା କରିବା ପାଇଁ ଜଣେ ଜଣେ ଅଙ୍ଗନବାଡି ସହାୟକ ନିଯୁକ୍ତ କରାଯିବ। ଏହିପରି ୨ ହଜାର ୮୩୬ ଅଙ୍ଗନବାଡି ସହାୟକଙ୍କୁ ନିଯୁକ୍ତ କରାଯିବ ଏବଂ ଏହାସହିତ, ୨ ହଜାର ୮୩୬ ମିନି ଅଙ୍ଗନବାଡି କର୍ମୀ ପଦବୀକୁ ଉନ୍ନୀତ କରାଯାଇ ଅଙ୍ଗନବାଡି କର୍ମୀ ପଦବୀ ସୃଷ୍ଟି କରାଯିବ। ଏଥିପାଇଁ ରାଜ୍ୟ ସରକାର ବାର୍ଷିକ ଅତିରିକ୍ତ ୧୮ କୋଟି ୭୫ ଲକ୍ଷ ୪୧ ହଜାର ୪୪୦ ଟଙ୍କା ଖର୍ଚ୍ଚ କରିବେ।

## ୧୯ ବର୍ଷ ପରେ ବଦଳିବ ଓଡ଼ିଶା ବୋଟ ନିୟମ

### ଚିଲିକାରେ ପରୀକ୍ଷାମୂଳକ ଭାବେ ଚାଲିବ ସୋଲାର ଓ ଇଲେକ୍ଟ୍ରିକ ବୋଟ

**ଭୁବନେଶ୍ୱର :** ୧୯ ବର୍ଷ ପରେ ବଦଳିବ ଓଡ଼ିଶା ବୋଟ ନିୟମ। ଦୁଇ ମାସ ଭିତରେ ଆସିବ ନୂଆ ଓଡ଼ିଶା ବୋଟ ଅଧିନିୟମ। କେନ୍ଦ୍ରୀୟ ଆଇନ ଢାଞ୍ଚାରେ ତିଆରି ହେବ ଅଧିନିୟମ। ଜଳପଥରେ ନିରାପଦ ଯାତ୍ରା ସହ ବୈଷୟିକ ଜ୍ଞାନ କୌଶଳ ବ୍ୟବହାର ଉପରେ ଦିଆଯିବ ଗୁରୁତ୍ୱ। ନୂଆ ନିୟମ ଅନୁସାରେ ସାରା ରାଜ୍ୟରେ ଚାଲିବ ଗୋଟିଏ ପ୍ରକାର ବୋଟ, ଯାହାର ଡିଜାଇନ୍ ପ୍ରସ୍ତୁତ ହୋଇସାରିଛି। ଯାତ୍ରୀଙ୍କ ସହ ଜଳପଥରେ ବଢ଼ିବ ପଣ୍ୟ କାରବାର। ସମୁଦ୍ର, ନଦୀ ଓ ହ୍ରଦରେ ଚାଲିବ ଯାତ୍ରୀବାହୀ ବୋଟ। ବୋଟ ମାଲିକ, ନିର୍ମାତା, ଅଧିକାରୀ ଓ ନୀତି ନିର୍ଦ୍ଧାରକଙ୍କୁ ନେଇ ନୂଆ ବୋଟ ଅଧିନିୟମ ନେଇ ବିଚାର ବିମର୍ଷ ଚାଲିଛି ବୋଲି ବାଣିଜ୍ୟ ଓ ପରିବହନ ସଚିବ ଉଷା



ପାଢ଼ୀ ସୂଚନା ଦେଇଛନ୍ତି। ସେହିପରି ଚିଲିକାରେ ଚାଲିବ ସୋଲାର ଓ ଇଲେକ୍ଟ୍ରିକ ବୋଟ। ୩ ମାସ ମଧ୍ୟରେ ପରୀକ୍ଷାମୂଳକ ଭାବେ ଚାଲିବ ପ୍ରଥମ ସୋଲାର ବୋଟ। ଏହି ବୋଟ ଚାଲିବା ଦ୍ୱାରା ବର୍ଷକୁ ୭ ଲକ୍ଷ ଟଙ୍କା କମିଯିବ ପରିବହନ ଖର୍ଚ୍ଚ। ପରୀକ୍ଷଣ ସଫଳ ହେଲେ ରାଜ୍ୟର ଅନ୍ୟ ଜଳପଥରେ ସୋଲାର ବୋଟ ଚଳାଯିବ ବୋଲି ରାଜ୍ୟ ବନ୍ଦର ନିର୍ଦ୍ଦେଶକ ପଦ୍ମଲୋଚନ ରାଉଳ କହିଛନ୍ତି।

### ଓମ୍ୱାଡସି ପାଣ୍ଠି ବିନିଯୋଗରେ ବିଭିନ୍ନ ପ୍ରକଳ୍ପର ରୂପରେଖ ପ୍ରସ୍ତୁତି ଓ ସଫଳ କାର୍ଯ୍ୟ ରୂପାୟନ ପାଇଁ ସ୍ୱତନ୍ତ୍ର କର୍ମଶାଳା

## ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟ ଜଳ, ରାସ୍ତା ସଂଯୋଗୀକରଣ ଓ ଜୀବିକା ଆଦି ପ୍ରମୁଖ କ୍ଷେତ୍ର ଉପରେ ଗୁରୁତ୍ୱ

**ସୁନ୍ଦରଗଡ଼ :** ସୁନ୍ଦରଗଡ଼ରେ ଓମ୍ୱାଡସି ପାଣ୍ଠିର ସହାୟତାରେ ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ଏହି ସବୁ ପ୍ରକଳ୍ପର ରୂପରେଖ ପ୍ରସ୍ତୁତି ଏବଂ ତୃଣମୂଳ ସ୍ତରରେ କିପରି ଏହାର ସଫଳ କାର୍ଯ୍ୟାନ୍ୱୟନ କରାଯାଇପାରିବ ସେ ସମ୍ପର୍କରେ ଏକ ଜିଲ୍ଲାସ୍ତରୀୟ କର୍ମଶାଳାର ଆୟୋଜନ କରାଯାଇଥିଲା। ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନର ସହଯୋଗରେ ଓଡ଼ିଶା ଖଣିଜ ପଦାର୍ଥ ଧାରକ ଅଞ୍ଚଳ ଉନ୍ନୟନ ନିଗମ (ଓମ୍ୱାଡସି) ପକ୍ଷରୁ ଗୁରୁବାର ଦିନ ସ୍ଥାନୀୟ ସଦଭାବନା ଭବନଠାରେ ଏହି କର୍ମଶାଳା କରାଯାଇଥିଲା। ଏଥିରେ ଓମ୍ୱାଡସି ପାଣ୍ଠି ସହାୟତାରେ ଜିଲ୍ଲାରେ ହେଉଥିବା ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟ ଜଳ, ରାସ୍ତା ସଂଯୋଗୀକରଣ, ଜୀବିକା ଓ ପରିବେଶ ସୁରକ୍ଷା ଭଳି ପ୍ରମୁଖ ପ୍ରକଳ୍ପ ଗୁଡ଼ିକର ଯୋଜନା ଓ ଦକ୍ଷ କାର୍ଯ୍ୟାନ୍ୱୟନ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହି କର୍ମଶାଳାରେ ସୁନ୍ଦରଗଡ଼ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ମନୋଜ ମହାଜନ ଯୋଗଦେଇ ଜିଲ୍ଲାର ବିକାଶ କାର୍ଯ୍ୟକ୍ରମରେ ଓମ୍ୱାଡସି ପାଣ୍ଠିର ବିନିଯୋଗ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ବିଭିନ୍ନ ବିଭାଗ, ବିଶେଷକରି କ୍ଷେତ୍ରସ୍ତରୀୟ ଅଧିକାରୀ ଏବଂ ପ୍ରକଳ୍ପ ରୂପାୟନ ସହ ସଂପୃକ୍ତ ସହଯୋଗୀ ସଂସ୍ଥାମାନଙ୍କ ସମନ୍ୱୟକ୍ରମେ ବିଭିନ୍ନ କାର୍ଯ୍ୟକ୍ରମକୁ ସଫଳ କରିବାକୁ ସେ ପରାମର୍ଶ ଦେଇଥିଲେ। ଓମ୍ୱାଡସିର ଜେନେରାଲ ମ୍ୟାନେଜର (ଅପରେସନ) ଜୟନ୍ତ କୁମାର ଦାସ ଏବଂ ଜେନେରାଲ ମ୍ୟାନେଜର (ଫାଇନାନ୍ସ) ଭବାନୀ ପ୍ରସାଦ ଦାସ ଏଥିରେ ଯୋଗଦେଇ ବିଭିନ୍ନ ପ୍ରକଳ୍ପର ଯୋଜନା ବେଳେ ଆବଶ୍ୟକ ରିପୋର୍ଟ ପ୍ରସ୍ତୁତିରେ କେଉଁ କେଉଁ ବିଷୟରେ ଧ୍ୟାନ ଦିଆଯିବା ଦରକାର ସେ ସମ୍ପର୍କରେ କହିଥିଲେ। ସେହିପରି ଟିମ୍ ଲିଡର ଅମ୍ବୁଜ ପ୍ରସାଦ ଓମ୍ୱାଡସି ସହାୟତାରେ ସୁନ୍ଦରଗଡ଼ ଜିଲ୍ଲାରେ ଚାଲିଥିବା ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ବିସ୍ତୃତ ଭାବେ ଉପସ୍ଥାପନ କରିଥିଲେ। ଏହି ବିଶେଷ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବିଭାଗର ବିଭାଗୀୟ ମୁଖ୍ୟ, ବରିଷ୍ଠ କ୍ଷେତ୍ର ଅଧିକାରୀ ତଥା ବିଭିନ୍ନ ପ୍ରକଳ୍ପ ସହ ଜଡ଼ିତ ସହଯୋଗୀ ସଂସ୍ଥାର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ଓମ୍ୱାଡସି ପକ୍ଷରୁ ଅନ୍ୟମାନଙ୍କ ମଧ୍ୟରେ ଦକ୍ଷତା ବିକାଶ ଏବଂ ଏମଆଇଏସ୍ ବିଶେଷଜ୍ଞ ଉପସ୍ଥିତ ଥିଲେ। ଓମ୍ୱାଡସି ପାଣ୍ଠିର ଆର୍ଥିକ ସହାୟତାରେ ସୁନ୍ଦରଗଡ଼ ଜିଲ୍ଲାରେ ବୃହତ୍ ପାନୀୟ ଜଳ ଯୋଗାଣ ପ୍ରକଳ୍ପ କରାଯାଉଛି। ଜିଲ୍ଲାରେ ସ୍ୱାସ୍ଥ୍ୟ ସେବା ସହିତ ଶିକ୍ଷା ଭିତ୍ତିଭୂମିକୁ ସୁଦୃଢ଼ କରିବା ଲାଗି ପଦକ୍ଷେପ ନିଆଯାଉଛି। ଚାଷୀଙ୍କ ଦୀର୍ଘସ୍ଥାୟୀ ଜୀବିକା ବିକାଶ ଉପରେ ମଧ୍ୟ ବିଶେଷ ଗୁରୁତ୍ୱ ଦିଆଯାଉଛି। ତା'ଛଡ଼ା ପରିବେଶ ସୁରକ୍ଷା ସହିତ ଜଳ ଓ ମୃତ୍ତିକା ସଂରକ୍ଷଣ ଦିଗରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ଏହି ପାଣ୍ଠି ସହଯୋଗରେ ବିଭିନ୍ନ ଦୁର୍ଗମ ଅଞ୍ଚଳକୁ ସୁଗମ କରିବା ଲାଗି ରାସ୍ତା ସଂଯୋଗୀକରଣ, ପିଲାମାନଙ୍କ ପାଇଁ ଅତ୍ୟାଧୁନିକ ଅଙ୍ଗନବାଡ଼ି କେନ୍ଦ୍ର, ଦୁର୍ଗମ ଅଞ୍ଚଳ ପାଇଁ ବାଇକ ଆମ୍ବୁଲାନ୍ସ ଏବଂ ମହିଳା ଓ ବିଭିନ୍ନ ବର୍ଗର ଲୋକଙ୍କ ପାଇଁ ଜୀବିକା ବିକାଶ କାର୍ଯ୍ୟକ୍ରମ ଉପରେ ପ୍ରଶାସନ ପକ୍ଷରୁ ଅଗ୍ରାଧିକାର ଦିଆଯାଉଛି।

## ଜୁଲାଇ ୩୦ରେ ଓଏସ୍ଏସ୍ସି ପରୀକ୍ଷା

**ଭୁବନେଶ୍ୱର :** ପୁଣି ଅନୁଷ୍ଠିତ ହେବେ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନର ଆକାଉଣ୍ଟାଣ୍ଟ ପରୀକ୍ଷା। ଜୁଲାଇ ୩୦ରେ ହେବ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଆକାଉଣ୍ଟାଣ୍ଟ ପ୍ରିଲିମିନାରୀ ପରୀକ୍ଷା। ଗୋଟିଏ ସିଟିଂରେ ଓଏମ୍ଆର ମୋଡରେ ହେବ ପରୀକ୍ଷା। ସବୁ ଜିଲ୍ଲା ମୁଖ୍ୟାଳୟରେ ପରୀକ୍ଷା ହେବା ନେଇ ଓଏସ୍ଏସ୍ସି ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ପ୍ରଶ୍ନପତ୍ରରେ ତ୍ରୁଟି ଯୋଗୁ ପରୀକ୍ଷା ବାତିଲ୍ ହୋଇଥିଲା। ବିଶେଷ ଭାବେ ଓଡ଼ିଆ ଭାଷାରେ ପ୍ରଶ୍ନପତ୍ର ଚୟନ କରିଥିବା ପରୀକ୍ଷାର୍ଥୀଙ୍କୁ ପ୍ରଶ୍ନ ପଢି ବୁଝିବାରେ ସମ୍ଭବପର ହୋଇନଥିଲା। ଏନେଇ ଅଭିଯୋଗ ପରେ ପରୀକ୍ଷା ବାତିଲ୍ କରିଥିଲା ଓଏସ୍ଏସ୍ସି। ଗତ ୨୩ ତାରିଖରେ ୬୫ଟି ଆକାଉଣ୍ଟାଣ୍ଟ ପଦ ପାଇଁ ରାଜ୍ୟର ସମସ୍ତ ଜିଲ୍ଲାରେ ପ୍ରିଲିମ୍ ପରୀକ୍ଷା କେନ୍ଦ୍ର ପ୍ରସ୍ତୁତ କରାଯାଇଥିଲା। ପ୍ରାୟ ୫୦ ହଜାର ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ଓଏମଆର ମାଧ୍ୟମରେ ପିଲାଙ୍କର ପରୀକ୍ଷା ଆୟୋଜିତ ହୋଇଥିଲା।

### ସରକାର ପ୍ରସ୍ତୁତ କରିଛନ୍ତି ସ୍ୱତନ୍ତ୍ର ଯୋଜନା

# ୩ ବର୍ଷ ମଧ୍ୟରେ ଦ୍ୱିଗୁଣିତ ହେବ ରାଜ୍ୟର ଚାଷୀଙ୍କ ଆୟ

**ଭୁବନେଶ୍ୱର :** ଆସନ୍ତା ୩ ବର୍ଷ ମଧ୍ୟରେ ରାଜ୍ୟର ଏକ ଲକ୍ଷ ଚାଷୀଙ୍କ ଆୟକୁ ଦ୍ୱିଗୁଣିତ କରିବାକୁ ରାଜ୍ୟ ସରକାର ଆର୍ଥିକ ସହାୟତା ଯୋଗାଇଦେବାକୁ ନୀତିଗତ ନିଷ୍ପତ୍ତି ନେଇଛନ୍ତି। ଏନେଇ ରାଜ୍ୟ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ସମସ୍ତ ଜିଲ୍ଲାପାଳମାନଙ୍କୁ ଚିଠି ଲେଖି ଚୟନ ହୋଇଥିବା ହିତାଧିକାରୀଙ୍କ ତାଲିକା ପଠାଇବାକୁ ନିର୍ଦ୍ଦେଶ ଦେଇଥିଲେ। ହିତାଧିକାରୀଙ୍କ ଡାଟାବେସ ସରକାରଙ୍କ ପାଖରେ ପହଞ୍ଚିବାରେ ବିଳମ୍ବ ହେଉଥିବା ହେତୁ ରାଜ୍ୟ ମୁଖ୍ୟ ସମବାୟ ନିବନ୍ଧକ ପୁଣି ଥରେ ସମସ୍ତ ନିବନ୍ଧକ ଅଧିକାରୀମାନଙ୍କୁ ଜିଲ୍ଲାପାଳଙ୍କ ସହ ଯୋଗାଯୋଗ କରି ତାଲିକା ଆପିକଲ୍ରେ ଦାଖଲ କରିବାକୁ ଚିଠି ଲେଖିଛନ୍ତି। ସେହିଭଳି ଆସନ୍ତା ମେ ୨୫ ସୁଦ୍ଧା ଚାଷୀ ଓ ନିର୍ଦ୍ଦିଷ୍ଟ ଚାଷ ସମ୍ପର୍କିତ ବିବରଣୀର ଯାଞ୍ଚ ଶେଷ କରିବାକୁ ସରକାର ଯୋଜନା ରଖିଛନ୍ତି। ଏଣୁ ଏହାର ବହୁ ପୂର୍ବରୁ ଚାଷୀ ଡାଟାବେସ ପହଞ୍ଚି ଯିବାର ଆବଶ୍ୟକତା ରହିଛି। ସୂଚନା ଯୋଗ୍ୟ ଯେ ୫-ଟି ଉପକ୍ରମରେ ରାଜ୍ୟର ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା ଲକ୍ଷ୍ୟରେ ସରକାର ସବୁ ଜିଲ୍ଲାକୁ ନିର୍ଦ୍ଧାରିତ ଲକ୍ଷ୍ୟ ପ୍ରଦାନ କରିଥିଲେ। ଜିଲ୍ଲାସ୍ତରୀୟ କମିଟି ଉଚ୍ଚଦକ୍ଷତା ସମ୍ପର୍ଣ୍ଣ ଚାଷୀଙ୍କୁ ଚୟନ କରି ତାହାର ଏକ ବିସ୍ତୃତ ରିପୋର୍ଟ ସରକାରଙ୍କୁ ଦାଖଲ କରିବେ। ଇଣ୍ଟିଗ୍ରେଟେଡ୍ ଫାର୍ମିଂ ବ୍ୟବସ୍ଥା ଓ ବିବିଧ କୃଷିକୁ ପ୍ରୋତ୍ସାହିତ କରିବାକୁ ସରକାର ସଂପୃକ୍ତ ଚାଷୀମାନଙ୍କୁ ଆର୍ଥିକ ସହାୟତା ଯୋଗାଇଦେବେ। ତେବେ ଏହି ତାଲିକାରେ ୩୩ ପ୍ରତିଶତ ମହିଳା ଚାଷୀ ରହିବା ବାଧ୍ୟତାମୂଳକ ଅଟେ। ଚାଷୀମାନଙ୍କ କାର୍ଯ୍ୟଦକ୍ଷତାକୁ ଦେଖି ସେମାନେ କେଉଁ ଚାଷକୁ ବଡ଼ ଧରଣରେ କରିପାରିବେ ସେନେଇ ସେମାନଙ୍କୁ ସୂଚାଇ ଦିଆଯିବ। ଏହାପରେ ବିଭିନ୍ନ ସରକାରୀ ଯୋଜନା ଯେପରି, ସ୍ପେଶାଲ ପ୍ରୋଗାମ୍ ଫର୍ ଇଣ୍ଟିଗ୍ରେଟେଡ୍ ଫାର୍ମିଂ, ଭାରତୀୟ ପ୍ରାକୃତିକ କୃଷି ପଦ୍ଧତି, ଓଡ଼ିଶା ମିଲେଟ ମିଶନ, ରେନଫେଡ୍ ଏରିଆ ଡେଭଲପମେଣ୍ଟ, ନ୍ୟାସନାଲ ମିଶନ ଅନ୍ ଇଡେବୁଲ ଅଏଲ୍, ରିଜୁଭେନେଟିଂ ୱାଟରସେଡ୍ ଫର୍ ଏଗ୍ରିକଲଚର ରେଜିଲେନ୍ସ ଥ୍ରୁ ଇନୋଭେଟିଭ୍ ଡେଭଲପମେଣ୍ଟ୍, ରୁରାଲ ବାକୟାର୍ଡ ପଲ୍ୟୁଟ୍ରି ଓ ମତ୍ସ୍ୟ ପୋଖରୀ ଯୋଜନା ଭଳି ୫୦ରୁ ଊର୍ଦ୍ଧ୍ୱ ଯୋଜନାରେ ସରକାରୀ ସହାୟତା ପ୍ରଦାନ କରାଯିବ। ଯାହା ଫଳରେ ଚାଷୀମାନେ ଅଧିକ ଆୟ କରିବାକୁ ସକ୍ଷମ ହୋଇପାରିବେ। ସେହିଭଳି ସରକାର ସାରା ରାଜ୍ୟକୁ ବିଭିନ୍ନ କୃଷି ଜଳବାୟୁ ଜୋନ୍ରେ ବିଭକ୍ତ କରିଛନ୍ତି। କେଉଁ ଜିଲ୍ଲାରେ କେଉଁ ସମ୍ଭାବ୍ୟ ଚାଷକୁ ପ୍ରୋତ୍ସାହିତ କରାଯିବା ଦରକାର ସେନେଇ ତାଲିକା ପ୍ରସ୍ତୁତ ହୋଇଛି। ଏଥିପାଇଁ ୧୦ଟି ଆଗ୍ରୋ କ୍ଲାଇମେଟ୍ ଜୋନ୍ (କୃଷି ଜଳବାୟୁ ଜୋନ୍) ଗଠନ ହୋଇଛି। ୫-ଟି ଉପକ୍ରମରେ ରାଜ୍ୟକୁ ନୂଆ ଆଗ୍ରୋଜୋନ୍ ମିଳିଥିବା ବେଳେ ଏଠାରେ କେଉଁ ଚାଷ ଭଲ ହେବ ତାହା ସରକାର ଜିଲ୍ଲାଗୁଡ଼ିକୁ ଜଣାଇଛନ୍ତି। କୃଷି କ୍ଷେତ୍ରରେ ଏଭଳି ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ଚାଷୀ ଆୟକୁ ଦ୍ୱିଗୁଣିତ କରିବା ସହ ଉତ୍ପାଦନକୁ ବହୁଗୁଣିତ କରିବ ବୋଲି କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି। ଭଦ୍ରକ, ବାଲେଶ୍ୱର ଓ ଯାଜପୁର ଭଳି ଉତ୍ତର-ପୂର୍ବ ଉପକୂଳ ସମତଳରେ ଧାନ-ମାଛ-ଛତୁ, ପନିପରିବା-ମାଛ-କୁକୁଡ଼ା ଚାଷ ଭଳି ପଦ୍ଧତିରେ ଚାଷ କରିବା ଦରକାର। ପଶ୍ଚିମ-ମଧ୍ୟାଞ୍ଚଳ, ମଧ୍ୟ କେନ୍ଦ୍ରୀୟ, ଉତ୍ତର-ପୂର୍ବ ଘାଟ, ପୂର୍ବଘାଟି, ଦକ୍ଷିଣ-ପୂର୍ବ ଘାଟି, ଉତ୍ତର ମଧ୍ୟ, ପଶ୍ଚିମ, ପୂର୍ବ ପୂର୍ବତର ଦକ୍ଷିଣ, ଉତ୍ତର-ପଶ୍ଚିମ ଉପତ୍ୟକା ଅଞ୍ଚଳରେ କେଉଁ କେଉଁ ଚାଷ ଇଣ୍ଟିଗ୍ରେଟେଡ୍ ଫାର୍ମିଂ କରାଯାଇପାରିବ ସେନେଇ ତାଲିକା ଦିଆଯାଇଛି। ସେହିଭଳି ରାଜ୍ୟର ବିଭିନ୍ନ କ୍ଷେତ୍ରର ଭିନ୍ନ ଭିନ୍ନ ଚାଷୀଙ୍କ ଦକ୍ଷତା ଆଧାରରେ ଜିଲ୍ଲାଗୁଡ଼ିକ ଟାର୍ଗେଟ୍ ଦିଆଯାଇଛି। ଅନୁଗୁଳ ଜିଲ୍ଲାର ୩୨୦୦, ବାଲେଶ୍ୱର ଜିଲ୍ଲାର ୬୩୦୦, ବରଗଡ଼ର ୪୦୦୦, ଭଦ୍ରକର ୪୩୦୦, ବଲାଙ୍ଗିରର ୪୬୦୦ ଓ କଟକର ୪୯୦୦ ଚାଷୀ ପରିବାରଙ୍କୁ ହିତାଧିକାରୀ ତାଲିକାରେ ସାମିଲ କରାଯିବ। ସେହିଭଳି ନବରଙ୍ଗପୁର ଜିଲ୍ଲା ସର୍ବାଧିକ ୮୪୫୦ ଚାଷୀଙ୍କୁ ହିତାଧିକାରୀ ସାମିଲ କରିବାକୁ ଲକ୍ଷ୍ୟ ରଖିଥିବା ବେଳେ ଝାରସୁଗୁଡ଼ା ଜିଲ୍ଲାରେ ସର୍ବନିମ୍ନ ୮୫୦ ଜଣ ହିତାଧିକାରୀ ଟାର୍ଗେଟ୍ ରହିଛି।

### ସରକାରୀ ଜମି ଆବଣ୍ଟନ ପ୍ରସଙ୍ଗରେ ହାଇକୋର୍ଟଙ୍କ ରାୟ

## ଜଣଙ୍କୁ ମିଳିବ କେବଳ ଗୋଟିଏ ପ୍ଲଟ୍

**କଟକ:** ସରକାରୀ ଜମି ଆବଣ୍ଟନ ପ୍ରସଙ୍ଗରେ ହାଇକୋର୍ଟ ଦେଇଛନ୍ତି ଗୁରୁତ୍ୱପୂର୍ଣ୍ଣ ରାୟ। ରାଜ୍ୟରେ ଗୃହ ଓ ନଗର ଉନ୍ନୟ ବିଭାଗ ଅଧୀନରେ ଥିବା ବିଭିନ୍ନ କର୍ତ୍ତୃପକ୍ଷଙ୍କ ଠାରୁ ଏକାଧିକ ପ୍ଲଟ ନେବା ଉପରେ ହାଇକୋର୍ଟ ରୋକ ଲଗାଇଛନ୍ତି। ଜଣେ ବ୍ୟକ୍ତି ରାଜ୍ୟର ଯେକୌଣସି ଉନ୍ନୟନ କର୍ତ୍ତୃପକ୍ଷଙ୍କଠାରୁ କେବଳ ଗୋଟିଏ ପ୍ଲଟ ନେଇପାରିବେ। ଗୋଟିଏ ପ୍ଲଟ ପାଇଥିବା ବ୍ୟକ୍ତି ଦ୍ୱିତୀୟ ଥର ଆବେଦନ କରିପାରିବେ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ତତ୍ସମ୍ବନ୍ଧୀୟ ନିୟମାବଳୀ ପ୍ରସ୍ତୁତ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ବିଡିଏର ଓକିଲ ଦୟାନନ୍ଦ ମହାପାତ୍ର କହିଛନ୍ତି, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ଙ୍କ ଅଧୀନରେ କାର୍ଯ୍ୟ କରୁଥିବା ଜଣେ ବ୍ୟକ୍ତି ପ୍ରଥମେ ଏକ ବାସୋପଯୋଗୀ ପ୍ଲଟ ନେଇଥିଲେ। ପରେ ତାକୁ ବିକ୍ରି କରି ଦେଇଥିଲେ। ଏହାପରେ ପୁଣି ଆବେଦନ କରି ଏକ ବ୍ୟାବସାୟିକ ପ୍ଲଟ ପାଇଥିଲେ। ତା'ପରେ ସେ ତୃତୀୟ ଥର ପାଇଁ ଆବେଦନ କରି ଏକ ପ୍ଲଟ ପାଇଥିଲେ। ତତ୍କାଳୀନ କର୍ମଚାରୀ କୋଟାରେ ସେ ଏହି ପ୍ଲଟ ପାଇଥିଲେ। ହେଲେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ତାଙ୍କୁ ସେହି ପ୍ଲଟକୁ ନିଜ ଅଧୀନକୁ ନେବାକୁ ଦେଇ ନଥିଲେ। ଏକାଧିକ ପ୍ଲଟ ନେଇ ଥିବା କହି ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ତାଙ୍କର ଉକ୍ତ ପ୍ଲଟର ମଞ୍ଜୁରୀକୁ ରଦ୍ଦ କରି ଦେଇଥିଲେ। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଏହି ନିଷ୍ପତ୍ତି ବିରୋଧରେ ଉକ୍ତ ବ୍ୟକ୍ତି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସେ ଆହୁରି କହିଛନ୍ତି, ମାମଲାର ବିଚାର କରି ହାଇକୋର୍ଟ କହିଥିଲେ ଯେ ଜଣେ ବ୍ୟକ୍ତି ଏକାଧିକ ପ୍ଲଟ ନେବା ଫଳରେ ସାଧାରଣ ଲୋକେ କ୍ଷତିଗ୍ରସ୍ତ ହେଉଛନ୍ତି। ଜଣେ ବ୍ୟକ୍ତିଙ୍କ ପାଖରେ ଏକାଧିକ ପ୍ଲଟ ରହୁଥିବା ବେଳେ ଅନ୍ୟ ଜଣେ ଖଣ୍ଡେ ବି ପ୍ଲଟ ପାଇପାରୁ ନାହିଁ। ଏହି ପ୍ରକ୍ରିୟା ଉପରେ ରୋକ ଲଗାଇବା ପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗ ଅଧୀନରେ ଥିବା ବିଭିନ୍ନ ଉନ୍ନୟନ କର୍ତ୍ତୃପକ୍ଷ ସେମାନଙ୍କ ନିୟମ ପ୍ରସ୍ତୁତ କଲା ବେଳେ ଧ୍ୟାନ ଦିଅନ୍ତୁ। ଯଦି ଜଣେ ବ୍ୟକ୍ତି ଯେକୌଣସି ଉନ୍ନୟନ କର୍ତ୍ତୃପକ୍ଷଙ୍କ ଠାରୁ ଗୋଟିଏ ପ୍ଲଟ ପାଇସାରିଥିବେ, ତା'ହେଲେ ସେ ଦ୍ୱିତୀୟ ଥର ଆବେଦନ କରିପାରିବେ ନାହିଁ ବୋଲି କୋର୍ଟ କହିଛନ୍ତି। ଭବିଷ୍ୟତରେ ନିର୍ଦ୍ଦେଶାବଳି ବା ନିୟମାବଳି ପ୍ରସ୍ତୁତ କଲା ବେଳେ ଏହି ସର୍ତ୍ତକୁ ଉଲ୍ଲେଖ କରିବାକୁ ହାଇକୋର୍ଟ ନିର୍ଦ୍ଦିଷ୍ଟ ଭାବେ ନିର୍ଦ୍ଦେଶ ଦେଇଛନ୍ତି ବୋଲି ଆଇନଜୀବୀ ଶ୍ରୀ ମହାପାତ୍ର କହିଛନ୍ତି।

## କୋଟିଆ ବିବାଦ ସମାଧାନ ପାଇଁ ରାଜ୍ୟ ସରକାରଙ୍କୁ ମାସେ ସମୟ ଦେଲା ବିଜେପି

**ଭୁବନେଶ୍ୱର:** କୋଟିଆ ସୀମା ବିବାଦ ସମାଧାନ ପାଇଁ ରାଜ୍ୟ ସରକାରଙ୍କୁ ମାସେ ସମୟ ଦେଲା ବିଜେପି। ମୁଖ୍ୟମନ୍ତ୍ରୀ ସ୍ତରୀୟ ଆଲୋଚନା କରି ମାମଲାର ସମାଧାନ କରିବାକୁ କହିଲା। ତାହା ନହେଲେ ରାଜ୍ୟବ୍ୟାପୀ 'ଅଯୋଗ୍ୟ ମୁଖ୍ୟମନ୍ତ୍ରୀ ଗାଦି ଛାଡ଼' ଆନ୍ଦୋଳନ କରିବ ବିଜେପି। ଏନେଇ ସୂଚନା ଦେଇଛନ୍ତି ବିଜେପି ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ। ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ହରିଚନ୍ଦନ କହିଛନ୍ତି, କୋଟିଆ ସୀମା ବିବାଦ ଏବେ ଓଡ଼ିଶା ସରକାରଙ୍କ ତଣ୍ଟିରେ କଣ୍ଟା ହୋଇ ଲାଗିବା ଆରମ୍ଭ କରିଛି। କେବଳ କୋଟିଆ ନୁହେଁ, ଗଜପତି ଜିଲ୍ଲା, ଗଞ୍ଜାମ ଜିଲ୍ଲାରେ ମଧ୍ୟ ସମାନ ଅବସ୍ଥା। ସେଠାରେ ମଧ୍ୟ କିଛି ପଞ୍ଚାୟତରେ ଆନ୍ଧ୍ର ପୋଷ୍ଟର ଲାଗୁଛି। ବାସହୀନ ଲୋକଙ୍କୁ ଆନ୍ଧ୍ରପ୍ରଦେଶ ପଟା ବାଣ୍ଟୁଛି ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି। ସେ ଆହୁରି କହିଛନ୍ତି, କୋଟିଆ ପ୍ରସଙ୍ଗରେ ରାଜ୍ୟ ସରକାର କିନ୍ତୁ ଚୁପ୍ ବସିଛନ୍ତି। ସମସ୍ତେ ଏ ପ୍ରସଙ୍ଗକୁ ଏଡ଼ାଇ ଚାଲିଛନ୍ତି। ଏବେ ପ୍ରହେଳିକା ପୂର୍ଣ୍ଣ ସ୍ଥିତିରେ ଅଛି କୋଟିଆ ସ୍ଥିତି। ଏହି ଢିଲା ପଣିଆ ଯୋଗୁ ଆଜି ଓଡ଼ିଶା ପୋଲାଭରମ୍, ମହେନ୍ଦ୍ରତନୟା, ମହାନଦୀ ଟ୍ରିବ୍ୟୁନାଲ ମାମଲାରେ ପଛରେ ରହିଛି।

### ଏମ୍ସ ଭୁବନେଶ୍ୱର ସହ କେନ୍ଦ୍ରୀୟ ହୋମିଓପାଥି ଗବେଷଣା ପରିଷଦର ବୁଝାମଣାପତ୍ର ସ୍ୱାକ୍ଷରିତ

# ହୋମିଓପାଥିର ଉପଯୋଗପୂର୍ବକ ଆଧୁନିକ ଔଷଧର ଅତ୍ୟଧିକ ବ୍ୟବହାର ହ୍ରାସ ଲକ୍ଷ୍ୟ

**ଭୁବନେଶ୍ୱର :** ବର୍ତ୍ତମାନ ପ୍ରଚଳିତ ଚିକିତ୍ସାସେବାରେ ଅତ୍ୟାଧୁନିକ ଔଷଧ ଏବଂ ପ୍ରାଚୀନ କାଳରୁ ଚଳିଆସୁଥିବା ହୋମିଓପାଥିର ସମନ୍ୱୟ ସ୍ୱାସ୍ଥ୍ୟସେବାରେ ବ୍ୟାପକ ପରିବର୍ତ୍ତନ ଆଣିବାର ସମ୍ଭାବନା ରଖିଛି। ତେବେ ଏହି କ୍ଷେତ୍ରରେ ଉଚ୍ଚତର ଗବେଷଣା ଏବଂ ପ୍ରମାଣଭିତ୍ତିକ ବୈଜ୍ଞାନିକ ଚିକିତ୍ସାପ୍ରଣାଳୀ ବ୍ୟବସ୍ଥା ପ୍ରବର୍ତ୍ତନ ସମୟର ବଡ଼ ଆହ୍ୱାନ। ଏହି ଆହ୍ୱାନକୁ ସାକାର ରୂପ ଦେବାକୁ ଆଗେଇ ଆସିଛନ୍ତି ଦୁଇ ଜାତୀୟ ପ୍ରତିଷ୍ଠାନ ଏମ୍ସ ଭୁବନେଶ୍ୱର ଏବଂ କେନ୍ଦ୍ରୀୟ ହୋମିଓପାଥି ଗବେଷଣା ପରିଷଦ(ସିସିଆରଏଚ୍)। ହୋମିଓପାଥି ଏବଂ ଆଧୁନିକ ଔଷଧର ଯୁଗୋପଯୋଗୀ ସମ୍ମିଶ୍ରଣ ଏବଂ ଏହି ସନ୍ଦର୍ଭରେ ଉଚ୍ଚତର ଗବେଷଣା ନିମନ୍ତେ ଉଭୟ ଅନୁଷ୍ଠାନ ମଧ୍ୟରେ ଗତକାଲି ବୁଝାମଣାପତ୍ର(ଏମ୍ଓୟୁ) ସ୍ୱାକ୍ଷରିତ ହୋଇଛି। ଏହି କ୍ଷେତ୍ରରେ ଉଚ୍ଚତର ଏବଂ ବ୍ୟାପକ ଗବେଷଣାର ପଥ ଉନ୍ମୁକ୍ତ କରିବାର ଯଥେଷ୍ଟ ଆଶା ରହିଛି। ଏପରିକି ହୋମିଓପାଥିର ଉପଯୁକ୍ତ ଉପଯୋଗ ସ୍ୱାସ୍ଥ୍ୟ ସେବାରେ ଆଧୁନିକ ଔଷଧର ଅତ୍ୟଧିକ ବ୍ୟବହାରକୁ ହ୍ରାସ କରିବା ନେଇ ବିଶ୍ୱାସ ଜନ୍ମିଛି। ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟକରୁଥିବା ସ୍ୱୟଂଶାସିତ ପ୍ରତିଷ୍ଠାନ ସିସିଆରଏଚ୍ ଏବଂ ଏମ୍ସ ଭୁବନେଶ୍ୱର ମିଳିତ ଭାବେ ଏମ୍ସରେ ଏକୀକୃତ ଚିକିତ୍ସା ବିଭାଗ ପ୍ରତିଷ୍ଠାର ପ୍ରକ୍ରିୟା ଆରମ୍ଭ ହୋଇଛି। ହୋମିଓପାଥିର ବୈଜ୍ଞାନିକ ପ୍ରାମାଣିକତା, ଅନୁସନ୍ଧାନ ଏବଂ ଆଧୁନିକ ଚିକିତ୍ସା ପଦ୍ଧତିରେ ଏହି ପ୍ରାଚୀନ ଔଷଧୀର ପ୍ରୟୋଗ ନେଇ ଏହି ବୁଝାମଣାରେ ବିଶେଷ ବ୍ୟବସ୍ଥା ରହିଥିବା ସୂଚନା ପ୍ରଦାନ କରିଛନ୍ତି ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ। ହୋମିଓପାଥି ଚିକିତ୍ସା ନିମନ୍ତେ ପ୍ରମାଣଭିତ୍ତିକ ବ୍ୟବସ୍ଥିତ ଚିକିତ୍ସା ପଦ୍ଧତି ସୃଷ୍ଟି, ବିଭିନ୍ନ ରୋଗ ଉପଶମ କ୍ଷେତ୍ରରେ ଏହାର ପ୍ରୟୋଗଭିତ୍ତିକ କାର୍ଯ୍ୟଧାରା ସମ୍ପର୍କରେ ମଧ୍ୟ ଦୁଇ ଜାତୀୟ ଅନୁଷ୍ଠାନ ଗବେଷଣା କରିବେ ବୋଲି ପ୍ରକାଶ କରିଛନ୍ତି ଡ. ବିଶ୍ୱାସ। ଏମ୍ସ ଭୁବନେଶ୍ୱର ଭଳି ଜନାଦୃତ ଜାତୀୟ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନ ସହିତ ହୋମିଓପାଥି ସମ୍ପର୍କରେ ଅଧିକ



ଗବେଷଣା ନିମନ୍ତେ ହୋଇଥିବା ବୁଝାମଣାକୁ ନେଇ ଖୁସିବ୍ୟକ୍ତ କରିଛନ୍ତି ସିସିଆରଏଚ୍ର ମହାନିର୍ଦ୍ଦେଶକ (ଡିଜି) ଡ. ସୁଭାଷ କୌଶିକ। ଏକାଧିକ ରୋଗର ଉପଚାର କରିବାରେ ହୋମିଓପାଥିର ବୈଜ୍ଞାନିକ ପ୍ରମାଣ ରହିଛି। ବିଶେଷ ପାର୍ଶ୍ୱପ୍ରତିକ୍ରିୟା ପ୍ରକାଶ ପାଉନଥିବା ଏବଂ ସାଧାରଣ ଲୋକଙ୍କୁ ସୁହାଉଥିବା ହୋମିଓପାଥି ଚିକିତ୍ସା ବ୍ୟବସ୍ଥା ବର୍ତ୍ତମାନର ଆଧୁନିକ ଚିକିତ୍ସାପ୍ରଣାଳୀ ସହିତ ଏକୀକୃତ ହେଲେ ବ୍ୟାପକ ସମ୍ଭାବନା ସୃଷ୍ଟି କରିବ। ଭାରତ ସରକାରଙ୍କ "ଗୋଟିଏ ରାଷ୍ଟ୍ର, ଗୋଟିଏ ସ୍ୱାସ୍ଥ୍ୟ"ର ଅବଧାରଣାକୁ ଦୃଷ୍ଟିରେ ରଖି ହୋଇଥିବା ଏହି ବୁଝାମଣା ନିଶ୍ଚିତ ଭାବରେ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାକୁ ବୃଦ୍ଧି କରିବ ଏବଂ ଜନସାଧାରଣଙ୍କ ପାଇଁ ଲାଭଦାୟକ ହେବ ବୋଲି ଡ. କୌଶିକ୍ ଆଶାବ୍ୟକ୍ତ କରିଛନ୍ତି। କୋଭିଡ୍ ମହାମାରୀ ସମୟରେ ହୋମିଓପାଥିର ଆଦର ବେଶ ବୃଦ୍ଧି ପାଇଥିଲା। ଡେଙ୍ଗୁ, ଆକ୍ୟୁଟ୍ ଏନ୍ସେଫାଲାଇଟିସ୍ ସିଣ୍ଡ୍ରୋମ, କୋଭିଡ୍ ପରବର୍ତ୍ତୀ ଜଟିଳ ସମସ୍ୟା, କର୍କଟ ଚିକିତ୍ସା, ବିଭିନ୍ନ ମାନସିକ ରୋଗ ସହିତ ଏକାଧିକ ରୋଗର ଚିକିତ୍ସାରେ ହୋମିଓପାଥିର ପ୍ରୟୋଗ ସୁଫଳ ଆଣିଥିବା ବିଭିନ୍ନ ସମୟରେ ହୋଇଥିବା ପ୍ରୟୋଗାତ୍ମକ ଚିକିତ୍ସାପଦ୍ଧତିରୁ ପ୍ରମାଣିତ ହୋଇଛି। ଦୁଇ ଅନୁଷ୍ଠାନର ମୁଖ୍ୟଙ୍କ ମଧ୍ୟରେ ହୋଇଥିବା ବୁଝାମଣାପତ୍ର ସ୍ୱାକ୍ଷର କାର୍ଯ୍ୟକ୍ରମ ଅବସରରେ ଏମ୍ସ ଭୁବନେଶ୍ୱର ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରିଡ଼ା, ଡିନ୍(ଗବେଷଣା) ଡ. ସତ୍ୟଜିତ ମିଶ୍ର, ବରିଷ୍ଠ ମେଡିକାଲ୍ ଅଫିସର (ଆୟୁଷ ବିଭାଗ) ଡ. ପ୍ରଶାନ୍ତ କୁମାର ସାହୁ, ଡ. ଶୁଭାଷୀଶ ସରକାର, ଡ. ଆସିଫ ସର୍ଦ୍ଦାର, ଡ. ଅଜିତ କୁମାର ପ୍ରଧାନ, ସନ୍ତୋଷ କୁମାର ସାହୁଙ୍କ ସମେତ ସିସିଆରଏଚ୍ରୁ ଡ. ଦେବଦତ୍ତ ନାୟକ, ଡ. ଉମାକାନ୍ତ ତୃପ୍ତି, ଡ. କରନ୍ପ୍ରୀତ ନହର୍ ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ ଯେ ଏମ୍ସରେ ଥିବା ଏକ ଉତ୍ସର୍ଗୀକୃତ ଆୟୁଷ ବିଭାଗ ଅଧିନରେ ହୋମିଓପାଥି, ଆୟୁର୍ବେଦ ଏବଂ ଯୋଗ ଆଦି ମାଧ୍ୟମରେ ଚିକିତ୍ସା ସେବା ପ୍ରଦାନ କରାଯାଉଛି।

ସୁଖ ପାଖରେ ଜ୍ଞାନ ନଥାଏ । ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ ।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୮ - ୧୪ ମଇ, ୨୦୨୩

# ଆଗକୁ ପରମାଣୁ ବିଭୀଷିକାର ଭୟ

କୋଭିଡ ପରେ ପରେ ୟୁକ୍ରେନ-ଋଷ ଲଢେଇ ଥମିବାର ନାଁ ଧରୁନଥିଲା ବେଳେ ନାଟୋ ସଦସ୍ୟ ରାଷ୍ଟ୍ରଙ୍କ ସହଯୋଗରେ ୟୁକ୍ରେନ ରାଷ୍ଟ୍ରପତି ଜେଲେନ୍ସ୍କି ଏଯାଏ ଆତ୍ମସମର୍ପଣ କରିନାହାନ୍ତି । ପରନ୍ତୁ ପଛରେ ରହି ଆମେରିକା ଋଷ ସହିତ ଯୁଦ୍ଧ କରୁଥିବା ମଧ୍ୟ ସନ୍ଦେହ ପ୍ରକଟ କରାଯାଉଛି । ନିକଟରେ ଋଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ହତ୍ୟା କରିବା ୟୁକ୍ରେନ ଉଦ୍ୟମ କରିଥିବା ନେଇ ତଥ୍ୟ ସାମ୍ନାକୁ ଆସିଛି । ତେବେ ୟୁକ୍ରେନର ଏଭଳି ଉଦ୍ୟମକୁ ପଣ୍ଡ କରିଦେଇଛି ଋଷ । ଆକ୍ରମଣ ପାଇଁ ବ୍ୟବହୃତ ଡ୍ରୋନ୍‌କୁ ଗୁଳି କରି ଖସାଇଦେଇଛି ଋଷ ସେନା । ୟୁକ୍ରେନର ଏଭଳି ଆକ୍ରମଣକୁ ନେଇ ଋଷ କ୍ଷୁବ୍ଧ ଅଛି ଏବଂ ଏହାର ପ୍ରତିଶୋଧ ନେବ ବୋଲି ମଧ୍ୟ ଘୋଷଣା କରିଛି । ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କିଙ୍କ ଘର ଉପରେ କ୍ଷେପଣାସ୍ତ୍ର ମାଡ଼ କରିବାକୁ ଋଷ ସଂସଦ ପ୍ରସ୍ତାବ ଦେଇଛି । ହେଲେ ୟୁକ୍ରେନ ସଫେଇ ଦେଇଛି ଯେ ଏଭଳି ଆକ୍ରମଣ ପଛରେ ତାର ହାତ ନାହିଁ । ଆକ୍ରମଣ ସମୟରେ କ୍ରେମଲିନରେ ନଥିଲେ ପୁଟିନ । ସେ ଅନ୍ୟ ଏକ ସୁରକ୍ଷିତ ସ୍ଥାନରେ ଅଫିସ କରୁଥିଲେ । ପୁଟିନ ସୁରକ୍ଷିତ ଥିବା କହିଛି ଋଷ । କିଛିଦିନ ତଳେ ୟୁକ୍ରେନ ପକ୍ଷରୁ ଏଭଳି ବଡ଼ ଉଦ୍ୟମ ହୋଇଥିଲା, ଯାହାକୁ ପଣ୍ଡ କରିଥିଲା ଋଷ ସେନା । ତେବେ ବର୍ତ୍ତମାନ ଘଟଣା ପରେ ଋଷ କେତେକ ଚାଞ୍ଚଲ୍ୟକର ତଥ୍ୟ ସାର୍ବଜନିକ କରିଛି । ଦୁଇଟି ବିସ୍ଫୋରକ ଭର୍ତ୍ତି ଡ୍ରୋନ୍‌କୁ କ୍ରେମଲିନ ପ୍ରାସାଦ ନିକଟରେ ଗୁଳି କରି ଖସାଇ ଦେବା ସଂକ୍ରାନ୍ତ ଭିଡିଓ ଜାରି ହୋଇଛି । ପୁଟିନଙ୍କୁ ହତ୍ୟା ଉଦ୍ୟମ ଘଟଣା ଋଷିଆରେ ଚାଞ୍ଚଲ୍ୟ ଖେଳାଇଦେଇଛି । ଋଷ ସେନା ଏହାର ଜବାବ ଦେବାକୁ ପ୍ରସ୍ତୁତ ଥିବା ଜଣାପଡିଛି । ମସ୍କୋ ଆକାଶରେ ଯେକୌଣସି ଉଡ଼ନ୍ତା ବସ୍ତୁ ଉପରେ ସତର୍କ ନଜର ରଖୁଛି ଋଷ । ପୁଟିନଙ୍କୁ ହତ୍ୟା କରିବା ପାଇଁ ୟୁକ୍ରେନର ଉଦ୍ୟମ ସାମ୍ନାକୁ ଆସିବା ପରେ ଋଷ ସଂସଦ ଏହାକୁ ଗମ୍ଭୀରତାର ସହ ନେଇଛି । କ୍ରେମଲିନରେ ଡ୍ରୋନ୍ ଆଟାକ ପରେ ଋଷ ରାଷ୍ଟ୍ରପତି ଭୀଷଣ କ୍ଷୁବ୍ଧ ହେବା ସହିତ ୟୁକ୍ରେନରେ ମୃତ୍ୟୁର ତାଣ୍ଡବ ରଚିଛନ୍ତି । ୟୁକ୍ରେନର ଆଉ ନିସ୍ତାର ନାହିଁ । ୟୁକ୍ରେନରେ ଯାହାକୁ ଦେଖିଲେ ତାକୁ ମାରିବାକୁ ନିର୍ଦ୍ଦେଶ ମିଳିଛି । ପୁଟିନ ସେନା ଏବେ ରକ୍ତମୁଖା । ଋଷ ପକ୍ଷରୁ ଅଭିଯୋଗ ହେଉଛି ଯେ ପୁଟିନଙ୍କ ହତ୍ୟା ଉଦ୍ୟମ ପଛରେ ଆମେରିକା ହାତ ଅଛି । ଆମେରିକା ଏହା ଯୋଜନାବଦ୍ଧ ଭାବେ ଏହା ଘଟାଇଥିବା ନେଇ ଋଷ କହିଛି । ଏଥିରେ କେବଳ ୟୁକ୍ରେନକୁ ମୋହରା କରାଯାଇଛି । ଡ୍ରୋନ୍ ହମଲାର ଦିନକ ପରେ ଏହି ଅଭିଯୋଗ ଋଷ ଆଣିଛି । ପୁଟିନଙ୍କ ମୁଖପାତ୍ର ଦିମିତ୍ରୀ ପେସ୍କୋଭ କହିଛନ୍ତି ଯେ କ୍ରେମଲିନ ଉପରେ ଯେଉଁ ଡ୍ରୋନ୍ ଆକ୍ରମଣ ହୋଇଛି, ତାହା କେବଳ ଆମେରିକା ହିଁ କରିପାରିବ । ଆମେରିକା ଏଭଳି ଆତଙ୍କୀ ହମଲାର ନିଷ୍ପତ୍ତି ନେଇଥାଏ । ୟୁକ୍ରେନ କେବଳ ଏହି ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିଛି । ପୂର୍ବରୁ ମଧ୍ୟ ଆମେରିକା ଅନେକ ଥର ଏଭଳି କାର୍ଯ୍ୟ କରିଛି । କ୍ରେମଲିନ ଉପରେ ଡ୍ରୋନ୍ ଆକ୍ରମଣ ଉଦ୍ୟମ ପଣ୍ଡ ହେବା ପରେ ଆମେରିକା ସିଧାସଳଖ ଭାବେ ୟୁକ୍ରେନ ଉପରେ ଅଙ୍ଗୁଳି ଉଠାଇଥିଲା । ୟୁକ୍ରେନକୁ ଏହାର ଜବାବ ଦିଆଯିବ ବୋଲି ଚେତାବନୀ ଦେଇଥିଲା । କିନ୍ତୁ ୟୁକ୍ରେନ ରାଷ୍ଟ୍ରପତି ଭଲୋଡିମିର ଜେଲେନ୍ସ୍କି ଏହି ଅଭିଯୋଗକୁ ଖଣ୍ଡନ କରିଥିଲେ । ଋଷର ପୂର୍ବତନ ରାଷ୍ଟ୍ରପତି ତଥା ପୁଟିନଙ୍କ ଘନିଷ୍ଠ ସହଯୋଗୀ ଦିମିତ୍ରୀ ମେଦଭେଦେଭ କହିଛନ୍ତି ଯେ ୟୁକ୍ରେନ ରାଷ୍ଟ୍ରପତି ଜେଲେନ୍ସ୍କିଙ୍କୁ ମାରିବା ବ୍ୟତିରେକ ଋଷ ପାଖରେ ଏବେ ଅନ୍ୟ କୌଣସି ରାସ୍ତା ନାହିଁ । ସଂସଦରେ ମଧ୍ୟ ଏ ଦାବି ଉଠିସାରିଛି । ତେବେ ଆମେରିକା ସହ ଋଷିଆର ସିଧାସଳଖ ଯୁଦ୍ଧ ହେଲେ ଏହାର ପ୍ରଭାବ ସମଗ୍ର ବିଶ୍ୱ ଉପରେ ପଡିବ । ପରମାଣୁ ଯୁଦ୍ଧର ଭୟ ସମସ୍ତଙ୍କୁ ଭୟଭୀତ କରୁଥିଲାବେଳେ ଯଦି ଋଷ ୟୁକ୍ରେନ ଉପରେ ପ୍ରତିଶୋଧ ନେବାକୁ ଯାଇ ଏଭଳିକିଛି କରି ବସେ ତେବେ ତୃତୀୟ ବିଶ୍ୱଯୁଦ୍ଧର ବିଭୀଷିକା ବିଶ୍ୱ ଭୋଗିବ । ବର୍ତ୍ତମାନର ଖବର ଅନୁସାରେ କ୍ରେମଲିନ୍ ଉପରେ ଡ୍ରୋନ୍ ଆକ୍ରମଣ ପରେ ଋଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସୁରକ୍ଷା ବ୍ୟବସ୍ଥାକୁ ବହୁମାତ୍ରାରେ ବଢ଼ାଇ ଦିଆଯାଇଛି । ରାଜଧାନୀ ମସ୍କୋ ନିକଟ ନୋଭୋ-ଓଗାରିୟୋଭୋରେ ଏକ ବଙ୍କରକୁ ତାଙ୍କୁ ସ୍ଥାନାନ୍ତର କରାଯାଇଛି । କ୍ରେମଲିନ୍ ପ୍ରବକ୍ତା ଦିମିତ୍ରି ପେସକୋଭ ଏହି ସୂଚନା ଦେଇଛନ୍ତି । ବଙ୍କର ଏଭଳି ନିର୍ମାଣ ହୋଇଛି ଯାହା ପରମାଣୁ ବୋମା ଆକ୍ରମଣରୁ ମଧ୍ୟ ସୁରକ୍ଷିତ ରହିପାରିବ । ପେସକୋଭଙ୍କ କହିବାନୁଯାୟୀ କ୍ରେମଲିନରେ ଡ୍ରୋନ ଆକ୍ରମଣ ସମୟରେ ପୁଟିନ ମସ୍କୋ ବାହାରେ ତାଙ୍କ ନୋଭୋ-ଓଗାରିୟୋଭୋ ବାସଭବନ ବଙ୍କରରେ କାର୍ଯ୍ୟରତ ଥିଲେ । ସେହି ସମୟରେ ସେ କ୍ରେମଲିନରେ ନଥିଲେ ଏବଂ କ୍ରେମଲିନକୁ ସୁରକ୍ଷା ଯୋଗାଉଥିବା ବାହିନୀ ବିସ୍ଫୋରକ ଭର୍ତ୍ତି ଦୁଇଟି ଡ୍ରୋନ୍‌କୁ ଠିକ୍ ସମୟରେ ଗୁଳି କରି ଖସାଇ ଦେବାକୁ ସକ୍ଷମ ହୋଇଥିଲେ । ପୁଟିନଙ୍କୁ ହତ୍ୟା କରିବା ପାଇଁ ୟୁକ୍ରେନ୍ ଏହି ଡ୍ରୋନ୍ ପଠାଇଥିଲା ବୋଲି ଋଷ କେତେକ ବଳିଷ୍ଠ ପ୍ରମାଣ ଉପସ୍ଥାପନ କରିଛି । କ୍ରେମଲିନ ପ୍ରବକ୍ତା କହିଛନ୍ତି, ପରବର୍ତ୍ତୀ ରଣନୈତିକ ନିଷ୍ପତ୍ତି ପର୍ଯ୍ୟନ୍ତ ପୁଟିନ ନାଭୋ-ଓଗାରିୟୋଭୋ ସ୍ଥିତ ବଙ୍କରରୁ ହିଁ କାର୍ଯ୍ୟ ଜାରି ରଖିବେ । ତେବେ ଋଷ-ୟୁକ୍ରେନ୍ ବିବାଦର ସମାଧାନ ନହେଲେ ଆଗକୁ ପରମାଣୁ ବିଭୀଷିକାର ଭୟ ବଢ଼ିବ ।

ସମ୍ପାଦକୀୟ



ତାରକ ମହାନ୍ତି

# ତ୍ରିସ୍ତରୀୟ ଅପରେସନ ଟୁପାକ



ସୌମେନ୍ଦ୍ର ଜେନା

ପାକ୍ ସରକାରଙ୍କ ଭାରତ ବିରୋଧୀ ଛାୟାଯୁଦ୍ଧ ଅପରେସନ ଟୁପାକକୁ ତିନୋଟି ପର୍ଯ୍ୟାୟରେ ଆଲୋଚନା କରାଯାଇଥାଏ । ପ୍ରଥମ ପର୍ଯ୍ୟାୟଟି ୧୯୭୦ରୁ ୧୯୮୮କୁ ଧରାଯାଇଥାଏ । ବଙ୍ଗଳାଦେଶ ଯୁଦ୍ଧପରେ ଆଇଏସ୍ଆଇ ଯୋଜନାରେ ଜେକେଏଲ୍ଏଫ ନାମରେ ସନ୍ତ୍ରାସବାଦୀ ଗୋଷ୍ଠୀ ସ୍ଥାପନ କରାଯାଇଥିଲା । ଏହି ଦଶନ୍ଧିରେ ହଲ୍‌କାଇ ଆହବେ ଇସଲାମୀରୁ ଇସଲାମିକ ସର୍କଲ ଅଫ୍ ନର୍ଥ ଆମେରିକା ଜନ୍ମ ହୋଇଥିଲା । ଏହି ସମୟରେ ଭାରତରେ ଷ୍ଟୁଡେଣ୍ଟସ ଇସଲାମିକ ମୁଭମେଣ୍ଟ ଅଫ୍ ଇଣ୍ଡିଆ (ସିମି) ନାମରେ ସଂଗଠନ କାର୍ଯ୍ୟାରମ୍ଭ କରିଥିଲା । ଏହି ଦଶନ୍ଧିରେ ଜାମ୍ମୁ-କାଶ୍ମୀରର ଷ୍ଟୁଡେଣ୍ଟସ ଇସଲାମିକ ଅର୍ଗାନାଇଜେସନ ଗଢାଯାଇ ପରେ ଜମାତେ ଇସଲାମୀ ପାକିସ୍ଥାନର ଛାତ୍ରଶାଖା ଇସଲାମୀ ଜମିଆତ-ଇ-ତଲାବାରେ ମିଶିଯାଇଥିଲା । ଆଇଏସ୍ଆଇର ଘୁଲାମ ନବି ଫାଯି ଜାମ୍ମୁ - କାଶ୍ମୀରରେ ପରିଚିତ ନାମ ଥିଲା । ସେହି ୭୦ ଦଶକରେ ବଙ୍ଗଳାଦେଶରେ ଜମାତର ଛାତ୍ରଶାଖା ଇସଲାମିକ ଛାତ୍ର ଶିବିର ଗଠନ କରାଯାଇଥିଲା । ଆସୋସିଏସନ୍ ଅଫ୍ ପାକିସ୍ଥାନୀ ଡିସେଣ୍ଟ ଇନ୍ ନର୍ଥ ଆମେରିକା (ଅପ୍‌ନା) ୧୯୭୭ରେ ଗଢାଯାଇଥିଲା । ଏହି ଦଶନ୍ଧିରେ ଅନେକଗୁଡିଏ ପ୍ରମୁଖ ସଂଗଠନମାନ ଗଢା ହୋଇଥିଲେ । ଏଥିରେ ଅନ୍ୟଏକ ବିଷୟ ଲକ୍ଷ୍ୟ କରିବାର କଥା ହେଲା ଯେ ଯେଉଁମାନେ ଏହିସବୁ ସଂଗଠନ ଗଢିଥିଲେ ସେମାନେ ପରବର୍ତ୍ତୀ କାଳରେ ସେମାନଙ୍କ ପରିବାରବର୍ଗଙ୍କୁ ସେଥିରେ ସାମିଲ କରି ନେତୃତ୍ୱକୁ ନିଜ ହାତରେ ରଖିବାଲାଗି ଚେଷ୍ଟା କଲେ । ଉଦାହରଣ ସ୍ୱରୂପ ସାଉଣ୍ଡ ଭିଜନ ଏବଂ ଜେଏଫ୍ଏର ପ୍ରତିଷ୍ଠାତା ଅବଦୁଲ ମାଲିକ ମୁଜାହିଦ ୭୦ଦଶକରେ ଜମିଆତ ଇ-ତଲାବାର ଅଧକ୍ଷ ରହିଥିଲେ । ସିମିର ପ୍ରତିଷ୍ଠାତା ମହମ୍ମଦ ଅବଦୁଲ୍ଲା ସିଦ୍ଧିକୀ ଜେଏଫ୍ଏ ସହିତ ସଂପୃକ୍ତ ଥିଲା । ମହମ୍ମଦ ଅୟୁବ ଠାକୁରର ପୁଅ ମୁଜାମ୍ମିଲ ଏବେ କାଶ୍ମିରର ମଶାଲଧାରୀ ସାଜିଛି । ନିକଟ ଅତୀତରେ ଜାତିସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ କାଶ୍ମିରୀଙ୍କ ବୈଠକରେ ଭାରତର ମହିଳା ପ୍ରତିନିଧି ଯୋଗ ଦେଇଥିଲା ବେଳେ ଅୟୁବ ଠାକୁର ସେମାନଙ୍କୁ ଧମକ ଦେଉଥିବା ଦେଖାଯାଇଥିଲା । କାଶ୍ମିରର ବିକାଶଧାରା ଏବଂ ଜନ ଜୀବନର ଉନ୍ନତି ବିଷୟରେ ଜାତିସଂଘରେ ଆଲୋଚନା ହେଲାବେଳେ ପାକ୍ ସମର୍ଥିତ ଅୟୁବ ଗୋଷ୍ଠୀ ସବୁବେଳେ ଭ୍ରାନ୍ତି ସୃଷ୍ଟି କରିବାକୁ ପ୍ରୟାସ କରିଥାନ୍ତି । ଅପରେସନ ଟୁପାକର ଦ୍ୱିତୀୟ ପର୍ଯ୍ୟାୟର ସମୟ କହିଲେ ୧୯୮୦ରୁ ୧୯୯୦କୁ ବୁଝାଇଥାଏ । ଏହି ସମୟରେ ପାକ୍ ଓ ଭାରତରୁ ଅଲଗା ହେବାକୁ ଜାମ୍ମୁ-କାଶ୍ମୀର ଲିବରେସନ ଫ୍ରଣ୍ଟ ଆହ୍ୱାନ ଦେଇଥିଲା । ପାକ୍‌ର ରାଜନେତା ଏବଂ ମାନବତାବାଦୀମାନେ ପାକ୍‌ର କାଶ୍ମୀର ନୀତିକୁ କେନ୍ଦ୍ର କରି ସେହି ଆହ୍ୱାନକୁ ସମର୍ଥନ ଜଣାଇଥିଲେ । ସେମାନଙ୍କ ମତବ୍ୟକ୍ତର ଅଧିକାର, ମାନବାଧିକାରର ସୁରକ୍ଷା ସେ ପର୍ଯ୍ୟନ୍ତ ଠିକ୍ ଥିଲା, ଯେ ପର୍ଯ୍ୟନ୍ତ ସେମାନେ ପାକ୍‌ର ନୀତିକୁ ସମର୍ଥନ କରୁଥିଲେ । ଆମେରିକା, ୟୁରୋପ ଏବଂ ଭାରତରେ ଥିବା ସେମାନଙ୍କ ସମର୍ଥକଙ୍କୁ ସମର୍ଥନ କରୁଥିଲେ । କାଶ୍ମିରୀ ଲୋକଙ୍କର କିଛି ମତ ନଥିଲା କି ସେମାନେ ସନ୍ତ୍ରାସବାଦକୁ ବିରୋଧ ମଧ୍ୟ କରୁନଥିଲେ । ଜେକେଏଲଏଫର କାର୍ଯ୍ୟ ପାକ୍‌କୁ ସହାୟକ ନହେବା ଯୋଗୁ ସେମାନେ ବିକଳ୍ପର ଅନ୍ୱେଷଣ କଲେ । ତେଣୁ ୧୯୮୦ ପରେ ଅନ୍ୟ ଏକ ଗୋଷ୍ଠୀ ଲସ୍କର-ଇ-ତୈବା ଏବଂ ହିଜବୁଲ ମୁଜାହିଦ୍ଦୀନ ପାକ୍ ସରକାରଙ୍କ ଯୋଜନାରେ ମୁଣ୍ଡ ଟେକିଲା । ଏହି ସମୟରେ ଅନେକଗୁଡିଏ ସଂଗଠନ ରାତାରାତି ମୁଣ୍ଡ ଟେକିଲେ । ସମସ୍ତଙ୍କର ଗୋଟିଏ ମୁଖ୍ୟ ଗୋଷ୍ଠୀ ସହ ସଂପର୍କ ରହିଥିଲା । ଜଷ୍ଟିସ୍ ଫର୍ ଅଲ୍‌ର ମୂଳ ସଂଗଠନ 'ଦି ସାଉଣ୍ଡ ଭିଜନ' ୧୯୮୮ରେ ଜମାତର ଆଇସିଏନ୍ଏ ବା ଇସଲାମିକ କାଉନସିଲ ଅଫ୍ ନର୍ଥ ଆମେରିକା ଦ୍ୱାରା ଆରମ୍ଭ କରାଯାଇଥିଲା । ୧୯୮୯ରେ 'ଦି ମେସେଜ୍ ଇଣ୍ଟରନେସନାଲ' ପତ୍ରିକା ଆରମ୍ଭ ହୋଇଥିଲା । ସେମିତି ୧୯୯୦ରେ ଆଇଏସ୍ଆଇର ଆର୍ଥିକ ସହାୟତା ଲାଭ କରୁଥିବା ମହମ୍ମଦ ଅୟୁବ ଠାକୁର ଏବଂ ଘୁଲାମ ନବି ଫାଯିଙ୍କ ଦ୍ୱାରା ୱର୍ଲଡ କାଶ୍ମୀର ଫ୍ରିଡମ୍ ମୁଭମେଣ୍ଟ ଏବଂ କାଶ୍ମୀର ଆମେରିକାନ କାଉନସିଲ ଗଠିତ ହୋଇଥିଲା ।

ଅପରେସନ ଟୁପାକ୍‌ର ତୃତୀୟ ପର୍ଯ୍ୟାୟ ୨୦୧୦ରୁ ଅଦ୍ୟାବଧି ଜାରି ରହିଛି । ୨୦୧୧ରେ ଦୁଇଟି ପ୍ରମୁଖ ଘଟଣା ଘଟିଥିଲା । ଭାରତ ସରକାର ୨୦୧୧-୨୦୧୭ ମଧ୍ୟରେ ବିଦେଶୀ ଦାନ ଗ୍ରହଣ ଆଇନର ଉଲ୍ଲଂଘନକୁ କେନ୍ଦ୍ର କରି ପ୍ରାୟ ୧୮,୮୬୮ ସ୍ୱେଚ୍ଛାସେବୀ ସଂଗଠନର ମାନ୍ୟତାକୁ ବାତିଲ କରିଥିଲେ । ଆଇନକୁ ବଳବତ୍ତର କରିବା ଯୋଗୁ ସହାୟତା ରାଶି ୨୦୧୫-୧୬ରେ ୧୭୭୭୩କୋଟିରୁ ହ୍ରାସ ପାଇ୨୦୧୬-୧୭ରେ ୧୧୨୭୪ କୋଟିକୁ ଖସିଆସିଥିଲା । ଦ୍ୱିତୀୟ ଘଟଣାଟି ହେଲା ପାକ୍ ସିନେଟ୍ ୩ ଅକ୍ଟୋବର ୨୦୧୬ରେ ଏକ ରିପୋର୍ଟ ପ୍ରକାଶ କଲେ ଯେ କାଶ୍ମୀର ସଂକ୍ରାନ୍ତରେ ବିଦେଶରେ ଯେପରି ଭାରତ ବିରୋଧୀ ମନୋଭାବ ସୃଷ୍ଟି ହେବ ସେଥିପାଇଁ ଯେତେ ସବୁ ଲବି ଫାର୍ମ ରହିଛି ସେମାନଙ୍କୁ କାର୍ଯ୍ୟରେ ଲଗାଯିବ । ଫଳସ୍ୱରୂପ୨୦୧୬-୧୯ ମଧ୍ୟରେ ଅନେକଗୁଡିଏ ସଂଗଠନ କାଶ୍ମୀର ନାମରେ ଛତୁ ଫୁଟିଲା ପରି ବ୍ରିଟେନ ଓ ଆମେରିକା ମଧ୍ୟରେ ମୁଣ୍ଡ ଟେକିଲେ । ୨୦୧୫-୧୬ରେ ଦକ୍ଷିଣ ଏସିଆ ମାମଲାରେ ଅନେକ ଗୋରା ବିଶେଷଜ୍ଞ ଦେଖାଦେଲେ । ଅଡ୍ରେ ଟ୍ରୁସ୍କେ ନାମକ ଜଣେ ଅଧାପିକା ୨୦୧୫ରେ ଆଉରଙ୍ଗଜେବ ବିଷୟରେ ତାଙ୍କ ପୁସ୍ତକ ପ୍ରକାଶ କରାଇଲେ । ୨୦୧୬ରେ ଭାରତକୁ ଟାର୍ଗେଟ କରି ସିଜେ ୱାରେଲମାନ ନାମକ ଜଣେ ବ୍ୟକ୍ତି ପ୍ରଚଣ୍ଡ ଭାରତ ବିରୋଧୀ ପ୍ରଚାର ଚଳାଇଲେ । ସେମିତି ଡାନିଏଲେ ଖାଁ ନାମରେ ଅନ୍ୟ ଜଣେ କାଶ୍ମିରୀ ବିଶେଷଜ୍ଞ ଭାବେ ୨୦୧୬ରେ ବାହାରି ପଡିଲେ । ପାକ୍‌ର ଗୋରୀ ରାଷ୍ଟ୍ରଦୂତ ସିନ୍ଥିଆ ଡି.ରିଚି ମଧ୍ୟ ୨୦୧୬ରେ ଭାରତ ବିରୋଧୀ ପ୍ରଚାରରେ ଲାଗିପଡିଲେ । ପାକ୍ ଟିଭିରେ ବ୍ରିଟେନର ମୂଳବାସିନ୍ଦା ପଲ୍ ଆଡାମ୍ସ ନୱାଜ ସରିଫଙ୍କ ଦୁର୍ନୀତିକୁ କେନ୍ଦ୍ରକରି ବିସ୍ଫୋରକ ବର୍ଣ୍ଣନା ଦେଲେ, ଯାହା ଇମରାନ ଖାଁଙ୍କ ସରକାର ପାଇଁ ଲାଭଜନକ ହେଲା । ଆଣ୍ଡ୍ରୁ କୋରିବ୍‌କୋ ନାମକ ଜଣେ ରୁଷୀୟ ବ୍ୟକ୍ତି ପାକ୍ ଗଣମାଧ୍ୟମରେ ଭାରତ ବିରୁଦ୍ଧରେ ବିଷୋଦଗାର କରିବାକୁ ଲାଗିଲେ । ହେଲେନେ ସେଜଲର୍ଟ ନାମକ ଜଣେ ସ୍ୱିଡେନ ଜନ୍ମିତ ମାନବାଧିକାର କର୍ମୀ ୨୦୧୬ରେ କାଶ୍ମିର ମୁକ୍ତି ପାଇଁ ଯୁକ୍ତି ବାଢିବାକୁ ଲାଗିଲେ । ହାଲେ ଡୁଷ୍ଚିନ୍‌ସ୍କି ନାମ୍ନୀ ଜଣେ ମହିଳା ନୃତତ୍ତ୍ୱବିତ୍ ୨୦୧୬ରେ କାଶ୍ମୀର ବିଷୟରେ ବଢିବଢି କହିବାକୁ ଆରମ୍ଭ କଲେ । ତା'ପୂର୍ବରୁ ସେ ଏହି ବିଷୟରେ ପଦେ ହେଲେ କଥା କହିନଥିଲେ । ଉପରବର୍ଣ୍ଣିତ ଲୋକଙ୍କ ମଧ୍ୟରେ ଦୁଇଟି ବିଷୟ ସାଧାରଣ ଥିଲା ସେମାନେ ସମାନ ସମୟରେ ଦେଖାଦେଉଥିଲେ । ସେମାନେ ପାକ୍ ସମର୍ଥନରେ ଭାରତ ବିରୁଦ୍ଧରେ କହୁଥିଲେ । ମୁଜାମ୍ମିଲ ଠାକୁର ୨୦୧୬ରେ ନିଜ ପିତାଙ୍କର ଜଷ୍ଟିସ୍ ଫାଉଣ୍ଡେସନ କାଶ୍ମୀର ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଟରନେସନାଲ ଆଫେୟାର୍ସର କାର୍ଯ୍ୟକୁ ହାତକୁ ନେଲା । ୨୦୧୬ରେ ଇକ୍ୱାଲିଟୀ ଲାବ୍ସର କାର୍ଯ୍ୟ ଆରମ୍ଭ ହୋଇସାରିଥିଲା । ସେମିତି ୨୦୧୬ରେ ହିନ୍ଦୁତ୍ୱ ବିରୋଧରେ ପ୍ରଚାର ଚଳାଇବାକୁ 'ଦି ପୋଲିସ ପ୍ରୋଜେକ୍ଟ' ଆରମ୍ଭ ହୋଇଯାଇଥିଲା । ଏମାନେ ସମସ୍ତେ ଭାରତରେ ମାନବାଧିକାର ବିଷୟକୁ ନେଇ ଚିନ୍ତା ପ୍ରକଟ କରୁଥିଲେ । ଧାରା ୩୭୦କୁ ୨୦୧୯ରେ ହଟାଯିବା ପରେ ଜମାତେ ଇସଲାମୀ ସହ ଯୋଡି ହୋଇଥିବା ସଂଗଠନ କାଶ୍ମୀର ବିଷୟକୁ ନେଇ ମଇଦାନକୁ ଗୋଟିଏ ସମୟରେ ଡେଇଁପଡିଲେ । ସେମାନଙ୍କ ମଧ୍ୟରେ ଆମେରିକାନ୍ସ ଫର କାଶ୍ମୀର ଷ୍ଟାଣ୍ଡ ୱିଥ୍ କାଶ୍ମୀର, ଫ୍ରେଣ୍ଡସ୍ ଅଫ୍ କାଶ୍ମୀର ସଂଗଠନ ରହିଥିଲେ । ୨୦୧୯ରେ ଅନ୍ୟ ଏକ ସଂଗଠନ ହିନ୍ଦୁଜ ଫର୍ ହ୍ୟୁମାନ୍ ରାଇଟ୍ସ ଗଢାଯାଇଥିଲା । ସମୟ ବଦଳିବା ସହ ସଂଗଠନଗୁଡିକର ନାମ ମଧ୍ୟ ବଦଳିଛି । ନୂଆ ନୂଆ ସଂଗଠନ ମଧ୍ୟ ମୁଣ୍ଡ ଟେକିବାରେ ଲାଗିଛନ୍ତି । ଦି କୋଆଲିସନ୍ ଏଗେନେଷ୍ଟ କମ୍ୟୁନାଲିଜମର ନାମ ବଦଳିଯାଇ ହିନ୍ଦୁଜ ଫର ହ୍ୟୁମାନ ରାଇଟ୍ସ ହୋଇଛି । ସମୟ ଅନୁଯାୟୀ ସଂଗଠନ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଏହିସବୁ ସଂଗଠନଗୁଡିକର ମୂଳରେ ରହିଥିବା ସଂଗଠନ କଥା ଦେଖିଲେ ଜଣାପଡିବ ଯେ ସବୁଠି ଜମାତ ହିଁ ରହିଛି । ଲକ୍ଷ୍ୟ ଗୋଟିଏ ରହିଛି ଭାରତକୁ କ୍ଷତିଗ୍ରସ୍ତ କରିବା, ରକ୍ତାକ୍ତ କରିବା । ଦ୍ୱନ୍ଦ୍ୱର କାରଖାନା ମାଧ୍ୟମରେ ଅପରେସନ ଟୁପାକକୁ ଆର୍ଥିକ ସହାୟତା ଏବେ ମଧ୍ୟ ଜାରିରହିଛି । ତେବେ କଥା ହେଉଛି ଆର୍ଥିକ ଦୁଃସ୍ଥିତି ମଧ୍ୟରେ ପାକ୍ ପରି ଏକ ଦୁର୍ବଳ ରାଷ୍ଟ୍ର ଭାରତ ବିରୁଦ୍ଧରେ ଏତେଗୁଡିଏ ସଂଗଠନକୁ କିପରି ସକ୍ରୀୟ ରଖିପାରିବ, ଏତେଗୁଡିଏ ଗୃଧ୍ର କର୍ମୀଙ୍କୁ କେମିତି ପୋଷିବ ? ଏହାର ଉତ୍ତରରେ କୁହାଯାଇପାରେ ଯେ ପାକ୍ ସରକାର ଯେ ପର୍ଯ୍ୟନ୍ତ ମିଛ ଆକ୍ରମଣର ଟୁଲ୍‌କିଟ ଧରି ଚାଲିଥିବେ, ସେତେଦିନ ଯାଏ ସ୍ଥିତିକୁ ସୁନ୍ଦର ଭାବେ ବଜାୟ ରଖିପାରିବାର କୌଶଳ ଶିକ୍ଷା କରିଛନ୍ତି । ଅତୀତ ଦିନମାନଙ୍କରେ ତାଲିବାନ ପ୍ରକଳ୍ପକୁ ଚାଲୁ ରଖିବା ପାଇଁ ଆଫଗାନିସ୍ଥାନରେ ନିଶା କାରବାରକୁ ଜାରିରଖି ପାକ୍ ସରକାର ସାହାଯ୍ୟ କରି ଆସିଥିଲେ । ଏବେ ସେମିତି ବିଶ୍ୱବ୍ୟାପି ପ୍ରଚାର ଏବଂ ଲବିଂ ମାଧ୍ୟମରେ ସୂଚନାଯୁଦ୍ଧ ଜାରି ରଖିବାଲାଗି ଉଦ୍ୟମ ଚଳାଇଛନ୍ତି । ଫଳସ୍ୱରୂପ ଆମେରିକାର ମାନବାଧିକାର ସଂଗଠନ ପକ୍ଷରୁ ଭାରତ ବିରୁଦ୍ଧରେ କଟକଣା ଜାରି କରିବା ଲାଗି ଦାବି କରାଯାଇଛି । ସେଥିରେ ଭାରତରେ ମୁସଲମାନଙ୍କ ବିରୋଧରେ ହିଂସାକାଣ୍ଡ ବୃଦ୍ଧି ପାଉଥିବା ଏବଂ ମୁସଲିମମାନଙ୍କୁ ଭାରତରେ ହଇରାଣ ହରକତ କରାଯାଉଥିବା ବିଷୟ ଦର୍ଶାଯାଇଛି । ଆମେରିକାର ସଂସଦ ନିକଟରେ ଉପସ୍ଥାପିତ ଏକ ରିପୋର୍ଟରେ ଏହି ସଂସ୍ଥା ଭାରତରେ ବିନାପରାଧରେ ମୁସଲିମଙ୍କ ଉପରେ ଆକ୍ରମଣ ହେବା, ପ୍ରାର୍ଥନା ସ୍ଥଳୀକୁ ଭାଙ୍ଗିପକାଇବା ପରି କାର୍ଯ୍ୟ ହେଉଥିବାର ଅଭିଯୋଗ ଅଣାଯାଇଛି । ଅଥଚ ଇସଲାମିକ ସନ୍ତ୍ରାସବାଦ, ଲଭ୍‌ଜିହାଦ, ଜମିଜିହାଦ, ହଲାଲ ଜିହାଦ ମାଧ୍ୟମରେ କିପରି ଇସଲାମିକ ଉଗ୍ରବାଦ ଭାରତରେ ବୃଦ୍ଧିପାଉଛି ସେ ବିଷୟରେ କିଛି କୁହାଯାଇନାହିଁ ।

*ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର -୭୫୧୦୦୩*

# ଭାରତର ଜି-୨୦ ଅଧ୍ୟକ୍ଷତା ଓ ଓଡ଼ିଶାର ଦାୟିତ୍ୱ



ଅଳକା ରାୟ

ଜି-୨୦ର ସ୍ଥାପନା ୧୯୯୯ ମସିହାରେ କରା ଯାଇଥିଲା । ପ୍ରଥମେ ଏହା ଜି-୭ ନାଁ ରେ ନାମିତ କରାଯାଇଥିଲା । ୭ଟି ଦେଶ ମିଳିତ ହୋଇ ଏକ ଗୋଷ୍ଠୀ ଗଠନ କରିଥିଲେ । ଏହା କେବଳ ବିକାଶଶୀଳ ଦେଶ ମାନଙ୍କୁ ନେଇ ଗଠିତ ହେଇଥିଲା । ପରେ ଏଥିରେ ୧୯ଟି ଦେଶ ଓ ଏକ ୟୁରୋପିଅନ ୟୁନିଅନର ମିଶି ଜି-୨୦ ର ଗଠନ କରାଯାଇଥିଲା । ଏହାର ମୂଳ ଉଦ୍ଦେଶ୍ୟ ବିଶ୍ୱରେ ଆର୍ଥିକ ସ୍ଥିରତା କୁ ବଜାୟ ରଖିବା ।ପ୍ରଥମେ ପ୍ରତ୍ୟେକ ଦେଶର ଅର୍ଥମନ୍ତ୍ରୀ ଓ ଦେଶର କେନ୍ଦ୍ରୀୟ ବ୍ୟାଙ୍କର ମୁଖ୍ୟ (ଗଭର୍ଣ୍ଣର) ମାନଙ୍କ ମଧ୍ୟରେ ବୈଠକ ଅନୁଷ୍ଠିତ ହେଉଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ଏହାକୁ ବିସ୍ତାର କରି ରାଷ୍ଟ୍ର ର ମୂଖ୍ୟ ମାନଙ୍କୁ ଯୋଡାଗଲା । ଶିଖର ସମ୍ମିଳନୀ (ବୈଠକ) ରେ ରାଷ୍ଟ୍ରର ମୂଖ୍ୟ ମାନେ ନିଜ ନିଜ ମଧ୍ୟରେ ସମନ୍ୱୟ ରକ୍ଷା କରି, ଅର୍ଥ ବ୍ୟବସ୍ଥାର ସନ୍ତୁଳନ ରକ୍ଷା କରିବା, ରାଜନୈତିକ ତଥା କୁଟନୈତିକ ମାଧ୍ୟମରେ ନୀୟମ ତିଆରି କରି ଉପସ୍ଥାପନ କରିବା ଓ ସୁନିଶ୍ଚିତ କରିବା ତଥା ବିଶ୍ୱ ରେ ଆର୍ଥିକ ପ୍ରଗତି ଓ ଜିଡିପିର ବୃଦ୍ଧି ଉପରେ ଆଲୋଚନା କରୁଥିଲେ ।

ବାସ୍ତବରେ ବିଶ୍ୱରେ ଗୋଟେ କୋଣରେ ଘଟୁଥିବା ଘଟଣା, ଦୁର୍ଘଟଣା ତଥା ଆର୍ଥିକ ଅସ୍ଥିରତା ଅନ୍ୟ ଏକ କୋଣରେ ମଧ୍ୟ ଅନୁଭୂତ ହୁଏ ଓ ପ୍ରଭାବ ପକାଇଥାଏ । ଯେପରିକି ୨୦୦୮ରେ ହୋଇଥିବା ଆର୍ଥିକ ଅସ୍ଥିରତା ଆମେରିକାରେ ହୋଇଥିଲେ ମଧ୍ୟ ଏହା ର ପ୍ରଭାବ ପୁରା ବିଶ୍ୱରେ ଅନୁଭୂତ ହୋଇଥିଲା । ଠିକ୍ ସେହିପରି ୧୯୯୭ ମସିହାରେ ସାଉଥଇଷ୍ଟ ଏସିଆ ଦେଶର ଥାଇଲାଣ୍ଡରେ ଆରମ୍ଭ ହୋଇଥିବା ଆର୍ଥିକ ଅସ୍ଥିରତା ପୁରା ଏସିଆରେ ଅନୁଭୂତ ହୋଇଥିଲା । କିନ୍ତୁ ୨୦୦୮ ପରେ ଏହାକୁ ଗମ୍ଭୀର ତାର ସହ ନେଇ ବୈଠକରେ ଏକତ୍ରିତ ହୋଇ ବହୁପ୍ରସୁ (କ୍ତ୍ସ୍ୱକ୍ଟୟଙ୍କମ-ସ୍ୱସଙ୍ଗର ୟସସ୍ୱମଙ୍କସ୍ୱସ୍ୱସକ୍ଟଭ) ଯୋଜନା ମାନ ପ୍ରସ୍ତୁତ କରିବାକୁ ଲାଗିଲେ ।

ଜି-୨୦ରେ କାମ କରିବାର ଦୁଇଟି ଟ୍ରାକ (ଶ୍ରେଣୀ) ଅଛି । ପ୍ରଥମଟି 'ଆର୍ଥିକ ଟ୍ରାକ' ଦିତୀୟ ଟି 'ସେରପା ଟ୍ରାକ' । ଆର୍ଥିକ ଟ୍ରାକ ରେ ଅର୍ଥମନ୍ତ୍ରୀ ଓ ବ୍ୟାଙ୍କ ର ମୁଖ୍ୟ ମାନଙ୍କ ମଧ୍ୟରେ ନୀତି ନିୟମ ବିଷୟରେ ଚର୍ଚ୍ଚା ହୁଏ । ସେରପା ଟ୍ରାକରେ କୁଟନୀତିଜ୍ଞ ମାନେ ବୈଦେଶିକ ନୀତି ଉପରେ ଚର୍ଚ୍ଚା କରନ୍ତି । ଜି-୨୦ରେ ଅଧକ୍ଷତା ପ୍ରତିବର୍ଷ ଗୋଟେ ଦେଶରୁ ଆଉ ଏକ ଦେଶକୁ ହସ୍ତାନ୍ତର କରାଯାଏ । ତିନୋଟି ଦେଶର ଅଧକ୍ଷ ଯଥା - ପୂର୍ବତନ ଅଧକ୍ଷ, ବର୍ତ୍ତମାନ ଅଧକ୍ଷ ଓ ପରବର୍ତ୍ତୀ ଅନ୍ୟଙ୍କୁ ନେଇ ଏହା କାର୍ଯ୍ୟ କରିଥାଏ ।୧ ଡିସେମ୍ବର ୨୦୨୨ରେ ଇଣ୍ଡୋନେସିଆର ବାଲୀରେ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଜୀ ଇଣ୍ଡୋନେସିଆ ଠାରୁ ଅଧକ୍ଷ ପଦ ଗ୍ରହଣ କରିଥିଲେ ଓ ପରବର୍ତ୍ତୀ ଅଧକ୍ଷ ପଦ ବ୍ରାଜିଲକୁ ମିଳିବ । ବର୍ତ୍ତମାନ ୨୦୨୩ ରେ ଜି-୨୦ର ଏଜେଣ୍ଡାକୁ ଏହି ତିନୋଟି ଦେଶ ମିଳିତ ଭାବେ ସମ୍ପାଦନା କରୁଛନ୍ତି ।

ତୋର ମୋର ବିଚାର କେବଳ ଛୋଟ ମାନସିକତା ବାଦ ଚିନ୍ତାଧାରା । ଉଦାର ବାଦିଙ୍କ ପାଇଁ ପୁରା ଦୁନିଆ (ବିଶ୍ୱ) ଗୋଟିଏ କୁଟୁମ୍ବ । ବସୁଧୈବ କୁଟୁମ୍ବ କମ୍ । ଏକ ପୃଥିବୀ, ଏକ ପରିବାର,ଏକ ଭବିଷ୍ୟତ । ଏହା ହିଁ ହେଉଛି ଭାରତର ମୂଳ ପ୍ରସଙ୍ଗ ଜି-୨୦ ଶିଖର ସମ୍ମିଳନୀରେ । ଅତି ଗୌରବର କଥାଯେ ବିଶ୍ୱ ର ସବୁଠାରୁ ବଡ଼, ବିକଶିତ ଓ ବିକାଶଶୀଳ ରାଷ୍ଟ୍ରର ଅଧକ୍ଷ ମାନେ ଭାରତ ଆସିବେ, ଶିଖର ସମ୍ମିଳନୀରେ ଭାଗନେବେ ଓ ଭାରତ ସେମାନଙ୍କୁ ଆତିଥ୍ୟ ପ୍ରଦାନ କରିବା ସଙ୍ଗେସଙ୍ଗେ ନିଷ୍ପତ୍ତି ମଧ୍ୟ ନିଜେ ନେବ । ସବୁ ଠାରୁ ବଡ଼କଥା ହେଲା ସାରା ବିଶ୍ୱ ଭାରତର ଜି-୨୦ରେ ଅଧକ୍ଷତାକୁ ନେଇ ବହୁତ ଉତ୍ସାହିତ ଅଛି । କାରଣ ଭାରତ ଯେତେବେଳେ କୁହେ ପୁରା ଦୁନିଆ ତାକୁ ଅତି ଗମ୍ଭୀର ତାର ସହ ଶୁଣେ ।ସମସ୍ତେ ମାନନ୍ତି ଯେ ଭାରତ ପାଖରେ ଆହ୍ୱାନର ସମାଧାନ ଅଛି ଯାହାକି ବ୍ୟାବହାରିକ, ଗ୍ରହଣ ଯୋଗ୍ୟ ଓ ଏଥିରେ କାହାର କ୍ଷତି ବି ହେବନାହିଁ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜୀ ଅଧକ୍ଷତା ପଦ ଗ୍ରହଣ କରିବା ପରେ କହିଲେ ଆମର ଅଧକ୍ଷତା ସମାବେଶୀ, ଆକାଂକ୍ଷି, କ୍ରିୟାଶୀଳ ଓ ନିଷ୍ପତ୍ତି ଭିତ୍ତିକ ହେବ ।

ଯୋଜନା ଅନୁଯାଇ ଆଗାମୀ ଏକବର୍ଷ ମଧ୍ୟରେ ଭାରତରେ ୨୦୦ରୁ ଅଧିକ ମିଟିଂ ହେବାକୁ ଯାଉଛି । ଏଥିରେ ୩୨ ସେକ୍ଟର ଭାଗନେବେ । ଅଧକ୍ଷ ପଦ ପାଇଥିବାରୁ ଭାରତ ପାଖରେ କିଛି ଅଧିକାର ଅଛି, ଯାହାକୁ ସେ କାର୍ଯ୍ୟରେ ଲଗାଇ ପାରିବ । ଯେପରିକି ଭାରତ ଜି-୨୦ ରେ ନ ଥିବା ଦେଶ ମାନଙ୍କୁ ଆମନ୍ତ୍ରଣ କରିପାରିବ । ଏହି ସୁଯୋଗ ଦ୍ୱାରା ଅନ୍ୟାନ୍ୟ ଦେଶ ଗୁଡିକ ସହିତ ଭଲ ସଂପର୍କ ଗଢ଼ି ପାରିବ । ଭାରତ ୟୁଏଇ ଦେଶକୁ ଅତିଥି ଭାବରେ ନିମନ୍ତ୍ରଣ କରିସାରିଛି । ତା ଛଡ଼ା ବାଙ୍ଗଲାଦେଶ, ଇଜିପ୍ଟ, ନେଦରଲାଣ୍ଡ, ନାଇଜେରିଆ, ଓମାନ, ସିଙ୍ଗାପୁର ଆଦି ଦେଶ ମାନଙ୍କୁ ଜି-୨୦ରେ ସାମିଲ ହେବାକୁ ନିମନ୍ତ୍ରଣ ପଠାଇ ସାରିଛି ।ଭାରତ ଯେ ବିଶ୍ୱରେ ଗ୍ଲୋବାଲ ସାଉଥ୍ ରେ ଲିଡର ହେବାକୁ ଯାଉଛି ଏହା ସତତ ପ୍ରତିୟମାନ ହେଉଛି । ବର୍ତ୍ତମାନ ଭାରତ ଏକ ଏମିତି ସହଜ ସ୍ଥିତିରେ ପହଞ୍ଚି ପାରିଛି, ଯେଉଁଠି ସେ ଋଷିଆ ସହିତ,ସାଉଦି ଆରବ ସହିତ ଓ ୟୁଏସଏ ସହିତ ମଧ୍ୟ କଥାବାର୍ତ୍ତା କରି ପାରୁଛି ।

୨୦୨୩ର ଅଧକ୍ଷତା ଭାରତ ପାଇଁ ବହୁତ ମହତ୍ୱ ପୂର୍ଣ୍ଣ ଅଟେ । ଅଧକ୍ଷ ପଦ ପାଇବା ଓ ତାକୁ ସଠିକ୍ ଭାବରେ ସଞ୍ଚାଳନ କରିବା ଆଉହାନପୂର୍ଣ୍ଣ ଅଟେ । ଏହା ଏକ ସୁବର୍ଣ୍ଣ ସୁଯୋଗ ନିଜକୁ ବିଶ୍ୱ ଦରବାରେ ସାବ୍ୟସ୍ତ କରିବା ପାଇଁ । ଏକ ଉତ୍କୃଷ୍ଟ ମାଧ୍ୟମ ଯେ ଭାରତ କେବଳ ଗୋଟେ ବଡ଼ ମାର୍କେଟ ନୁହେଁ ବରଂ ଏକ ପ୍ରତିସ୍ୱଦ ବଳ ଯିଏକି ଦୁନିଆକୁ ଜିତି ପାରିବ । ନକାରାତ୍ମକ ପ୍ରଚାରକୁ ଭୁଲ ପ୍ରମାଣିତ କରିବା,ଆମର ଶ୍ରେଷ୍ଠତାକୁ ଦୁନିଆ କୁ ଦେଖାଇବା ଓ ସଫଳତାର କାହାଣି କୁ ଦୁନିଆ ଆଗରେ ପ୍ରସ୍ତୁତ କରିବାର ଉତ୍କୃଷ୍ଟ ମାଧ୍ୟମ ହେଉଛି ଜି-୨୦ ଶିଖର ସମ୍ମିଳନୀ ।


ଜି-୨୦ ଅଧକ୍ଷତା ଅବଧି ମଧ୍ୟରେ ଭାରତ ସ୍ୱକୀୟ ଅନୁଭୂତି, ଅଧ୍ୟୟନ, ଏବଂ ମଡେଲ ଗୁଡ଼ିକୁ ବିକଶିତ ରାଷ୍ଟ୍ର ମାନଙ୍କ ପାଇଁ ଉଦାହରଣ ଭାବେ ଉପସ୍ଥାପନ କରିପାରିବ । ରାଜସ୍ଥାନ ର ଉଦୟପୁର ରେଜି-୨୦ର ପ୍ରଥମ ସମ୍ମିଳନୀ ଆୟୋଜିତ ହୋଇ ସାରିଛି, ଯେଉଁଠି ବିଭିନ୍ନ ଦେଶର ସେରପା ମାନେ ଆମ ଦେଶର ସଂସ୍କୃତି ସହ ଆମର ଡିଜିଟାଲ ପେମେଣ୍ଟକୁ ବି ପରଖି ଏହାର ସହଜ ତାକୁ ଜାଣିପାରିଛନ୍ତି । ଏହା ଦ୍ୱାରା ୟୁପିଆଇ ଆନ୍ତର୍ଜାତିକ ସ୍ତରର ହେବାର ସୁଯୋଗ ପାଇ ପାରିଛି ।

ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ରେ ଜି୨୦ ର ଆଗାମୀ ଅଧିବେଶନ ହେବାକୁ ଯାଉଛି । ଆଜିର ଶିଖର ସମ୍ମିଳନୀ ଆୟୋଜନ କରି ଓଡିଶା ଏକ ଗୁରୁଦାୟିତ୍ୱ ବହନ କରିଛି । ସ୍ହରର ବିଭିନ୍ନ ସ୍ଥାନରେ ସେମିନାର ଓ ବୈଠକ ହେତୁ ସୁରକ୍ଷାପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରିଯାଇଅଛି । ସମସ୍ତ ଦେଶର ପ୍ରତିନିଧିଙ୍କୁ ପାଇଲଟ ପ୍ରୋଟେକସନ ଗାଡ଼ିର ସୁବିଧା ସହ ବୈଠକ ସ୍ଥାନରେ ଦ୍ୱିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ମଧ୍ୟ ଗ୍ରହଣ କରାଯାଇଛି । ଆଇଏମଏମଟି ପରିସରରେ ଜି-୨୦ ଶିକ୍ଷା ପରିପ୍ରେକ୍ଷୀରେ ଏକ ମକ ଜି-୨୦ ସମ୍ମୀଳନୀ ଅନୁଷ୍ଠିତ ହୋଇଯାଇଛି । ଏହାର ଶୀର୍ଷକ ଥିଲା ଭବିଷ୍ୟତ ର କାର୍ଯ୍ୟଶୈଳି ଓ ଦକ୍ଷତା । ପ୍ରଦର୍ଶନୀ ରେ ପ୍ରଦର୍ଶିତ ଶିକ୍ଷା, ସ୍ୱାସ୍ଥ୍ୟ, ମବିଲିଟିମୋଟାଭର୍ଷ, ରିଭର୍ଶ ଇଞ୍ଜିନିଅରିଂ, ଡୋନଟେକନୋଲୋଜି ସହ ହସ୍ତତନ୍ତ, ଓଡ଼ିଆ ଭାସ୍କର୍ଯ୍ୟ, କଳା ସଂସ୍କୃତି, ପାଶ୍ଚାତ୍ୟ ପଢା ଶୈଳୀକୁ ନେଇ ପ୍ରଦର୍ଶିତ ଷ୍ଟାର୍ଟଅପ ଷ୍ଟଲ ମାନ ଲାଗି ବିଭିନ୍ନ ପ୍ରସଙ୍ଗକୁ ବୁଝିବାକୁ ସହାୟକ ହେଉଛି ।

ଭାଷା, ଧର୍ମ, ପରମ୍ପରା ଓ ବିଶ୍ୱାସଗତ ଭିନ୍ନତା ଦୃଷ୍ଟିରୁ ଭାରତ ଏକ କ୍ଷୁଦ୍ର ବିଶ୍ୱ । ବିଶ୍ୱର ଏକଷଷ୍ଠାଶ ଲୋକଙ୍କ ବାସସ୍ଥଳୀ । ଗଣତନ୍ତ୍ରର ଜନନୀ ତଥା ସାମୁହିକ ନିଷ୍ପତ୍ତି ଗ୍ରହଣର ପ୍ରାଚିନତମ ପରମ୍ପରା ଏହାର ଅବଦାନ ।ଭାରତର ରାଷ୍ଟ୍ରୀୟ ସହମତି କୋଟି କୋଟି ନାଗରିକଙ୍କ ସହମତିର ସ୍ୱରୂପ । ତେଣୁ ଭାରତ 'ଏକ ବିଶ୍ୱ' 'ଏକ ପରିବାର ମଧ୍ୟରେ ସମନ୍ୱୟ ରକ୍ଷା କରି ସମସ୍ୟା ସମାଧାନ ଉପରେ ଅଗ୍ରାଧିକାର ଦେଇଆସୁଛି । ଜି-୨୦ ଦେଶଗୁଡିକ ବିଶ୍ୱ ଜିଡିପିର ୯୦ ପ୍ରତିଶତ ଅଂଶୀ ଦାର ଥିବାବେଳେ ବିଶ୍ୱ ବାଣିଜ୍ୟ ର ୮୦ ପ୍ରତିଶତ ଅଂଶ ଏହି ଦେଶ ଗୁଡିକ ଉପରେ ନିର୍ଭର କରୁଛି । ତେଣୁ ସହଭାଗିତା ଓ ସହଯୋଗ କ୍ଷେତ୍ରରେ ଆଲୋଚନା ପାଇଁ ଏହା ଏକ ଉତ୍କୃଷ୍ଟ ମାଧ୍ୟମ । ଏହା ହିଁ ଭାରତର ମୂଳ ମନ୍ତ୍ର ଜି-୨୦ ଶିଖର ସମ୍ମିଳନୀରେ ।

*ନୟାପଲ୍ଲୀ, ଭୁବନେଶ୍ୱର*
*ଦୂରଭାଷ : ୭୯୭୮୩୩୨୦୬୧*

# ବିଚ୍ଛିନ୍ନ ଅଞ୍ଚଳ ଉପେକ୍ଷିତ ଓଡ଼ିଆ ଓ ଓଡ଼ିଆ ସାହିତ୍ୟର କ୍ଷତି



ଡୁଇଟ ଡେଭିଡ ଫିଲିପ

ମୁଖ୍ୟମନ୍ତ୍ରୀଙ୍କ ଚେଷ୍ଟାରେ ଓଡ଼ିଆ, ସଂସ୍କୃତିର ମାନ୍ୟତା ଭାରତରେ ପାଇପାରିଲା । ମୁଖ୍ୟମନ୍ତ୍ରୀଙ୍କୁ ବହୁତ ଧନ୍ୟବାଦ । ଆଉଟିକେ କାମ ବାକି ରହିଗଲା । ବିଚ୍ଛିନ୍ନଞ୍ଚଳରେ ଓଡ଼ିଆ ଉପେକ୍ଷିତ । ଗୁରୁତ୍ୱ ପୁର୍ଣ୍ଣ ବିଷୟ ଏହିକି ଯେ,ଏହି ଅଞ୍ଚଳର ଅନେକ ସ୍ଥାନୀୟ ଓଡ଼ିଆ ଶବ୍ଦ, ଢଗ, ଢ଼ମାଣି, ଲୋକ ଗୀତ, କାହାଣୀ, ଯାହାକି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ବଳିଷ୍ଠ, ବଇଭବ, ବ୍ୟାପକ ଓ ଶ୍ରୀବୃଦ୍ଧି କରିପାରିବ, ତାହା ଓଡ଼ିଶା ଭାଷା ଓ ସାହିତ୍ୟ ସହିତ ଯୋଡ଼ା ଜାଇ ପାରୁନାହିଁ ବରଂ କ୍ଷୀପ୍ର ଗତିରେ ଲୋପ ପାଉଛି । ଓଡ଼ିଆ ଭାଷାର ଉନ୍ନତ ଅକ୍ଷର ଓ ବ୍ୟାକରଣ ଥାଇ, ଏହା ଏହି ଅଞ୍ଚଳରେ ଉପେକ୍ଷିତ, କିନ୍ତୁ ହୋ ଜନଜାତିର ଅକ୍ଷର ନ ଥାଇ ଏବେ ଅକ୍ଷର ଉଦ୍ଭାବନ କରାଯାଇଛି ଓ ହୋ ଭାଷାର ସଂରକ୍ଷଣ ଓ ଉନ୍ନତିର ପ୍ରକ୍ରିୟା ଜୋର୍ ସୋର୍ ରେ ଚାଲିଛି । ମୟୂରଭଞ୍ଜ, ବାଲେଶ୍ୱର, ସମ୍ବଲପୁର, କେଉଁଝର, ସୁନ୍ଦରଗଡ଼ ସହିତ ସିଂଭୁମ୍ ଓ କୁଲହାନ ଅଞ୍ଚାଲରୁ ଯାତାୟାତ ସୁବିଧା ଅଛି ଓ ନିତିଦିନ ଯାତାୟାତ ଚାଲିଛି । ଏହି ସୁସମ୍ପର୍କର ମମତା ଓ ମାଧୂର୍ଯ୍ୟ ଏହି ଦୁଇ ପ୍ରଦେଶ ମଧ୍ୟରେ ଯାତ୍ରା କରୁଥିବା ସାର୍ବଜନିନ ବସ୍ ଓ ଟ୍ରେନ ରେ ଯାତ୍ରା କଲେ, ତାହାର ଆନନ୍ଦ ଉପଭୋଗ କରିହୁଏ । ଅନ୍ୟ ପକ୍ଷରେ କୋଲାହନ ତମ୍ବା, ଲୁହା ପଥର, ୟୁରାନିୟମ, ଚୁମ୍ବକ ପଥର, ନିକେଲ, ସୁନା, ସିଲଭ୍ର, ଟେଲୁରିଅମ୍, ସେଲେନିଅମ୍ ଇତ୍ୟାଦି ଖଣିଜ ପଦାର୍ଥର ଗୃହ କହିଲେ ଅତ୍ୟୁକ୍ତି ହେବ ନାହିଁ । ଟାଟା, ଏସିସି, ରୁଙ୍ଗଟା ଓ ଅନ୍ୟାନ୍ୟ ଶିଳ୍ପପତି ବ୍ରିଟିଶ ଅମଳରୁ ଏଠି ଶିଳ୍ପ ଉଦ୍ୟୋଗି । ବିଦେଶୀ କମ୍ପାନୀ ମାନଙ୍କର ବି ଏଠି ନଜର ରହି ଆସିଛି । କୋଇଲା, ଲୁହା ପଥର, ଜଙ୍ଗଲ ଦ୍ରବ୍ୟ ପାଇଁ, ଦୁର୍ଗମ ଗିରି କନ୍ଦରକୁ ମାଲ ବାହି ରେଳ ସାଙ୍ଗକୁ ଯାତ୍ରୀ ବାହି ରେଳ ପଥ ତିଆରି ଯଦିଓ ବହୁଦିନରୁ ହୋଇଛି, ଜନ ସାଧାରଣଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ ଓ ଚାଷ ଉତ୍ପାଦନ ଇତ୍ୟାଦି, ଓଡ଼ିଶାର କୌଣସି ଏକ ଜିଲ୍ଲାର ବିକାଶର ସୁଚାଙ୍କ ଠାରୁ ଅଧିକ ନୁହେଁ ତାହା ମନେ ହେଉଛି । ଚାଇବସା, ଚକ୍ରଧରପୁର ଓ ଟାଟା ରେଳ ଷ୍ଟେସନରୁ ସବୁଦିନ ବହୁ ସଂଖ୍ୟାରେ ଦାଦନ ଯାତାୟାତ କରୁଛନ୍ତି । ଦାଦନ ଶୋଷଣ ଓ ମୃତ୍ୟୁ ଖବର, ଏହି ଅଞ୍ଚଳର ଖବର କାଗଜରେ ସାଧାରଣ ଖବର ଅଟେ । ବର୍ତ୍ତମାନର ରାଷ୍ଟ୍ରପତି ଶ୍ରୀମତି ଦ୍ରୋପଦି ମୂର୍ମୁ ଯେତେବେଳେ ଝାଡ଼ଖଣ୍ଡ ରାଜ୍ୟର ରାଜ୍ୟପାଳ ଥିଲେ, ସେ ରାଇରଙ୍ଗପୁରରୁ ସୁବିଧାରେ ଯିବା ଆସିବା କରୁଥିଲେ । ଏଠିକାର ଓଡ଼ିଆ ଓ ଅଣ ଓଡ଼ିଆ ଭାଷାବାଦୀ, ଶ୍ରୀମତି ମୂର୍ମୁଙ୍କୁ ନିଜର ଓଡ଼ିଆ ଭାବି, ଅଧିକ ଆପଣାଇ ନେଇଥିଲେ । ଏଠି ଜାଣି ରଖିବା, ଓଡ଼ିଶାରେ ସାନ୍ତାଳୀ ଜନ ଜାତି, ସାନ୍ତାଳୀ ଭାଷା ସହିତ ଓଡ଼ିଆ କହନ୍ତି । ସିଂହଭୁମ୍ ଓ କୁଲହାନ ଅଞ୍ଚଳର ସାନ୍ତାଳୀ ଜନ ଜାତି ମଧ୍ୟ ସାନ୍ତାଳୀ ଭାଷା ସହିତ ଓଡ଼ିଆ କହନ୍ତି । ସେମାନଙ୍କର ରକ୍ତ ସମ୍ପର୍କ ରହିଛି । ୧୯୪୮ ପର୍ଯ୍ୟନ୍ତ, ସଢେଇଖଳା-ଖର୍ଶୁଆଁ ରାଜାଙ୍କ ଅଧୀନରେ ଏହି କୁଲହନ, ସିଂଭୁମ୍, ସଢେଇଖଳା ଓ ଖର୍ଶୁଆଁ ରାଜ୍ୟ ଗୋଟିଏ ରାଜା ଶାସନର ରିୟାସତ୍ ହୋଇ ରହି ଆସିଥିଲା, କିନ୍ତୁ ଜନଜାତିଙ୍କ ଓ ରାଜାଙ୍କର ଇଚ୍ଛା ଅନୁଯାୟୀ ଏହି ଅଞ୍ଚଳ ବିହାର ପ୍ରଦେଶରେ ମିଶିଗଲା । ଡ. ହରିହର ପ୍ରଧାନ, କୁଲହାନ ବିଶବିଦ୍ୟାଳୟର ଓଡ଼ିଆ ବିଭାଗର ଏଚ ଓ ଡି କହନ୍ତି, ଯଦିଓ ଓଡ଼ିଆ ଛାତ୍ର, ଛାତ୍ରି, ଶିକ୍ଷକ, ଅଧାପକ ଓ ଜନ ସାଧାରଣ ଓଡ଼ିଶା ଓ ଓଡ଼ିଆ ବାସୀଙ୍କ ସହିତ ସମ୍ପର୍କର ପୁନଃ ସ୍ଥାପନର ପ୍ରଗାଢ ଇଚ୍ଛା ପୋଷଣ କରନ୍ତି, କିନ୍ତୁ ଓଡ଼ିଶା ରାଜ୍ୟ ତରଫରୁ ହାର୍ଦିକତା ଓ ସହଯୋଗ, କଳା ଓ ସାହିତ୍ୟ ସଂରକ୍ଷଣ ଓ ଗବେଷଣା ଇତ୍ୟାଦି ଦିଗରେ ଦେଖିବାକୁ କ୍ୱଚିତ ମିଳେ । କେତେବେଳେ କେମିତି କିଛି କର୍ମସାଳା ବା ସଭା ସମିତି, କାଆଁଭାଁ କରି ଭାବପ୍ରବଣତାରେ ଶେଷ ହୁଏ ।

କଳା ଓ ସାହିତ୍ୟର ଗବେଷଣା, ସଂରକ୍ଷଣ ଓ ସମ୍ପର୍କ ବୃଦ୍ଧିରେ ଉଭୟ ରାଜ୍ୟର ରାଜ୍ୟ ସ୍ତରୀୟ ଓ ବିଶ୍ୱ ବିଦ୍ୟାଳୟ ସ୍ଥରୀୟ ଉଦ୍ୟମ ଲଗାତାର ହୋଇ ପରୁ ନାହିଁ । ବିଶ୍ୱ ବିଦ୍ୟାଳୟ ମାନଙ୍କ ଓଡ଼ିଆ ବିଭାଗ ଗୁଡ଼ିକର ଏକ ସମନ୍ୱୟ କମିଟି ଗଠନ କରି, ଉଭୟ ମୁଖ୍ୟ ମନ୍ତ୍ରୀଙ୍କ ମିଳିତ ତତ୍ତ୍ୱାବଧାନରେ ଅର୍ଥ ଓ କର୍ମ ଚାରି ଯୋଗାଇ, ପ୍ରକଳ୍ପ ଗୁଡ଼ିକ, ସାହିତ୍ୟ, ଭାଷା ଓ ସଂସ୍କୃତିର ଉନ୍ନତି ପାଇଁ ଦିଆଯାଇ ତଦାରଖ କଲେ, ଓଡ଼ିଆ ଭାଷା ଓ ସଂସ୍କୃତିର ସଂରକ୍ଷଣ ଓ ବିକାଶ ଉଭୟ ରାଜ୍ୟରେ, ଓଡ଼ିଆଙ୍କର ଗୌରବ ଓ ଗାରୀମାକୁ ବଢ଼ାଇବାରେ ସହାୟକ ହୁଅନ୍ତା । ଏହି ଅଞ୍ଚଳରେ ଓଡ଼ିଆ ପାନ, ଗୀତ, ପିଠା, ମିଠା ଓ କଥା ସବୁଦିନ ସବୁ ଗାଁ, ବସ୍ତି ଓ ସହରରେ ଦେଖିବାକୁ ମିଳେ । କୁଲହାନ, ସିଂଭୁମ, ସଢେଇଖଳା-ଖର୍ଶୁଆଁ ଜିଲ୍ଲାର ମିଶ୍ରିତ ଭୂଗୋଳ, ପ୍ରାୟ ଅଢେଇଶହ କିଲୋମିଟର ବ୍ୟାସାର୍ଦ୍ଧ ବିସ୍ତୃତ ଅଞ୍ଚଳ । କିନ୍ତୁ ଏହି ଅଞ୍ଚଳର ଓଡ଼ିଆ ନିଜକୁ ମାଁ ହରା ଅନୁଭବ କରନ୍ତି ଆଉ କଥା ବାର୍ତ୍ତା କଲେ ଜଣା ପଡ଼େ, ସେମାନେ ଏବେବି ମାଁର ପ୍ରେମ, ସ୍ପର୍ଶ ଓ ଆଲିଙ୍ଗନ ଅପେକ୍ଷାରେ ଅଛନ୍ତି । ଓଡ଼ିଶାର ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ, ଏଇଠି ବି ଓଡ଼ିଆ ଲୋକ ଗାଇବାକୁ ଚାହାନ୍ତି । ତାହା ତାଙ୍କ ପାଇଁ କେତେ ପ୍ରକୁର୍ଯ୍ୟ କହି ହେଉନାହିଁ । ରଚନାର ପରିସମାପ୍ତି ପୂର୍ବରୁ ଏହା ଉଲ୍ଲେଖନୀୟ, ଗରିବ ଆଜିବି, ପୃଥିବୀର ଓ ଭାରତର ସବୁ ଜାଗାରେ ଉପେକ୍ଷିତ । ବିଚ୍ଛିନ୍ନ ଅଞ୍ଚଳର ଓଡ଼ିଆ ଗରିବ, ଯିଏ ପାଠ ପଢିନି, ଖଟିଖିଆ, ମଜୁରିଆ, ଅନ୍ୟ ଭାଷା ବାଦି ଘରେ, ଦପ୍ତରରେ, ଦୋକାନରେ କାମ କରେ, ସେ ବି ଉପେକ୍ଷିତ ତାହା ଅନୁମେୟ, କିନ୍ତୁ କିପରି ଭାଷା ପାଇଁ କେମିତି କଥା କଥାରେ, ଟିହା ଟାପରା, ଓଡ଼ିଶା ପ୍ରଦେଶ ଗଠନ ହେଲା ଦିନୁ ବିଚ୍ଛିନ୍ନାଞ୍ଚଳର ଓଡ଼ିଆ ଅଧିବାସୀ ସହୁଛି, ବିଭିନ୍ନ ପ୍ରକାରେ ଉପେକ୍ଷିତ ହେଉଛି ଯଥା, ମାନସିକ, ଆର୍ଥିକ, ସାମାଜିକ, ଇତ୍ୟାଦି ଭାବରେ, ତାକୁ ଓଡ଼ିଆ ଭାଷା ପ୍ରେମୀ, ଜାତି ପ୍ରେମୀ, କିପରି ହୃଦୟରେ ଚାପି ସୋଇ ପାରିଛନ୍ତି, ଉତ୍ତର ରଖିବା ଆବଶ୍ୟକ । ପ୍ରଶାସନର ଓଡ଼ିଆ ଅଧିକାରୀ, ରାଜ ନୀତିର ନେତୃବୃନ୍ଦ, ଓଡ଼ିଆ ସାହିତ୍ୟର ସାଧକ ଓ ସାମ୍ବାଦିକ, ଏଦିଗରେ ଉତ୍କଳ ଦିବସ ବ୍ୟତୀତ, ଅନ୍ୟ ଦିବସରେ ବି ଚିନ୍ତା ଓ କାର୍ଯ୍ୟ ଜାରିରଖିବା ଆବଶ୍ୟକ ।

*ଚାଇବାଶା, ଝାଡ଼ଖଣ୍ଡ*
*ଦୂରଭାଷ ୯୪୩୭୧୦୪୩୦୩*

**ଯୋଗାଯୋଗ ଠିକଣା**
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭


## ଧାରାବାହିକ ଉପନ୍ୟାସ

### ବିଶୃଙ୍ଖଳ ରାତି ଓ ନୀଳପରୀ



ଡ. ମୌସୁମୀ ପରିଡା

ଭାଗ-୫୮




*(ପୂର୍ବପ୍ରକାଶ ଉତ୍ତାରୁ)*

ଜେଜେମା' ଥିଲାବେଳେ ଏ କାମଟି ସେ କରୁଥିଲା। ହେଲେ ଜେଜେମା' ଯିବାପରଠାରୁ ତାକୁ ସାନବାବୁଙ୍କ ସମସ୍ତ କାମ ବୁଝିବାକୁ ପଡୁଛି। ନିୟମିତ ଭାବେ ସବୁକିଛି ପୂର୍ବପରି କରିବାକୁ ହେଉଛି। ଏଇୟା ତ ସେ ଚାହିଁଥିଲା ଆଗରୁ। ଜୀବନର ଶେଷ ନିଶ୍ୱାସ ଥିବା ଯାଏଁ ସେ ସାନବାବୁଙ୍କ ସେବା କରୁଥିବ। ତାଙ୍କ ପାଇଁ ସ୍ୱପ୍ନ ବୁଣୁଥିବ। ଆଖପାଖର ପୃଥିବୀକୁ ଅଣଦେଖା କରି ସେ ମଜ୍ଜି ଯାଉଥିବ ନିଜ ଭିତରେ ଅନ୍ୟସବୁ ଜଂଜାଳମାନଙ୍କ ମେଳରେ। ସେଥିପାଇଁ ସେ ଏଇଠି ହିଁ ପଡିରହିଥିବ ସାରାଜୀବନ। ଏଇଟା ହିଁ ତା ଜୀବନର ଲକ୍ଷ୍ୟ ଓ ଶେଷ ଇଚ୍ଛାଥିଲା। ଏମିତିକି ଜେଜେମା'ର କଥା ବି ସେ ତା କାନକୁ ନେଇନଥିଲା। ସତେଯେପରି ସେ ଜନ୍ମିଥିଲା ସାନବାବୁଙ୍କ ଦେଖାଶୁଣା କରିବା ପାଇଁ। ସେ ହିଁ ତାର ଦାୟିତ୍ୱ ଓ କର୍ତ୍ତବ୍ୟ ପାଲଟିଯାଇଥିଲେ ଇତିମଧ୍ୟରେ।

ତାଙ୍କର ସମସ୍ତ କାମ କଲାବେଳେ ସେ ତ କେବେ ଥକି ପଡିନାହିଁ। ବରଂ ଗଭୀର ପ୍ରଶାନ୍ତିରେ ଆହୁରି ବେଶୀ ଉଜ୍ଜ୍ୱଳି ଉଠିଛି। ବେଳେବେଳେ ଜେଜେମା' କଥା ତାର ମନେପଡେ। ତା କଥା ରଖିପାରି ନଥିବାରୁ ମନଭରି କାନ୍ଦେ ନୀରବରେ। ଅବଶୋଷଟିଏ ଜନ୍ମ ନିଏ। ହେଲେ ଏବେ ସେସବୁ ଭାବି କିଛି ଲାଭ ନାହିଁ। ଜୀବନଟା ସାରା ସେ କରିଛି ଆଉ କରି ଚାଲିଛି। ଥକିପଡିଲେ ହାରିଯିବ। ତା ଅବଶୋଷ ତାକୁ ପ୍ରତିମୁହୂର୍ତ୍ତରେ କୁହୁଳାଇ ମାରିବ। ବଂଚିବାପାଇଁ ବାସ୍ତବତାକୁ ଗ୍ରହଣ କରିବାକୁ ହେବ। ସେ ନିଆଁକୁ ହଜମ କରିବାକୁ ହିଁ ପଡିବ। ଯାହାକୁ ଲକ୍ଷ୍ୟକରି ସେ ଆଗକୁ ବଢିଥିଲା,ସେ ଲକ୍ଷ୍ୟ ତ ହାତ ପାହାନ୍ତାରେ। ସେ ଚାହିଁଥିଲା ଜୀବନବ୍ୟାପୀ ସାନବାବୁଙ୍କ ସେବା.. ତାଙ୍କ ସରଳ ଓ ନିରୀହତାର ପ୍ରତିଦାନରେ ଦୁନିଆଁର ସବୁତକ ସୁଖ ଓ ପ୍ରାପ୍ତି। ଅଥଚ ତାଙ୍କ ମୁହଁରେ ଅବସନ୍ନତା, ଅସହାୟତା। ସେ କିଛି ଚାହାନ୍ତି..ଯାହା ତାଙ୍କ ପ୍ରାପ୍ତିର ସୀମାଠାରୁ ଢେର୍‌ଦୂରରେ। ସେ ବି ତାଙ୍କ ଭିତରେ କୁହୁଳି ଉଠନ୍ତି ନୀରବରେ। ସେ ଜ୍ୱଳନ ଲୀନାକୁ ସ୍ପର୍ଶ କରେ। ତାକୁ ବି ଦଗ୍ଧ କରାଏ। ଅବଶୋଷରେ ଭିଜିଯାଏ ମନ।

କାହିଁକି ସାନବାବୁ ଚାଲିଯାଉ ନାହାନ୍ତି ତାଙ୍କ ପରିବାର ପାଖକୁ? ତାଂକ ସୁଖ ବିଷୟରେ ଭାବୁଭାବୁ ମନେପଡେ ତା ନିଜ କଥା..ସେ ଗଲା ପରେ ଲୀନା କଣ କରିବ, କିପରି ଜୀଇଁବ କି ସ୍ୱପ୍ନ ଦେଖିବ? କୋଉ ଆଶାରେ ସକାଳୁ ଉଠିବ ଓ ରାତିରେ ଶୋଇବ? ତା ହାତପାଦରେ କଣ ପୂର୍ବ ଭଳି ବଳ ଥିବ? ମନକଣ ଶକ୍ତ ଥିବ ଆଶାର ବୋଝ ସହିବାକୁ, ସେଥିରେ କାଠିକୁଟାର ବସା ବାନ୍ଧିବାକୁ? ନହେଲେ ବିବେକର ଶକ୍ତ ଧକ୍କାରେ ସେ ବସାଟି ଭାଙ୍ଗିରୁଜି ବିକ୍ଷିପ୍ତ ହୋଇଯିବ। ତା ମନର ପୃଥିବୀ ଧ୍ୱଂସ ହୋଇଯିବ! ତା ବୋଲି କଣ ସାନବାବୁ ତାଙ୍କ ନିଜସ୍ୱ ଜୀବନ ଜୀଇଁବେ ନାହିଁ? ତାଙ୍କ ପରିପୂର୍ଣ୍ଣ ଜୀବନର ମହକରେ କଣ କେବେ ବି ଆନମନା ହେବେ ନାହିଁ? ନା ନା ତାଙ୍କ ମୁହଁର ଏ ଅବସନ୍ନତା ସେ କିପରି ଦେଖି ପାରିବ? କିପରି ସହିପାରିବ ଯେ ତା ଏକାନ୍ତ ନିଜର ସାନବାବୁ ତୃପ୍ତ ନୁହଁନ୍ତି ତାଂକ ଜୀବନରେ? ସେ ଗୁଡାଏ ଏକଲାପଣକୁ ଆବୋରି ଜଡ ପାଲଟି ଯାଉଛନ୍ତି। ଅପ୍ରାପ୍ତି ଜନିତ ଅବସନ୍ନତା ତାଙ୍କୁ ବେଢି ପକାଇଛି ଜୀବନତମାମ୍। ଶତଚେଷ୍ଟା ସତ୍ତ୍ୱେ ସେ ସେଥିରୁ ମୁକୁଳି ପାରୁନାହାନ୍ତି। ଆଉ ସେ ଅସହାୟ ହୋଇ ସାନବାବୁଙ୍କର ସେ ଜଡତାକୁ ଆବୋରି ବସିଛି। ତାଙ୍କ ନୀରବ ଦହନରେ ସେ ବି ଜଳୁଛି।

ତାଙ୍କ ରୁମର ଲାଇଟ୍ ଏବେଯାଏଁ ଜଳୁଛି। ସେ କଣ ଶୋଇନାହାନ୍ତି ଏଯାଏଁ? ସେ ଅସହିଣୀ ଦୁଃଖ କଣ ତାଙ୍କୁ ରାତିସାରା ବି ଛଟପଟ କରୁଛି? ହେଲେ ସେ ଆଉ ଆଗଭଳି ପାଗେଳୀଙ୍କ ପରି ତୁଚ୍ଛାଟାକୁ ରାତି ରାତି ଚେଇଁ ସ୍ୱପ୍ନରେ ହଜିବାକୁ କିମ୍ବା ଗୁଡିଏ ବେପଥୁ ଶୀହରଣରେ ନିଜକୁ ଆକ୍ରାନ୍ତ କରିବାକୁ ଭୟକରୁଛି ଆଜି। ସେ ଏବେ ସଂସାରର ରୀତିନୀତି ଜାଣିଲାଣି। ପରିସ୍ଥିତିକୁ ବୁଝିଲାଣି। ଜେଜେମା' ଥିଲେ ତାର ଏ ଅନୁଭବି ପଣିଆକୁ ଦେଖି କେତେ ଖୁସିହୋଇଥାନ୍ତା। ତା ଯିବାପରେ ବି ସେ ଛୋଟିଆ ଘରର ବାସ୍ନାରେ ଜେଜେମା'ର ଗନ୍ଧ ଏବେ ବି ଅଛି। ଟିକେ ଟିକେ ବାରି ହେଉଛି! ଜେଜେମା'ର ପୁରୁଣା ଲୁଗା କେଇଟାଙ୍କୁ ସେ ତା ସହିତ ପୋଡିଯିବାକୁ ଦେଇନି।

*(କ୍ରମଶଃ)*

## ବିଶେଷ କବିତା

### ନିର୍ଜନ ରାତିର ନାୟିକା

**ଶରତ କୁମାର ଦାସ**



ଆସ ଥରେ ଲିଭିଯିବା ପୂର୍ବରୁ ଆମେ
ମନଇଚ୍ଛା ଜଳିଯିବା
ଡୁବିବା ପୂର୍ବରୁ ଭାସିବାର କଳା ଶିଖିନେବା
ଛଳନାର ନିଘଂଚ ଜଂଗଲ ଡେଇଁ
ଧୂସର ମାଟିର ସବୁଜ ଛାତିରେ
ସତସତିକା ସୁନ୍ଦର ନୀଡଟିଏ ତୋଳିଦେବା।
ତମ ସୁଗନ୍ଧିତ ପ୍ରେମର ମଧୁର ବାସ୍ନାରେ
ଆକ୍ତାମାକ୍ତା ହେଉଥିଲି ଦିନେ,
ଚାଲିବାର ବାଟ ଭୁଲିଥିଲି
ତମ ମୋହିନୀ ମାୟାର କୁହୁକ ମନ୍ତ୍ରରେ।
ତମ ନୀଳ ନୀଳ ଆଖିହଳକରେ
ମୁଁ ସ୍ୱପ୍ନ ଦେଖୁଥିଲି ନିତି ନିର୍ଜନ ରାତିରେ
ଉବୁଟୁବୁ ହେଉଥିଲି ଯାହା
ତମ ଭଲ ପାଇବାର ନୀଳ ପାରାବାରେ।
ଖୋଜୁଥିଲି ଏକା ଏକା ପାଇବାକୁ
ତମ ସମର୍ପିତ ପ୍ରେମର ମିଠା ମିଠା ସ୍ପର୍ଶ
ବେଳାଭୂଇଁର ବାଲୁକା ଶଯ୍ୟାରେ
ପୁଣି ହିମଶଯ୍ୟାର ଶାୟିତ ତୁଷାର ବୁକୁରେ।
ପ୍ରୀତି-ବିଶ୍ୱାସର ତୂଳୀକାଟିଏ ଧରି ଆଙ୍କୁଥିଲି
ତମ ରୂପର ଲଳିତ ଛବି
ଫଗୁଣର ପଳାଶ ବଣରେ
ବିମୋହିତ ହେଉଥିଲି ତମ ମୁଗ୍ଧ ମାଧୁର୍ଯ୍ୟ
ସିକ୍ତ ରୂପଚର୍ଯ୍ୟାର ସ୍ନିଗ୍ଧ ଆଭାରେ।
କେତେବେଳେ କେମିତି ତମ ସହ
ପହଁରି ଯାଉଥିଲି ଝଟକୁଥିବା ଦୂର ଗାଁ
ସୋରିଷ ଫୁଲର ରଙ୍ଗିନ ଉପତ୍ୟକାରେ,
ଆଉ କେତେବେଳେ ତମ ହାତ ଧରି
ଶିଳାଚିତ୍ରର ମୂର୍ତ୍ତିଟିଏ ହୋଇ ଲାଖିଯାଉଥିଲି
କେଉଁ ବହଳ ଅରଣ୍ୟର ପାହାଡ ଗୁମ୍ଫାରେ।
ତମ ଭଲ ପାଇବାର ନିବିଡ ଛନ୍ଦରେ
ମୋ ଖିଆଲି ମନକୁ ବାନ୍ଧି ଦେଉଥିଲି
ହସୁଥିଲି,କାନ୍ଦୁଥିଲି,ଗୁଣୁଗୁଣୁ ଗୀତ ଗାଉଥିଲି
ଆଉ ବିଶ୍ୱାସର ବନ୍ଧଟିଏ ବାନ୍ଧୁଥିଲି
ମୋ ଭାବନାର ଶେଷ ପାହାଚରେ।
ନା ଥିଲା ସୂର୍ଯ୍ୟୋଦୟ ନା ଥିଲା ସୂର୍ଯ୍ୟାସ୍ତ
ନା ଥିଲା ଶବ୍ଦମୟତା ନା ଥିଲା ଶବ୍ଦହୀନତା
ମୋହ ଆଚ୍ଛାଦିତ ପ୍ରାଣ ମୋ'ର ଜଳୁଥିଲା
କାମନାର କେଉଁ ଅଦୃଶ୍ୟ ନିଆଁରେ।

*ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ*
*ବଡବିଲ ମହାବିଦ୍ୟାଳୟ, ବଡବିଲ*
*ଦୂରଭାଷ : ୮୨୪୯୧୩୭୦୯୧*

### ଯୁଦ୍ଧ

**ଦେବଯାନୀ ରୟ**



ତୁମ ଭୋଗାର୍ଥ ଇଲାକା
ମୋ ପ୍ରେମାର୍ଦ୍ର ପୃଥିବୀ ଠାରୁ
ଖୁବ୍ ବେଶୀ ଅଲଗା ନିଶ୍ଚୟ
ତୁମ ଇସାରର ଦେହ ଦେହଳୀ,
ରମ୍ୟକେଳେଙ୍କାରୀ,ଇପ୍ସିତ କାରିଗରୀରେ
ଅନେକ କିଛି ରମିଲି ଏଯାବତ୍
ଦେଇ ତାଳଲୟ।

ପକ୍ଷୀଟିଏ ହୋଇ ବେଶ୍ ଉଡ଼ିଲି
ଅବାଧ ସେ ଉଡାଣ
ଛାତି ତଳେ ଭରିଦେଇ ସମୁଦ୍ରେ ପ୍ରେମର
ଅନନ୍ୟ ନୂଆ ପଣ
ଅନୂର୍ବର୍ ତୁମ ଭୂମିଖଣ୍ଡ ଉପରେ
ନଦୀ ହୋଇ ପ୍ଲାବିତ ହୋଇଲି ବହୁବାର
ଜହ୍ନ ହୋଇ ସୁଶୀତଳ ଜୋସ୍ନାର ଅତରରେ
ଭିଜେଇଲି ବାରବାର।

ଦିଗନ୍ତ ଆକାଶ ଛାତିରୁ
ଫାଳକରେ ଉଡୁଥିବା ମୋର ନୀଳ ପଣତକୁ
ଏବେ ସଞ୍ଚିତ ହେବାକୁ ଦିଅ
ନହେଲେ ବାକି ଗୋଟାକ ଯାକ ଆକାଶ
ଛାତି ଚିରି ଠିଆ ହେବ
ଜଳାଇ ଅଜନ୍ମା ଆଲୋକର ମୋହ।

ଭୋଗାନ୍ଧ ମନ ଦୈହିକ କ୍ଷତୋକ୍ତି ସହ
ଆଜି ମୁଁ ଢେ.... ର କ୍ଳାନ୍ତ
ହୃଦୟକୁ ରୁନ୍ଧି ପକାଉଛି ଅତିକୀର୍ଣ୍ଣ ଅର୍ଗଳି
ହାଡ଼ରୁ ମାଂସରୁ ନିର୍ଗତ
ତତଲା ରକ୍ତ
ମୁଁ ଚାହେଁ କିଛିକାଳ ଅସ୍ୱାଦନା କର
ବିଚ୍ଛେଦର ମୂର୍ଚ୍ଛନା
ତୁମ ମୋ ପ୍ରେମର ପ୍ରଚ୍ଛଦରେ ପଡ଼ିଥାଉ
ଯବନିକା ଓଢଣା।

ମାନୁଛି ନିଜ ମର୍ଜିରେ ପାଳିଛ ନିଜ ଦେହକୁ
ଏବେ ଥରେ ଅନ୍ୟର ମର୍ଜିକୁ ଆପଣେଇ ଦେଖ
ବ୍ରହ୍ମାସ୍ତ୍ର କି ପାଶୁପତ୍ ନୁହେଁ
ଦେହଂଦେହି ତ୍ୟାଗ ରେ
ଏ ଯୁଦ୍ଧର ମହତ୍ତ୍ୱକୁ ଚାଖ।

*ରାମଚନ୍ଦ୍ର ପୁର ବଜାର, ଜଟଣୀ, ଖୋର୍ଦ୍ଧା*
*ଦୂରଭାଷ : ୯୪୩୭୪୧୪୪୧୪*

## ମହତ ଭାବନା ଫଳ ମଧୁର

**ବିନୟ ଭୂଷଣ ପାଣିଗ୍ରାହୀ**



ପିଲାମାନେ, ମୁଁ ଯେଉଁ ସମୟର କଥା କହୁଛି ସେ ସମୟରେ ଗଛଲତା ଓ ପଶୁପକ୍ଷୀ ମାନେ ମଧ୍ୟ ଠିକ ମଣିଷ ମାନଙ୍କ ଭଳି ପରସ୍ପର ଭିତରେ କଥାଭାଷା ହେଉଥିଲେ। ଅବଶ୍ୟ ମଣିଷ ମାନେ ସେସବୁ ଶୁଣି ପାରୁନଥିଲେ କି ବୁଝିପାରୁନଥିଲେ। ଏବେ କଥାଟି କହୁଛି, ମନଦେଇ ଶୁଣ।

ଗୋଟିଏ ବଗିଚାରେ ଦୁଇଟି ଆମ୍ବଗଛ ଥିଲା। ସେଥିରୁ ଗୋଟିଏ ଗଛ ବହୁତ ବୁଢ଼ା ହେଇଯାଇଥିଲା ଯେଉଁଥିରେ ପ୍ରତିବର୍ଷ ଅତିବେଶୀରେ ଗଣ୍ଡାଏ-ଦି'ଗଣ୍ଡା ଆମ୍ବ ଫଳୁଥିଲା। ମାତ୍ର, ସେଇ ଆମ୍ବ ଗୁଡ଼ିକ ଆକାରରେ ବଡ଼ ହେଉଥିଲେ ଏବଂ ସେଗୁଡିକର ସ୍ୱାଦ ମହୁପରି ମିଠା ହେଉଥିଲା। ତେଣୁ,ବଗିଚା ର ମାଲିକ ସେଇ ଗଛଟିକୁ ବହୁତ ଭଲ ପାଉଥିଲେ ଆଉ,ଆମ୍ବ ଗୁଡିକ ପୁରାପୁରି ପାଚିବା ପର୍ଯ୍ୟନ୍ତ ଅପେକ୍ଷା କରୁଥିଲେ। ଆମ୍ବ ପାଚିଲେ ଗଛକୁ ମୁଣ୍ଡିଆ ମାରି ଗଛ ଉପରକୁ ଚଢି ଅତି ଯତ୍ନ ସହକାରେ ସେଗୁଡିକ ତୋଳିନେଇ ଗ୍ରାମ ଦେବତୀଙ୍କ ପାଖରେ ଭୋଗ ଲଗାଉଥିଲେ।

ଅପରପକ୍ଷରେ, ଅନ୍ୟ ଗଛଟି କମ ବୟସର ହେଇଥିବାରୁ ଖୁବ ହୃଷ୍ଟପୁଷ୍ଟ ହେବା ସହ ସେଥିରେ ଏତେବେଶୀ ଆମ୍ବ ଫଳୁଥିଲା ଯେ ଫଳ ଭାରାରେ ଡାଳ ସବୁ ତଳକୁ ନଇଁ ଆସୁଥିଲେ। କିନ୍ତୁ, ବିଧିର ବିଡମ୍ବନା, ସେଇ ଆମ୍ବ ଗୁଡିକ ଅତିରିକ୍ତ ଖଟା ହେଇଥିବାରୁ ବଗିଚାର ମାଲିକ ଆମ୍ବ ସବୁ ପାଚିବା ଆଗରୁ ବାଉଁଶ ଫାଳିଆରେ ବାଡେଇ ଗଛକୁ ଝାଡ଼ି ଦେଇ,ଆମ୍ବତକ ନେଇ ସାଇପଡ଼ିଶାରେ ବାଣ୍ଟି ଦେବାପରେ ଯଦି ଅଳ୍ପକିଛି ବଳିପଡୁଥିଲା ତେବେ ସେଗୁଡିକୁ କାଟି ଖରାରେ ଶୁଖାଇ ଆମ୍ବୁଲ କରିଦେଉଥିଲେ।

ମାଲିକଙ୍କର ଏଭଳି ପାତର ଅନ୍ତର ନୀତି ଯୋଗୁଁ ଖଟା ଆମ୍ବଗଛଟି ମିଠା ଆମ୍ବଗଛକୁ ଦାୟୀ କରୁଥିଲା।ସେଥିପାଇଁ ତା ମନରେ ମିଠା ଆମ୍ବଗଛ ପ୍ରତି ଈର୍ଷାଭାବ ଏବଂ କ୍ରୋଧ ହେଉଥିଲା। ତେବେ, ସେଇ ଏକାକଥାକୁ ନେଇ ମିଠା ଆମ୍ବଗଛ ମଧ୍ୟ ଅତ୍ୟନ୍ତ ଦୁଃଖିତ ହେଉଥିଲା। ସେ ଭାବୁଥିଲା, କଞ୍ଚାବେଳେ କେତେକ ଗଛର ଫଳ ଖଟା କିମ୍ବା କଷା ହେଇଥାଏ ସତ ମାତ୍ର, ପାଚିଗଲେ ତହିଁରୁ ଅଧିକାଂଶ ଗଛର ଫଳ ଖୁବ ମଧୁର ହେଇ ଯାଇଥା'ନ୍ତି। ହେଲେ, ମାଲିକ କୌଣସି ବର୍ଷ ସେଇ ଗଛର ଆମ୍ବତକ ପାଚିବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତି ନାହିଁ। ଏହା ସେଇ ସ୍ୱଳ୍ପବୟସ୍କ ଆମ୍ବଗଛଟି ପ୍ରତି ଏକ ପ୍ରକାର ଅବିଚାର ଥିଲା। ମାତ୍ର,ମାଲିକ ଗଛବୃକ୍ଷ ମାନଙ୍କର ଭାଷା ବୁଝିପାରୁନଥିବାରୁ ଏକଥା ସେ ତାଙ୍କୁ କହିପାରୁନଥିଲା।

ସବୁଦିନ ପରି ସେଦିନ ମଧ୍ୟ ,ଖଟା ଆମ୍ବଗଛ କ୍ରୋଧ ସମ୍ବରଣ ନ କରିପାରି ମିଠା ଆମ୍ବଗଛକୁ କହିଲା,'ଏ ବୁଢ଼ା, ବୟସ ତ ଶହେ ପାରିହେଲାଣି, ଅଧା-ବାରଣା ଲଣ୍ଡା ହେଲୁଣି,ବରସ ଶେଷକୁ କୋଉବର୍ଷ ଗଣ୍ଡେ ଫଳୁଛି ତ କୋଉବର୍ଷ ନାହିଁ,ତଥାପି ତୁ ମରୁନୁ କାହିଁକି ଯେ? ଏତେ ଝଡବାତ୍ୟା ହେଉଛି,କେତେ ଗଛ ଉପୁଡି ପଡୁଛନ୍ତି ହେଲେ,ତୁ କେମିତି ଉପୁଡି ଯାଉନାହୁଁ ସେଇକଥା ଭାବୁଛି। ତୋ ମରଣ ନହେଲାଯାକେ ସେ ମୂର୍ଖ ମାଲିକ ମୋ କୁଳ ରକ୍ଷା କରିବାପାଇଁ ମୋର ଗୋଟିଏ ବି ଫଳ ପାଚିବାକୁ ଦେବନାହିଁ। ଛିଃ, ଏ ଦୁନିଆରେ ତୋ'ପରି ସ୍ୱାର୍ଥପର ଗଛ ଆଉ କୋଉଠି ହେଲେ କୋଉଠି ଗୋଟେ ମଧ୍ୟ ନଥିବ। ଠାକୁରଙ୍କୁ ଡାକୁଛି ,ମାଲିକ ତା'ଝିଅ ବାହାଘର ବେଳେ ଯୌତୁକ ଦେବାପାଇଁ ଖଟ-ପଲଙ୍କ ବନେଇବା ବେଳକୁ ତୋତେ କାଟି ପଟା ଚିରେଇ ଦିଅନ୍ତେ କି।'

ମନରେ ବହୁତ ଦୁଃଖ ହେଲେମଧ୍ୟ ମିଠା ଆମ୍ବଗଛ ସବୁଯାକ କଥା ଚୁପଚାପ ଶୁଣିଲା ମାତ୍ର, ଓଲଟି କିଛି କହିଲା ନାହିଁ। କାରଣ, ବୟସ୍କ ହେଇଥିବା ଦୃଷ୍ଟିରୁ ତା'ର ଅଭିଜ୍ଞତା, ବୋଧଶକ୍ତି ଏବଂ ସହ୍ୟଶକ୍ତି ମଧ୍ୟ ବହୁତ ଅଧିକ ଥିଲା। ତେଣୁକରି ସେ ଦୁଖୀ ଖଟା ଆମ୍ବଗଛର ମାନସିକ ଯନ୍ତ୍ରଣାକୁ ଭଲଭାବରେ ବୁଝିପାରୁଥିଲା। ସେଦିନ ରାତିରେ ସେ ଗ୍ରାମଦେବତୀଙ୍କୁ ପ୍ରାର୍ଥନା କରି ମନେ ମନେ କହିଲା, 'ମାଆଲୋ, ଜୀବନରେ ପ୍ରଥମ ଥର ଫଳିବା ପରଠାରୁ ଆଜି ପର୍ଯ୍ୟନ୍ତ ଏତେବର୍ଷ ଧରି ତୋର ସେବା କରି ଆସିଛି, ବଦଳରେ କେବେ କିଛି ମାଗିନାହିଁ। ବୁଢ଼ା ହେଲିଣି, ବଉଳ ବଞ୍ଚାଇ ରଖିବାର ସାମର୍ଥ୍ୟ ଗଲାଣି। ମୋତେ ଆଉ ଲାଗୁନାହିଁ ଯେ ଆସନ୍ତା ବର୍ଷକୁ ମୋ ଡାଳରେ ତୋ ସେବାପାଇଁ ଗୋଟିଏ ବି ଆମ୍ବ ଫଳିବ ବୋଲି। *(କ୍ରମଶଃ)*



## ଆରାଧନା ମହୋତ୍ସବର ତାତ୍ପର୍ଯ୍ୟ



**ଅନୀତା ପଟ୍ଟନାୟକ**


୧୯୨୬ ମସିହା ନଭେମ୍ବର ୨୩ ତାରିଖରେ ଭଗବାନ ସତ୍ୟସାଇ ବାବା ଜନ୍ମ ଗ୍ରହଣ କରିଥିଲେ। ସେହିପରି ୨୪ ଅପ୍ରେଲ ୨୦୧୧ ମସିହାରେ ପାର୍ଥିବ ଶରୀର ତ୍ୟାଗ କରିଥିଲେ। ତାଙ୍କର ଭକ୍ତମାନେ ଏହି ଦିବସଟିକୁ ଆରାଧନା ମହୋତ୍ସବ ରୂପେ ପାଳନ କରିଥାନ୍ତି। ତାଙ୍କର ପାର୍ଥିବ ଶରୀର ତ୍ୟାଗ ଦିବସଟିକୁ ମହାସମାଧି ଦିବସ ରୂପେ ଆଖ୍ୟା ଦିଆଯାଇଥାଏ। ଅନ୍ୟ ଅର୍ଥରେ ବୁଝିବାକୁ ଗଲେ ଶରୀର, ମନ, ବୁଦ୍ଧି ଉପରେ ଦିବ୍ୟତ୍ୱର ଆଚ୍ଛାଦନକୁ ମହାସମାଧି ବୋଲା ଯାଇ ପାରିବ। ସେ ସମୟ, କାଳର ଉର୍ଦ୍ଧ୍ୱକୁ ଯାଇ ମହାଜାଗତିକ ହୋଇଯାଇଛନ୍ତି। ସୀମିତ ଶରୀରକୁ ପରିତ୍ୟାଗ କରି ଅସୀମ ହୋଇ ଯାଇଛନ୍ତି। ମନୁଷ୍ୟ ତାର କର୍ମ ଚିନ୍ତା ଓ ବାକ୍ୟରେ ବାନ୍ଧି ହୋଇ ଜନ୍ମପରେ ଜନ୍ମ ଗ୍ରହଣ କରିଚାଲେ ବୋଲି ଶାସ୍ତ୍ରରେ କୁହାଯାଏ। ଆମର ପୁର୍ନଜନ୍ମ ପାଇଁ ଆମର ଅତୀତ ଓ ବର୍ତ୍ତମାନ ଗୁରୁତ୍ୱ ବହନ କରିଥାଏ। କିନ୍ତୁ ଏହା ଅବତାରଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ ନୁହେଁ ତାଙ୍କର ଜନ୍ମ ଓ ଶରୀରର ତ୍ୟାଗ ତାଙ୍କର ଇଚ୍ଛା ଉପରେ ନିର୍ଭର କରିଥାଏ। ସେ ଯେତେବେଳେ ଯେଉଁଠାରେ ଚାହାଁନ୍ତି ସେ ନିଜେ ଜନ୍ମ ଗ୍ରହଣ କରନ୍ତି ଓ ସେହିପରି ଦେହତ୍ୟାଗ କରିଥାନ୍ତି।

ମଣିଷ ତାର ପ୍ରିୟ ଆତ୍ମୀୟସ୍ୱଜନ ମାନଙ୍କର ପିଣ୍ଡଦାନ ପୂର୍ବକ ଶ୍ରାଦ୍ଧ ବାର୍ଷିକୀ ପାଳନ କରିଥାଏ କିନ୍ତୁ ଏହା ଅବତାରି ପୁରୁଷ ମାନଙ୍କ କ୍ଷେତ୍ରରେ କରାଯାଏ ନାହିଁ। ମନୁଷ୍ୟ ଆତ୍ମୀୟ ସ୍ୱଜନ ମାନଙ୍କର ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରିଥାଏ କିନ୍ତୁ ଅବତାରୀ ପୁରୁଷ ମାନଙ୍କର କ୍ଷେତ୍ରରେ ତାଙ୍କର ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରାଯାଇନଥାଏ। ମନୁଷ୍ୟର ଜନ୍ମ ଥାଏ ତେଣୁ ଆରମ୍ଭ ଥାଏ, ତାର ମୃତ୍ୟୁ ଥାଏ ତେଣୁ ଶେଷ ଥାଏ। କିନ୍ତୁ ଅବତାରଙ୍କ କ୍ଷେତ୍ରରେ ତାଙ୍କର ଆରମ୍ଭ ନଥାଏ କି ଶେଷ ନଥାଏ। ଅବତାର ଯେତେବେଳେ ମନୁଷ୍ୟ ରୂପେ ଜନ୍ମ ନିଅନ୍ତି ଆମେ ତାକୁ ଜନ୍ମଦିନ ଭାବେ ପାଳନ କରିଥାଉ। ଯଥା କୃଷ୍ଣ ଜନ୍ମାଷ୍ଟମୀ, ରାମ ନବମୀ, ମହାବୀର ଜୟନ୍ତୀ, ଖ୍ରୀଷ୍ଟମାସ ଇତ୍ୟାଦି। ଅବତାରୀ ପୁରୁଷମାନେ ଜନ୍ମ ହୋଇ ମାନବ ସମାଜକୁ ମାନବ ସମାଜ ପ୍ରତି ତାଙ୍କର ଜନ୍ମର ଉଦ୍ଦେଶ୍ୟକୁ ବୁଝାଇ ଦେଇଥାନ୍ତି। ଅବତାରମାନେ ନିଜ ଇଚ୍ଛାରେ ନିଜର ଅନ୍ତ ଘଟାଇଥାନ୍ତି। ଭଗବାନ ସତ୍ୟସାଇ ବାବା ଦେହତ୍ୟାଗ କରିବାର ବହୁ ଦିନ ପୂର୍ବରୁ ତାଙ୍କର ପ୍ରିୟ ଶିଷ୍ୟ ଅନୀଲ କୁମାରଙ୍କୁ ଦେହତ୍ୟାଗ କରିବାର ସୂଚନା ଦେଇ ପ୍ରଶାନ୍ତି ନିଳୟମ ମନ୍ଦିରର ସାଇକୁଳବନ୍ତ ହଲରେ ଥିବା ଗଣେଶ ମୂର୍ତ୍ତି ନିକଟରେ ତାଙ୍କର ପ୍ରାର୍ଥିବ ଶରୀର କିପରି ସମାଧି ନେବ ସେ ସ୍ଥାନଟିକୁ ଦେଖାଇ ଦେଇଥିଲେ। ସେହିପରି ସାଇ କୁଳବନ୍ତ ହଲର ଛାତରେ ସୁନା ଛାଉଁଣିର ଚିତ୍ର ଲାଗୁଥିବା ସମୟରେ ତାଙ୍କର ସମାଧିସ୍ଥଳ ଗଣେଶ ମୂର୍ତ୍ତି ତଳେ ହେବ ବୋଲି ଦେଖାଇ ଦେଇଥିଲେ।

ଭଗବାନ ସତ୍ୟସାଇ ବାବା ତାଙ୍କର ମାତା ଈଶ୍ୱରାମ୍ମାଙ୍କୁ ଦିନେ ପ୍ରତିଶୃତି ଦେଇ କହିଥିଲେ, ଯେ ସେ ପୁଟ୍ଟପର୍ତ୍ତି ଛାଡ଼ି ଅନ୍ୟ କୌଣସି ଜାଗାକୁ ଯିବେ ନାହିଁ। ସେହି ପ୍ରତିଶ୍ରୁତିକୁ ରକ୍ଷାକରି ତାଙ୍କର ମହାସମାଧି ପ୍ରଶାନ୍ତି ନିଳୟମର ସାଇ କୁଳବନ୍ତ ହଲରେ ସେ ପୂର୍ବରୁ ଦର୍ଶାଇଥିବା ସ୍ଥାନରେ ତାଙ୍କର ପାର୍ଥିବ ଶରୀରକୁ ସମାଧି ଦିଆଯାଇଛି। କେବଳ ଫରକ ଏତିକି ଯେ ଶ୍ରଦ୍ଧାଳୁ, ଆଶ୍ରିତ ଭକ୍ତମାନେ ସାଇ କୁଳବନ୍ତ ହଲରେ ବସି ବାବା ସମାଧି ନେବା ପୂର୍ବରୁ ତାଙ୍କର ପାର୍ଥିବ ଶରୀର ଆଗମନକୁ ଚାତକପକ୍ଷୀ ପରି ଚାହିଁ ବସୁଥିଲେ। ତାଙ୍କର ପାଦର ଓ ଶରୀରର ଦର୍ଶନ ନିମନ୍ତେ ଲକ୍ଷ ଲକ୍ଷ ଭକ୍ତ ପୃଥିବୀର କୋଣ ଅନୁକୋଣରୁ ପ୍ରତିବର୍ଷ ଧାଇଁ ଆସୁଥିଲେ। କିନ୍ତୁ ଆଜି ଓଲଟା ହୋଇଯାଇଛି। ସେ ମହାସମାଧି ନେବା ଠାରୁ ତାଙ୍କର ଭକ୍ତମାନଙ୍କୁ ଅନୁଗ୍ରହ ଆଶୀର୍ବାଦ ଦେବା ନିମନ୍ତେ ସେ ସମାଧିସ୍ଥଳରେ ଉପସ୍ଥିତ ଅଛନ୍ତି। ତାଙ୍କ ନିମନ୍ତେ ଶାନ୍ତି ପ୍ରାର୍ଥନା, ବେଦମନ୍ତ୍ର ଉଚ୍ଚାରଣ ଏସବୁର ଆବଶ୍ୟକତା ନାହିଁ କାରଣ ତାଙ୍କର ଆବାସର ସ୍ଥାନ ପ୍ରଶାନ୍ତି ନିଳୟମ। ତେବେ ଏହା ଏକ ପ୍ରଶ୍ନ ଏପରି ଏକ ଦିବସରେ ସେ ମାନବ ସମାଜ ଠାରୁ କ'ଣ ଚାହାଁନ୍ତି? ପୃଥିବୀରେ ଅନେକ ଗୁରୁ ଅଛନ୍ତି ଯାହାର ଦର୍ଶନ ନିମନ୍ତେ ଟଙ୍କା, ସୁନା, ଦାନ କରିବାକୁ ପଡ଼ିଥାଏ। କିନ୍ତୁ ପ୍ରକୃତ ଗୁରୁ କେବଳ ଦିଏ କିଛି ଗ୍ରହଣ କରେନାହିଁ। ଭଗବାନ ସତ୍ୟସାଇ ମାନବ କଲ୍ୟାଣ ନିମନ୍ତେ ନିଃଶୁଳ୍କ ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ, ସୁପର ସ୍ପେଶାଲିଷ୍ଟ ହସ୍ପିଟାଲ, ଜଳଯୋଗାଣ, ଗରିବ ଲୋକଙ୍କୁ ଅନ୍ନଦାନ, ଗୋଦାନ, ଭୂଦାନ, କନ୍ୟାଦାନ ଇତ୍ୟାଦି କରିଥିଲେ। ସେ ଯାହା କହୁଥିଲେ ତାହା କରୁଥିଲେ ତେଣୁ ସେ କେବଳ ଅବତାରୀ ପୁରୁଷ ନୁହଁନ୍ତି ପ୍ରକୃତ ସଦଗୁରୁ ଥିଲେ। ସେ ସର୍ବଧର୍ମ ସମନ୍ୱୟରେ ବିଶ୍ୱାସ ରଖୁଥିଲେ। ଏକ ଶାନ୍ତି ସ୍ତୁପ ଏହି ଉଦ୍ଦେଶ୍ୟରେ ପ୍ରଶାନ୍ତି ନିଳୟମରେ ପ୍ରତିଷ୍ଠା ହୋଇଅଛି।


ଏହିପରି ଏକ ମହାନଗୁରୁ ଓ ଅବତାରୀ ପୁରୁଷଙ୍କର ମହାସମାଧି ଦିବସଟିକୁ ପାଳନ କରିବାକୁ ହେଲେ ଆମକୁ ସର୍ବଧର୍ମ ସମନ୍ୱୟ ଉପରେ ଗୁରୁତ୍ୱ ଦେବାକୁ ହେବ ଓ ଏହାର ପ୍ରଚାର ପ୍ରସାର କରିବାକୁ ହେବ। ଅନ୍ନଦାନ, ରୋଗୀ ସେବା, ନିଃଶୁଳ୍କ ବିଦ୍ୟାଦାନ, ଗୋସେବା କରିବାକୁ ହେବ। ଅନ୍ଧ, ମୁକ, ବଧିର ପିଲାମାନଙ୍କ ନିକଟକୁ ଯାଇ ଆନନ୍ଦର ନୂତନ ପରିଭାଷା ଲେଖିବାକୁ ହେବ। ବୃଦ୍ଧାଶ୍ରମକୁ ଯାଇ ବୃଦ୍ଧପିତା ମାତାଙ୍କୁ କିପରି ସମ୍ମାନ କରିବାକୁ ହୁଏ ତାର ଦୃଷ୍ଟାନ୍ତ ସମାଜ ଆଗରେ ରଖିବାକୁ ହେବ। ଏହା ହିଁ ଆରାଧନା ମହୋତ୍ସବର ପ୍ରକୃତ ଉଦ୍ଦେଶ୍ୟ ହେବା ଉଚିତ। ଏହା ବେଦମନ୍ତ୍ର ଉଚ୍ଚାରଣ, ଭଜନ କୀର୍ତ୍ତନ, ପୂଜାର୍ଚ୍ଚନା କରି କୌଣସି ମହାନ ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରିବାର ଦିବସ ନୁହେଁ।

*ଅବସରପ୍ରାପ୍ତ ପ୍ରଧାପିକା, ସିଡିଏ, କଟକ*
*ଦୂରଭାଷ : ୯୬୯୨୯୮୦୦୨୬*





# ଗୋରେଖନାଥ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ



**ଜଗତ୍‌ସିଂହପୁର :** ରଘୁନାଥପୁର ବ୍ଲକ ଅନ୍ତର୍ଗତ କେରେକେରା ସ୍ଥିତ ପ୍ରସିଦ୍ଧ ବିଭୂତି କ୍ଷେତ୍ର ପ୍ରଭୁ ଗୋରେଖନାଥଙ୍କ ପୀଠରେ ଅନୁଷ୍ଠିତ ଅଷ୍ଟଦିନ ବ୍ୟାପୀ ବିଶ୍ୱଶାନ୍ତି ମହାଯଜ୍ଞ ବେଶ ଆନନ୍ଦ ଉଲ୍ଲାସରେ ପାଳିତ ହୋଇଯାଇଛି। ଚଳିତ ବର୍ଷ ପ୍ରବଳ ରୌଦ୍ରତାପ ସତ୍ତ୍ୱ ଦର୍ଶନାର୍ଥୀମାନଙ୍କର ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ବହୁ ସ୍ଥାନରୁ ଭକ୍ତମାନେ ରେଲ ଓ ବସ ଯୋଗେ ଆସି ଠାକୁରଙ୍କୁ ଦର୍ଶନ କରିବା ସହିତ ଯଜ୍ଞ ଆହୁତିରେ ଉପସ୍ଥିତ ରହି ପ୍ରସାଦ ସେବନ ମଧ୍ୟ କରିଥିଲେ। ପ୍ରସାଦସେବନ ବେଳେ ଯିଏ ଯେଉଁଠି ବସି ଖାଉଥିଲେ। କିଛି ସ୍ଥାନୀୟ ଯୁବକ ସଂଘ ଓ ସ୍ୱେଚ୍ଛାସେବୀ ସଂସ୍ଥାମାନେ ଭକ୍ତମାନଙ୍କର ପ୍ରସାଦସେବନ ଓ ପାନୀୟ ଜଳ ଯୋଗାଣରେ ପ୍ରମୁଖ ଭୂମିକଜା ଗ୍ରହଣ କରିଥିଲେ। ପ୍ରତିଦିନ ସନ୍ଧ୍ୟା ପରଠାରୁ ସକାଳ ପର୍ଯ୍ୟନ୍ତ ଭକ୍ତାମାନଙ୍କର ଭିଡ ଲାଗିଥିବା ବେଳେ ମୀନା ବଜାର ପଡିଆକୁ ଏକ ପ୍ରକାର ଭକ୍ତମାନଙ୍କ ଗ୍ରହଣରେ ରହିଯାଉଥିଲା। ଭକ୍ତମାନଙ୍କ ଯଜ୍ଞ ଦେଖିବାପାଇଁ ଯେତିକି ଭିଡ ଲାଗୁଥିଲା ତାହାଠୁ ଅଧିକ ଭିଡ ଲାଗିଯାଉଥିଲା ମୀନା ବଜାର ମାନଙ୍କରେ। ମୀନା ବଜାରରୁ ଭକ୍ତମାନେ ବିଭିନ୍ନ ପ୍ରକାର ଜିନିଷପତ୍ର କିଣି ସେଠାରେ ରାତ୍ରି ଯାପନ କରିଥିବା ବେଳେ ପୋଲିସ ପକ୍ଷରୁ ସମସ୍ତ ପ୍ରକାର ସୁରକ୍ଷା ପ୍ରଦାନ କରାଯାଉଥିଲା। ମନ୍ଦିର ପରିସରରେ ଲୋକେ ଯଜ୍ଞ ଦେଖିବାକୁ ଆସି ହରିନାମ ସଂକୀର୍ତ୍ତନ ଓ ବୈଦିକ ପଣ୍ଡିତଙ୍କ ମନ୍ତ୍ର ଧ୍ୱନିରେ ଯଜ୍ଞ ସ୍ଥଳ ପ୍ରକମ୍ପିତ ହୋଇଉଠିଥିଲା। କଟକ ଜିଲ୍ଲା ଅନ୍ତର୍ଗତ ନେମାଳରୁ ଆସିଥିବା ପଣ୍ଡିତ ନିଗମାନନ୍ଦ ମହାପାତ୍ରଙ୍କ ନେତୃତ୍ୱରେ ୯ଜଣ ନୈଷ୍ଠିକ ବ୍ରାହ୍ମଣ ଯଜ୍ଞ କାର୍ଯ୍ୟରେ ନିୟୋଜିତ ହୋଇ ଗଣେଷ, ଶିବ ଓ ଦୁର୍ଗାଙ୍କ ନାମରେ ଆହୁତି କରିବା ସହିତ ଭାଗବତ ଗୀତାରେ ପୂର୍ଣ୍ଣାହୁତି କରିଥିଲେ। ଦେବୋତର ବିଭାଗ ଅଧୀନରେ ଥିବା ଏହି ପୀଠଟିର କାର୍ଯ୍ୟନିର୍ବାହୀ ଅଧିକାରୀ ସୌର୍ଯ୍ୟରଞ୍ଜନ ପରିଡା ଉପସ୍ଥିତ ରହି ସମସ୍ତ କାର୍ଯ୍ୟର ତଦାରଖ କରୁଥିଲେ। କମିଟି ସଦସ୍ୟ ମାନଙ୍କ ମଧ୍ୟରୁ ଆଇନଜୀବି ଜୀବନ ବଲ୍ଲଭ ମହାନ୍ତି, ପ୍ରମୋଦ କୁମାର ମହାନ୍ତି, ଦିଲ୍ଲିପ ସ୍ୱାଇଁ, ପ୍ରଦିପ୍ତ ମହାନ୍ତି, ଗଗନ ଜେନା, ରମେଶ ମହାନ୍ତି, ସୁଶାନ୍ତ କୁମାର ଦାସ ଓ ପ୍ରଶାନ୍ତ ଭୂୟାଁ ପ୍ରମୁଖ ସମସ୍ତ ଦାୟିତ୍ୱ ନିର୍ବାହ କରୁଥିଲେ। ସେହିପରି ମନ୍ଦିର ପୂଜକ ଦିଲ୍ଲିପ କୁମାର ପଣ୍ଡା, ନିରଞ୍ଜନ ଦାଶ, ଗୋଲେଖ ବିହାରି ଦାଶ, ବିରକିଶୋର ଦାଶ, ସ୍ମୃତିରଞ୍ଜନ ପଣ୍ଡା ଓ ଜ୍ଞାନ ରଞ୍ଜନ ପଣ୍ଡାଙ୍କ ସହ ସମସ୍ତ ସେବାୟତ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ଥିଲେ। ହଜାର ହଜାର ଭକ୍ତମାନଙ୍କ ଭିଡକୁ ଦେଖି ତିର୍ତ୍ତୋଲ ଥାନା ପକ୍ଷରୁ ସମସ୍ତ ପ୍ରକାର ସୁରକ୍ଷା ପ୍ରଦାନ କରାଯାଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିରୋଧୀ ...

ଆଚରଣ ବିଧି ବଳବତ୍ତର ରହିଥିବାବେଳେ ମୁଖ୍ୟମନ୍ତ୍ରୀ ଏଭଳି ଘୋଷଣା କିଭଳି କଲେ। ସେଠାରେ ଏବେ ପ୍ରଚାର ଜୋରସୋରରେ ଚାଲିଥିବାବେଳେ ନିର୍ବାଚନମଣ୍ଡଳୀର ପ୍ରାୟ ୧୮ ପ୍ରତିଶତ ଭୋଟର ହେଉଛନ୍ତି ଅଗରିଆ ସମୁଦାୟର। କଂଗ୍ରେସ ପ୍ରାର୍ଥୀ ତରୁଣ ପାଣ୍ଡେ ଅଗରିଆ ସମୁଦାୟର ଓ ତାଙ୍କ ଭୋଟବ୍ୟାଙ୍କରେ ଛିଦ୍ର କରିବା ନିମନ୍ତେ ଶାସକ ବିଜେଡି ଏବେ ଏଭଳି ପ୍ରଲୋଭନ ଦେଖାଇଥିବା ଚର୍ଚ୍ଚା ହେଉଛି। ଆଦର୍ଶ ଆଚରଣ ବିଧିକୁ ଉଲ୍ଲଘଂନ କରି ଉପନିର୍ବାଚନ ସମୟରେ ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣାକୁ ନେଇ ବିରୋଧୀ କଂଗ୍ରେସ ଓ ବିଜେପି ନିରବ ରହିଥିବାବେଳେ ନିର୍ବାଚନ କମିଶନ ମଧ୍ୟ କାହିଁକି ଆପତ୍ତି ଉଠାଉ ନାହାନ୍ତି ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସୂଚନାଯୋଗ୍ୟ, ପଦ୍ମପୁର ଉପନିର୍ବାଚନବେଳେ ଆଦର୍ଶ ଆଚରଣ ବିଧି ବଳବତ୍ତର ଥିବା ସତ୍ତ୍ୱେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କୁଲତା ଓ ମେହେର ସମାଜ ପାଇଁ ଅନୁରୂପ ଘୋଷଣା କରିଥିଲେ। ସେତେବେଳେ ବି ବିରୋଧୀ ଦଳ ଓ ନିର୍ବାଚନ କମିଶନ ନିରବ ରହିଥିଲେ। ପଦ୍ମପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ସଂଖ୍ୟାଧିକ କୁଲତା ଓ ମେହେର ସମାଜର ଭୋଟର ଥିବାରୁ ସେମାନଙ୍କୁ ଆକୃଷ୍ଟ କରିବା ପାଇଁ ପୁରୀରେ ଧର୍ମଶାଳା ନିର୍ମାଣ(କୁଲତା ସମାଜ) ଓ ଭୁବନେଶ୍ୱରରେ ଗଙ୍ଗାଧର ମେହେର ଭବନ ନିର୍ମାଣ (ମେହେର ସମାଜ) ନିମନ୍ତେ ସରକାରୀ ସହାୟତା ଘୋଷଣା କରିଥିଲେ।

### ନିଶାଦ୍ରବ୍ୟ ...

ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ସ୍ୱାମୀ ଓ ଦୁଇ ପୁତ୍ରଙ୍କ ସ୍ମୃତିରେ ନିଜ ବାସଗୃହକୁ ଏସଏଲଏସ ବିଦ୍ୟାଳୟଭାବରେ ପ୍ରତିଷ୍ଠା କରିଥିବାରୁ ସେଠାରେ ନାବାର୍ଡ ଦ୍ୱାରା ନିର୍ମାଣ କରାଯିବାକୁ ଥିବା ଏସଏଲଏସ ଟ୍ରଷ୍ଟ ସ୍କୁଲରେ ଏକ କମ୍ୟୁନିଟି କେନ୍ଦ୍ର ଓ ଏଲଆଣ୍ଡଟି କମ୍ପାନୀ ପକ୍ଷରୁ ଏକ କୌଶଳ ଦକ୍ଷତା ବିକାଶ କେନ୍ଦ୍ରର ଶିଳାନ୍ୟାସ କରିଥିଲେ। ଏହା ପରେ ସ୍କୁଲ ପରିସରରେ ୧୨୦ଜଣ ବନ୍ଧୁବାନ୍ଧବ ଓ ସମ୍ପର୍କୀୟଙ୍କୁ ଭେଟିବା ସହ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ। ଏହାପରେ ଦିନ ୧୨ଟା ୩୦ମିନିଟରେ ନିଜ ଶାଶୂଘର ଗାଁ ପାହାଡ଼ପୁରରୁ ବାହାରି ହାଟବାଦଡ଼ାସ୍ଥିତ ସାତପଉଟିଆରେ ଥିବା ବ୍ରହ୍ମକୁମାରୀ କେନ୍ଦ୍ରକୁ ଯାଇ ନିଶାମୁକ୍ତ ଓଡ଼ିଶା ପ୍ରଚାର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଦିନ ୧ଟାରେ ସେଠାରୁ ବାହାରି ରାଇରଙ୍ଗପୁର ସ୍ଥିତ ବଙ୍ଗଳାରେ ମଧ୍ୟାହ୍ନ ଭୋଜନ ଓ ବିଶ୍ରାମ ନେବା ପରେ ଅପରାହ୍ନ ୪ଟାରେ ବାହାରି ଆଦିବାସୀ ନେତା ସୁନାରାମ ସୋରେନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଅପରାହ୍ନ ୪ଟା ୫ମିନିଟରେ ବଡ଼ବନ୍ଧ ଠାରେ ଶହେ ଫୁଟର ଏକ ଜାତୀୟ ପତାକାକୁ ଉଡାଇବା ପରେ ୪ଟା ୩୫ରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ରାଇରଙ୍ଗପୁର ମ୍ୟୁନିସିପାଲିଟି ଅଫିସ ପରିଦର୍ଶନରେ ଯାଇ ସେଠାରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହାପରେ ରାଇରଙ୍ଗପୁର ମ୍ୟୁନସିପାଲିଟି ପକ୍ଷରୁ ଷ୍ଟାଡିୟମ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମହୁଲଡିହା ବଙ୍ଗଳାରେ ସନ୍ଧ୍ୟା ୬ଟା ୩୦ରୁ ୭ଟା ୩୦ ପର୍ଯ୍ୟନ୍ତ ଅଞ୍ଚଳବାସୀଙ୍କ ସହ ଏକ ଆଲୋଚନା କାର୍ଯ୍ୟକ୍ରମ ସାରି ନିଜ ବାସଭବନରେ ରାତ୍ରିଯାପନ କରିଥିଲେ। ଦ୍ୱିତୀୟ ଦିନ ଶୁକ୍ରବାର ରାଇରଙ୍ଗପୁର ବାସଭବନରୁ ବାହାରି ୮ଟା ୪୦ରେ ଦାଣ୍ଡବୋଷକୁ ଯାଇ ୯ଟା ୧୫ରେ ହେଲିକେପ୍ଟର ଯୋଗେ ବାହାରି ଦିନ ୧୦ଟାରେ ଯଶିପୁର ନିକଟ ଛେଳିଗୋଦଳୀ ହେଲିପ୍ୟାଡରେ ଅବତରଣ କରି ସ୍ୱତନ୍ତ୍ର ଗାଡିରେ ସଡ଼କ ପଥରେ ଶିମିଳିପାଳ ଭିତରକୁ ବୁଲିବାକୁ ଯାଇ ଚହଲାରେ ମଧ୍ୟାହ୍ନ ଭୋଜନ କରି ୪ଟା ୩୦ରେ ଛେଳିଗୋଦଳୀ ହେଲିପ୍ୟାଡରେ ପହଞ୍ଚିବା ପରେ ବାରିପଦା ଅଭିମୁଖେ ଯାତ୍ରା କରିଥିଲେ। ୫ଟା ୨୫ରେ ବାରିପଦାର ରାଣୀବନ୍ଧ ହେଲିପ୍ୟାଡରେ ପହଞ୍ଚି ପରେ ସର୍କିଟ ହାଉସକୁ ସ୍ୱତନ୍ତ୍ର ଗାଡ଼ିରେ ପହଞ୍ଚିଥିଲେ। ସନ୍ଧ୍ୟା ୬ଟାରୁ ୭ଟା ପର୍ଯ୍ୟନ୍ତ ଅଞ୍ଚଳବାସୀଙ୍କ ସହ ଆଲୋଚନା କରିବା ପରେ ରାତ୍ରି ଯାପନ କରିଥିଲେ। ଶନିବାର ଦିନ ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ (ଏମଏସସିବି) ବିଶ୍ୱବିଦ୍ୟାଳୟର ୧୨ତମ ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ତଥା ଉଲ୍ଲେଖନୀୟ ଅବଦାନ ଥିବା ୮ଜଣ ବ୍ୟକ୍ତି ବିଶେଷଙ୍କୁ ଡିଲିଟ/ଡିଏସସି, ୯୦ଜଣ ଗବେଷକଙ୍କୁ ପିଏଚଡି ଉପାଧି ଓ ୩୪ଜଣ କୃତିଛାତ୍ରଛାତ୍ରୀଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ୮ଜଣ ବ୍ୟକ୍ତିତ୍ୱ ମାନେ ହେଲେ ରାଜ ଯୋଗିନୀ ବ୍ରହ୍ମକୁମାରୀ କମଲେଶ, କଣ୍ଠଶିଳ୍ପୀ ସ୍ୱରୂପା ଚକ୍ରବର୍ତ୍ତୀ, ଆଦିବାସୀ ସଙ୍ଗୀତ ଗବେଷିକା ଡ ବୀଣାପାଣି ମହାନ୍ତ, ପ୍ରଶାସକ ତଥା ସିଏଜି ଗିରୀଶ ଚନ୍ଦ୍ର ମୁର୍ମୁ, କଳାକାର ନନ୍ଦିତା ଦାସ ଓ ସଂଗ୍ରାମ କେଶରୀ ମହାନ୍ତି ଏବଂ ସାହିତ୍ୟିକ ଅର୍ଜୁନ ଚରଣ ହେମ୍ବ୍ରମ। ସମସ୍ତଙ୍କୁ ବିଶ୍ୱବିଦ୍ୟାଳୟର ଡିଲିଟ ଉପାଧି ମିଳିବାକୁ ଥିବା ବେଳେ ବୈଜ୍ଞାନିକ ଅଶୋକ କୁମାର ଦାସଙ୍କୁ ଡିଏସସି ଉପାଧିରେ ସମ୍ମାନିତ କରିଥିଲେ।

### ଗର୍ଭବତୀଙ୍କୁ ...

ପ୍ରାଣହାନୀ ଘଟେ। ଏପରି ଶିଶୁଙ୍କ ଜୀବନ ପ୍ରତି ଥିବା ବିପଦକୁ ଦୂର କରିବା ପାଇଁ ସ୍ୱଳ୍ପ ପରିମାଣର ଷ୍ଟେରଏଡ୍ ଆସନ୍ନ ପ୍ରସବା ମାଆକୁ ଜନ୍ମ ଦେବାର ୩ ରୁ ୪ ଘଣ୍ଟା ପୂର୍ବରୁ ଦିଆଯାଇପାରିବ। ଏହି ଷ୍ଟେରଏଡର ପ୍ରୟୋଗାତ୍ମକ ଗବେଷଣା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ୫ଟି ଦେଶରେ ୨୫ଟି କେନ୍ଦ୍ର ଖୋଲାଯାଇଛି। ଭାରତରେ କର୍ଣ୍ଣାଟକର ବେଲଗାଓଁ ଏବଂ ହୁବୁଲିରେ ଦୁଇଟି କେନ୍ଦ୍ର ରହିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଦୁଇଜଣିଆ ଟିମ୍ ଆଜି କ୍ୟାପିଟାଲ୍ ହସ୍ପିଟାଲ ବୁଲିବା ପରେ ଡିଏମଇଟିଙ୍କ ସହ ଆଲୋଚନା କରିଛନ୍ତି। କ୍ୟାପିଟାଲ ହସ୍ପିଟାଲକୁ ତୃତୀୟ ଗବେଷଣା କେନ୍ଦ୍ର କରିବାକୁ ଏକ ପ୍ରକାର ଦେଇଛନ୍ତି ଗ୍ରୀନ୍ ସିଗନାଲ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସହାୟତାରେ ଦୁଇବର୍ଷ ପାଇଁ କ୍ୟାପିଟାଲ ହସ୍ପିଟାଲରେ ଏହି ଗବେଷଣା ଚାଲିବ। ସଫଳତା ମିଳିଲେ ସାରା ଦେଶରେ ଗର୍ଭବତୀ ମାଙ୍କୁ ଏହି ଇଞ୍ଜେକ୍ସନ୍ ଦିଆଯିବ। ଦୁର୍ଘଟଣା ହେଉ କି ସ୍ୱାସ୍ଥ୍ୟଗତ କାରଣ। ବିଶ୍ୱରେ ଜନ୍ମ ନେଉଛନ୍ତି ସମୟ ପୂର୍ବରୁ ଶିଶୁ। ସେମାନଙ୍କ ଭିତରୁ କେତେକ ବଞ୍ଚନ୍ତି ଆଉ କେତେକ ମାଆ ଗର୍ଭରେ ନଷ୍ଟ ହୋଇଯାନ୍ତି। ମାତୃ ଓ ଶିଶୁ ମୃତ୍ୟୁହାର ହ୍ରାସ କରିବାରେ ଓଡ଼ିଶା ସରକାର ଜାତୀୟ ସ୍ତରରେ ରେକର୍ଡ କରିଛନ୍ତି। ପୂର୍ବରୁ ଏସସିବି ମେଡିକାଲ କଲେଜରେ ସମୟ ପୂର୍ବରୁ ଜନ୍ମ ନେଉଥିବା ଶିଶୁଙ୍କ ଜୀବନ ବଞ୍ଚାଇବା ପାଇଁ ୨୦୧୭-୧୮ରେ ଆକସନ୍- ୧ ଓ ଆକ୍ସନ୍ -୨ କାର୍ଯ୍ୟକ୍ରମ ହୋଇଥିଲା। ଏହି ଦୁଇଟି ଗବେଷଣାରେ ୩୨ ରୁ ୩୬ ସପ୍ତାହ ଭିତରେ ଜନ୍ମ ଦେବାକୁ ଥିବା ଗର୍ଭବତୀ ମାଙ୍କୁ ଷ୍ଟେରଏଡ୍ ଇଞ୍ଜେକନ୍ସନ୍ ଦିଆଯାଉଥିଲା। ସେଥିରେ ଅଭୂତପୂର୍ବ ସଫଳତା ମିଳିଛି। ଆକ୍ସନ୍ -୩ କାର୍ଯ୍ୟକ୍ରମ କ୍ୟାପିଟାଲ ହସ୍ପିଟାଲରେ ହେବ। ଏ ନେଇ ଆଇସିଏମ୍‌ଆର୍ ବି ଅନୁମତି ପ୍ରଦାନ କରିଛି।

### ହଜାରେ କୋଟି ...

ଲୋକାୟୁକ୍ତ ଏହି ମାମଲାରେ ଯାଜପୁର ଜିଲ୍ଲାପାଳ ଓ ଧର୍ମଶାଳା ତହସିଲଦାରଙ୍କୁ ନୋଟିସ ଜାରି କରିଥିଲେ। କିନ୍ତୁ ସେମାନଙ୍କ ଉତ୍ତର ସନ୍ତୋଷଜନକ ନହେବାରୁ ରାଜ୍ୟ ଭିଜିଲାନ୍ସକୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଆଉ ଭିଜିଲାନ୍ସ ବର୍ଷାଧିକ ସମୟ ନେଇ ୨୦୨୩ ଏପ୍ରିଲ ୨୮ତାରିଖରେ ତାଙ୍କ ରିପୋର୍ଟ ପ୍ରଦାନ କରିଛନ୍ତି, ମାତ୍ର ଖଣିଚୋରିର ସଠିକ୍ ଆକଳନ କରିନଥିବା ଶ୍ରୀ ବେହୁରା କହିଛନ୍ତି। ଖଣି ଖନନର ଯାଞ୍ଚ ପାଇଁ ହାଇଦ୍ରାବାଦସ୍ଥିତ ଇସ୍ରୋର ସହାୟତା ମଧ୍ୟ ଭିଜିଲାନ୍ସ ନେଇଥିଲା। ରାଜ୍ୟ ଭିଜିଲାନସକୁ ୨୦୦୫ରୁ ୨୦୨୦ ମଧ୍ୟରେ ବିଛାଖଣ୍ଡି ପାହାଡ଼ର ସାଟେଲାଇଟ୍ ଛବି ଉତ୍ତୋଳନ କରି ଇସ୍ରୋ ପ୍ରଦାନ କରିଥିଲା। ତେବେ ଉକ୍ତ କଳାପଥର ଖନନ ଯୋଗୁଁ ବିଛାଖଣ୍ଡି ପାହାଡ଼ରେ ବଡ଼ବଡ଼ ପୋଖରୀ ସୃଷ୍ଟି ହୋଇ ସେଥିରେ ପାଣି ଭର୍ତ୍ତି ଥିବାରୁ ୨୦୦୫ରୁ ୨୦୨୦ ମଧ୍ୟରେ ଉକ୍ତ ସ୍ଥାନରେ କେତେ ପଥର ଖୋଳାଯାଇଛି, ଭିଜିଲାନ୍ସ ସେଥିପାଇଁ ଓରସାକଠାରୁ ବୈଷୟିକ ସହାୟତା ଲୋଡ଼ିଛି। ବେଧଡ଼କ କଳାପଥର ଚୋରିର ତଦନ୍ତ କରି ରାଜ୍ୟ ଭିଜିଲାନସ ଏହି ଚୋରୀ ଯୋଗୁ ୨୦୦ କୋଟି ଟଙ୍କାର ରାଜସ୍ୱ କ୍ଷତି ହୋଇଛି ବୋଲି ବୋଲି ଏକ ରିପୋର୍ଟ ଲୋକାୟୁକ୍ତଙ୍କ ନିକଟରେ ଦାଖଲ କରିଛି। ଲୋକାୟୁକ୍ତ ଏହି ରିପୋର୍ଟ ଆଧାରରେ ଏହି ହରିଲୁଟରେ ସମ୍ପୃକ୍ତ ତତ୍କାଳୀନ ଜିଲ୍ଲାପାଳ ରଞ୍ଜନ କୁମାର ଦାସ, ପୂର୍ବତନ ଧର୍ମଶାଳା ତହସିଲଦାର ପ୍ରଭାସ କୁମାର ବେହୁରା, ଶୀତଳ ଅଗ୍ରୱାଲ, ସରୋଜ କୁମାର ପଣ୍ଡା, ପୂର୍ବତନ ରାଜସ୍ୱ ନିରୀକ୍ଷକ ବୀରକିଶୋର ମହାରଣା, ସୁଶାନ୍ତ କୁମାର ସ୍ୱାଇଁଙ୍କ ସମେତ ୮ଜଣ ଲିଜଧାରୀଙ୍କୁ ଆସନ୍ତା ଜୁନ ୨୩ ତାରିଖ ମଧ୍ୟରେ ଜବାବ ଦାଖଲ ପାଇଁ ନୋଟିସ୍ ଜାରି କରିଛନ୍ତି ବୋଲି ଶ୍ରୀ ବେହୁରା କହିଛନ୍ତି। ସବୁ ମିଶାଇଲେ ୨୦୧୫-୧୬ରୁ ୨୦୧୯-୨୦ ମଧ୍ୟରେ ଏହି ବିଛାଖଣ୍ଡି ପାହାଡ଼ରେ ପ୍ରାୟ ୧୦୦୦ କୋଟି ଟଙ୍କାର କଳାପଥର ଲୁଟ୍ ହୋଇଛି ବୋଲି ଶ୍ରୀ ବେହୁରା ଅଭିଯୋଗ କରିଛନ୍ତି। ସଂରକ୍ଷିତ ଜଙ୍ଗଲରେ କେନ୍ଦ୍ର ସରକାରଙ୍କ ବିନା ଅନୁମୋଦନରେ ଜିଲ୍ଲା ପ୍ରଶାସନ କିପରି କଳାପଥର ଖଣି ଲିଜ୍ ଦେଲା ଏବଂ ଚୋରି ହେଲା ଏହାର ତଦନ୍ତ ସହ ଡିଏଫଓଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଶ୍ରୀ ବେହୁରା ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟକୁ ମଧ୍ୟ ଚିଠି ଲେଖିଛନ୍ତି। ସେହିପରି ସୂଚନା କର୍ମୀ ଶ୍ରୀ ପ୍ରଧାନ କହିଛନ୍ତି ଯେ, ବିଛାଖଣ୍ଡି ପାହାଡ଼ରେ ଦୀର୍ଘଦିନ ଧରି ଖଣି ବେପାରୀଙ୍କ ଦ୍ୱାରା ଚାଲିଥିବା ଏହି ଲୁଟ୍ ବିଜେଡି ସରକାରରେ ଯାଜପୁର ଜିଲ୍ଲା ଇତିହାସରେ ଏହା ସବୁଠାରୁ ବଡ଼ ଧରଣର ଖଣି ଲୁଟ୍। ଶାସକ ବିଜେଡିର ସ୍ଥାନୀୟ ନେତା, ପ୍ରଶାସନିକ ଅଧିକାରୀ, ପୋଲିସ୍ ଅଧିକାରୀ, ଜଙ୍ଗଲ ବିଭାଗ ଅଧିକାରୀଙ୍କ ମିଳିତ ଉଦ୍ୟମ ଓ ସହାୟତାରେ ବର୍ଷବର୍ଷ ଧରି ଖଣି ମାଫିଆମାନଙ୍କ ଦ୍ୱାରା ଏତେ ବଡ଼ କଳାପଥର ଲୁଟ୍ ସମ୍ଭବ ହେଲା ବୋଲି ସେ କହିଛନ୍ତି।

### କେନ୍ଦୁପତ୍ର ...

ରାଜ୍ୟ ସରକାରଙ୍କ ଏହି ଘୋଷଣା ଦ୍ୱାରା ୮ ଲକ୍ଷରୁ ଅଧିକ କେନ୍ଦୁପତ୍ର ହିତାଧିକାରୀ ଉପକୃତ ହେବେ। ୭.୭୫ ଲକ୍ଷ କେନ୍ଦୁପତ୍ର ତୋଳାଳୀ ଏବଂ ୪୦ ହଜାର ବନ୍ଧାଳୀ ଓ ସିଜିନାଲ ଷ୍ଟାଫଙ୍କୁ ଏହି ସହାୟତା ମିଳିବ। ପ୍ରତ୍ୟେକ ତୋଳାଳୀଙ୍କୁ ଏକ ହଜାର ଟଙ୍କାର ଆର୍ଥିକ ସହାୟତା ସହିତ ପାଣିବୋତଲ ଓ ଚପଲ ପାଇଁ ଯଥାକ୍ରମେ ୨୦୦ ଓ ୧୬୦ ଟଙ୍କା ମିଳିବ। ସେହିପରି ପ୍ରତ୍ୟେକ ବନ୍ଧାଳୀ ଓ ସିଜିନାଲ ଷ୍ଟାଫଙ୍କୁ ଆର୍ଥିକ ସହାୟତା ଭାବରେ ୧୫୦୦ ଟଙ୍କା ଦିଆଯିବ। କେନ୍ଦୁପତ୍ର ସଂଗ୍ରହ ହେଉଥିବା ରାଜ୍ୟର ୨୨ଟି ଜିଲ୍ଲା ମଧ୍ୟରୁ ଝାରସୁଗୁଡା ବ୍ୟତୀତ ଅନ୍ୟ ସମସ୍ତ ଜିଲ୍ଲାର ହିତାଧିକାରୀମାନେ ଏହି ସହାୟତା ପାଇବେ। ନିର୍ବାଚନ ଆଚରଣ ବିଧି ଉଠିବା ପରେ ଝାରସୁଗୁଡାର ହିତାଧିକାରୀମାନଙ୍କୁ ଏହି ସହାୟତା ମିଳିବ। ସୂଚନାଯୋଗ୍ୟ ଯେ, ପ୍ରଥମ ପର୍ଯ୍ୟାୟରେ ହିତାଧିକାରୀ ମାନଙ୍କୁ ୮୩ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। କେନ୍ଦୁପତ୍ର ହିତାଧିକାରୀ ମାନେ, ଯେଉଁମାନେ କି ମୁଖ୍ୟତଃ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଅଟନ୍ତି, ସେମାନଙ୍କ ଜୀବନଧାରଣ ମାନର ଉନ୍ନତିରେ ଏହି ଘୋଷଣା ସହାୟକ ହେବ।

### ପଞ୍ଚାୟତରେ ...

ଆରଏନ୍ ପଲାଇ କହିଥିଲେ ଯେ ୫୪୫ କୋଟି ଟଙ୍କା ବିନିମୟରେ ୨୦,୦୦୦ କିମି ଦୀର୍ଘ ଅପ୍ଟିକାଲ ଫାଇବର କେବଲିଂ ମାଧ୍ୟମରେ ୧୩୨ଟି ବ୍ଲକ୍ ଅଧୀନରେ ଥିବା ୨୯୩୨ ଗ୍ରାମ ପଞ୍ଚାୟତକୁ ହାଇସ୍ପିଡ୍ ଇଣ୍ଟରନେଟ୍ ସେବା ଯୋଗାଇ ଦିଆଯିବ। ଯଦ୍ଦ୍ୱାରା ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକମାନେ ସହଜରେ ବ୍ୟାଙ୍କିଙ୍ଗ, କୃଷି, ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଥିବା ଗୁରୁତ୍ୱପୂର୍ଣ୍ଣ ଡିଜିଟାଲ ସେବା ପାଇପାରିବେ ବୋଲି କହିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ପ୍ରମୁଖ ସଚିବ ମନୋଜ କୁମାର ମିଶ୍ର, ଓପିଟିସିଏଲ୍ ନିର୍ଦ୍ଦେଶକ ବିବି ମେହେଟ୍ଟା, ଇ ଓ ଆଇଟି ବିଭାଗର ସ୍ୱତନ୍ତ୍ର ସଚିବ ମାନସ ରଞ୍ଜନ ପଣ୍ଡା, ଅତିରିକ୍ତ ମୁଖ୍ୟ ସଚିବ ତଥା ଓକାକ୍ ସିଇଓ ମନୋଜ ପଟ୍ଟନାୟକ, ଓକାକ୍ ଜେନେରାଲ ମ୍ୟାନେଜର ମଧୁମିତା ରଥ, ପ୍ରଶାସନିକ ଅଧିକାରୀ ପ୍ରବୋଧ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

### କୋଭିଡ୍ ଆଉ ...

ହ୍ରାସକୁ ଦେଖି ନିଆଯାଇଛି। ସ୍ୱାସ୍ଥ୍ୟ ସଂଗଠନ କହିଛି ଯେ କୋଭିଡର ଏତେ ବଡ଼ ପ୍ରଭାବ ପଡ଼ିଛି ଯେ ସ୍କୁଲଠୁ ନେଇ ଅଫିସ ପର୍ଯନ୍ତ ସବୁକିଛି ବନ୍ଦ ରହିଥିଲା। ଅନେକ ଲୋକ ଏହି ସମୟରେ ଉତ୍ତେଜନା ଏବଂ ଚିନ୍ତା ଦେଇ ଗତି କରିଥିଲେ। ଏହା ବିଶ୍ୱର ଅର୍ଥବ୍ୟବସ୍ଥାକୁ ମଧ୍ୟ ନଷ୍ଟ କରିଦେଇଛି। ଡବ୍ଲୁଏଚଓର ମହାନିର୍ଦ୍ଦେଶକ ଟେଡ୍ରୋସ କହିଛନ୍ତି ଯେ କରୋନାକୁ ବିଶ୍ୱ ମହାମାରୀରୁ ହଟାଇବାର ଏହା ଅର୍ଥ ନୁହେଁ ଯେ କରୋନା ସମାପ୍ତ ହୋଇଯାଇଛି। ଗତ ସପ୍ତାହରେ ହିଁ କୋଭିଡ ପ୍ରତି ତିନି ମିନଟରେ ଜଣଙ୍କ ଜୀବନ ନେଉଥିଲା। ଏବେ ବି ନୂଆ ଭାରିଆଣ୍ଟ ଆସୁଛି। ଏପରି ସ୍ଥିତିରେ ସତର୍କ ରହିବାର ଆବଶ୍ୟକତା ରହିଛି।

### କନ୍‌ସେନ୍‌ଟ୍ରିକ୍ସ ...

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖୁସି ବ୍ୟକ୍ତ କରିବାସହିତ କନ୍‌ସେନ୍‌ଟ୍ରିକ୍ସର କଷ୍ଟମର ଏକ୍ସପିରିଏନ୍ସ ସେଣ୍ଟର ଓଡ଼ିଶାର ସୂଚନା ଓ ପ୍ରଯୁକ୍ତିବିଦ୍ୟା ଅଭିବୃଦ୍ଧି କ୍ଷେତ୍ରରେ ଖୁବ ସାହାଯ୍ୟକାରୀ ହେବବୋଲି ଉଲ୍ଲେଖ କରିଥଲେ। କନ୍‌ସେନ୍‌ଟ୍ରିକ୍ସର ସମ୍ପ୍ରସାରଣରେ କନ୍‌ସେନ୍‌ଟ୍ରିକ୍ସର ଦ୍ରୁତ ଅଗ୍ରଗତି କାମନା କରିବା ସହ ଏହା ରାଜ୍ୟର ଯୁବକ-ଯୁବତୀମାନଙ୍କ ପାଇଁ ପ୍ରଯୁକ୍ତି ବିଦ୍ୟାକ୍ଷେତ୍ରରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ସେ ଆଶାପୋଷଣ କରିଥିଲେ। ପ୍ରାଥମିକ ପର୍ଯ୍ୟାୟରେ ୨୦୦୦ ପେଶାଦାର କର୍ମଚାରୀଙ୍କୁ ନେଇ ଆରମ୍ଭ କରାଯାଇଥିବା ଭୁବନେଶ୍ୱର କଷ୍ଟମର ଏକ୍ସପ୍ରିଏନ୍ସ ସେଣ୍ଟରର କର୍ମଚାରୀ ନିଯୋଜନ ୫୦୦୦କୁ ଯଥାଶୀଘ୍ର ବୃଦ୍ଧି କରିବା ଦିଗରେ ଓଡ଼ିଶା ସରକାର ସବୁମତେ ସାହାଯ୍ୟ ଓ ସହଯୋଗ ଯୋଗାଇ ଦେବେ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। ଏହି ଅବସରରେ ଭୁବନେଶ୍ୱର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଏବଂ କନ୍‌ସେନ୍‌ଟ୍ରିକ୍ସ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ଚୁକ୍ତିନାମା ମହିଳା ନିଯୁକ୍ତି ଏବଂ ସଶକ୍ତିକରଣ କ୍ଷେତ୍ରରେ ଦିଗବାରେଣୀ ସାବ୍ୟସ୍ତ ହେବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଆଶାବ୍ୟକ୍ତ କରିଥିଲେ। ପରିଶେଷରେ କନ୍‌ସେନ୍‌ଟ୍ରିକ୍ସର ପ୍ରମୁଖ କାର୍ଯ୍ୟକର୍ତ୍ତା ରବୀନ୍ଦ୍ର ସିଂ ରାଣ, ବରିଷ୍ଠ ଉପସଭାପତି, ରାଜ୍ୟ ସରକାରଙ୍କୁ ତାଙ୍କର ତ୍ୱରିତ ସହଯୋଗ ପାଇଁ ଧନ୍ୟବାଦ ଅର୍ପଣ କରିବା ସହିତ ଆଗାମୀ ଦିନରେ କନ୍‌ସେନ୍‌ଟ୍ରିକ୍ସ ଓଡ଼ିଶାରେ ତାହାର କ୍ଷିପ୍ର ସଂପ୍ରସାରଣ କରି ପେଶାଦାର କର୍ମଚାରୀ ନିୟୋଜନ ସଂଖ୍ୟା ୨୦୦୦ ରୁ ୫୦୦୦କୁ ଖୁବଶୀଘ୍ର ବୃଦ୍ଧି କରାଯିବ ବୋଲି ଘୋଷଣା କରିଥିଲେ। ଏହି କର୍ମଚାରୀମାନଙ୍କ ମଧ୍ୟରୁ ୫୦ ପ୍ରତିଶତ ମହିଳା କର୍ମଚାରୀ ନିୟୋଜିତ ହେବେବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଆଗାମୀଦିନରେ ପୂର୍ବଭାରତରେ ଭୁବନେଶ୍ୱର କେନ୍ଦ୍ରକୁ ସୂଚନା ପ୍ରଯୁକ୍ତି ବିଦ୍ୟାର ଏକ ପ୍ରମୁଖ କେନ୍ଦ୍ରରେ ପରିଣତ କରାଯିବ ବୋଲି ସେ ଆଶା ପ୍ରକାଶ କରିଥିଲେ।

# ନୂତନ ଅଧକ୍ଷଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



**ମାଲକାନଗିରି :** ମାଲକାନଗିରି ମହାବିଦ୍ୟାଳୟର ନୂତନ ଭାବେ କାର୍ଯ୍ୟଭାର ନେଇଥିବା ଅଧକ୍ଷ ଲିଙ୍ଗରାଜ ମିଶ୍ରଙ୍କୁ ମାଲକାନଗିରି ମହାବିଦ୍ୟାଳୟ ତରଫରୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ସଭାରେ ଅଧକ୍ଷ ଭାବରେ ଦିର୍ଘ ୫ବର୍ଷ ଧରି କାର୍ଯ୍ୟକୁ ଅତି ସୂଚାରୁରୂପେ ତୁଲାଇଥିବା ଅଶୋକ କୁମାର ଷଡଙ୍ଗୀଙ୍କ ସଭାପତିତ୍ୱରେ। ଶ୍ରୀଯୁକ୍ତ ମିଶ୍ରଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ଜିଲ୍ଲାର ସର୍ବପ୍ରାଚୀନ ମହାବିଦ୍ୟାଳୟକୁ ପ୍ରଗତି ପଥରେ ଆଗେଇ ନେବା ନିମନ୍ତେ, ସମସ୍ତଙ୍କ ସାହାଯ୍ୟ ଓ ସହଯୋଗ କାମନା କରିଛନ୍ତି। ଏହି ସଭାକୁ ଛାତ୍ର ସାଂସଦ ଉପଦେଷ୍ଟା ଡଃ. ରଞ୍ଜନ କୁମାର ସ୍ୱାଇଁ ଆୟୋଜନ କରିଥିବା ବେଳେ, ଇତିହାସ ବିଭାଗର ମୁଖ୍ୟ ନମିତା ଦଣ୍ଡସେନା ଉପସ୍ଥିତ ରହି, ସଭା ସଞ୍ଚାଳନରେ ସାହାଯ୍ୟ କରିଥିଲେ। ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ ଅଣଶିକ୍ଷକ କର୍ମଚାରୀଙ୍କ ଉପସ୍ଥିତିରେ ଏହି ସଭା ସମ୍ବର୍ଦ୍ଧିତ ହୋଇଥିଲା। ସର୍ବଶେଷରେ ଡଃ. ଗୋକୁଳାନନ୍ଦ ପାତ୍ର ଉପସ୍ଥିତ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ତାଳଦା ଉପନିର୍ବାଚନ; କାମ ଦେଲାନି ସୁରଙ୍କ ମନ୍ତ୍ରଣା

## ଗୋଟି ଖେଳିଲେ ପ୍ରତାପ, ବିଜେଡି ପ୍ରାର୍ଥୀ ଅମୀୟଙ୍କ ବାଜିମାତ



**ଅସ୍ତରଙ୍ଗ :** ଅସ୍ତରଙ୍ଗ ବ୍ଲକ ତାଳଦା ପଞ୍ଚାୟତରେ ଅନୁଷ୍ଠିତ ହୋଇଥିବା ସମିତି ସଭ୍ୟ ଉପନିର୍ବାଚନରେ ବିଜେଡି ସମର୍ଥିତ ପ୍ରାର୍ଥୀ ଅମୀୟ କୁମାର ସେଠୀ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦି ସୁକାନ୍ତ କୁମାର ସେଠୀଙ୍କୁ ୨୧୦ ଖଣ୍ଡ ଭୋଟ ବ୍ୟବଧାନରେ ଶୋଚନୀୟ ଭାବେ ପରାସ୍ତ କରି ବିଜୟ ଲାଭ କରିଛନ୍ତି। ଅମୀୟ ସେଠୀ ୧୬ ଟିୱାର୍ଡରେ ୧୫୩୭ ଖଣ୍ଡ ଭୋଟ ପାଇଥିବା ବେଳେ ସୁକାନ୍ତ ସେଠୀ ୧୩୨୭ ଖଣ୍ଡ ଭୋଟ ପାଇଥିଲେ। ନିରବଚ୍ଛିନ୍ନ ନିର୍ବାଚନ ପାଇଁ କ୍ରୀଡା ଓ ଗୃହ ରାଷ୍ଟ୍ର ମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ପୁରୀ ଜିଲ୍ଲା ପରିଷଦ ଉପାଦକ୍ଷ ସ୍ୱାଧୀନ କୁମାର ନାୟକ ପ୍ରଚାର ମଙ୍ଗ ଧରି ବିଜେଡି ଗଡକୁ ପୁନର୍ବାର ବଜାୟ ରଖିବା ପାଇଁ ଘରକୁ ଘର ବୁଲି ଭୋଟର ମାନଙ୍କୁ କରାୟତ କରି ରଖିଥିଲେ। ତାଳଦାବାସୀ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ନାଥ ନାୟକଙ୍କ ପୂର୍ବ ସମ୍ମାନ ରକ୍ଷା କରି ତାଙ୍କ ପ୍ରତିଶ୍ରୁତିକୁ ପାଳନ କରି ନବୀନଙ୍କ ସ୍ୱଚ୍ଛତାକୁ ବଜାୟ ରଖି ବିଜେଡି ପ୍ରଥୀଙ୍କୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। କଂଗ୍ରେସ, ବିଜେପି ଓ ମିଳିତ ମଞ୍ଚର ପ୍ରଥୀ ସୁକାନ୍ତ ସେଠୀଙ୍କୁ ଜିତାଇବା ପାଇଁ ତିନି ଦଳର ନେତାମାନେ ଡେରା ପକାଇ ସବୁ ପ୍ରକାର ଚେଷ୍ଟା ଚଳାଇଥିବା ବେଳେ ବିଜେଡିର ପୂର୍ବତନ ବିଧାୟକ ସୁର ସେଠୀଙ୍କ ଦଳ ବିରୋଧୀ ଗୁପ୍ତ ମନ୍ତ୍ରଣା କାମ ନ ଦେବା ଘଟଣା ଏବେ ଚର୍ଚ୍ଚା ଜୋର ଧରିଛି। ସୁର ସେଠୀ ବିଜେଡି ଦଳରେ ରହି ବିରୋଧୀ ମାନଙ୍କ ସହିତ ହାତ ମିଳାଇ ବିଜେଡି ପ୍ରଥୀଙ୍କୁ ହରାଇବା ପାଇଁ ଯେଉଁ ହୀନ ଚକ୍ରାନ୍ତ ରଚିଥିଲେ ତାହା ଫଳପ୍ରଦ ହୋଇପାରିଲା ନାହିଁ ବୋଲି ବିଜେଡି ବ୍ଲକ ସଭାପତି କେଦାର ନାଥ ବିଶ୍ୱାଳ ଗୁରୁତ୍ୱର ଅଭିଯୋଗ ଆଣିଛନ୍ତି। ଏ ସମ୍ପର୍କରେ ସମସ୍ତ ତଥ୍ୟ ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ଓ ପୁରୀ ଜିଲ୍ଲା ସଭାପତିଙ୍କୁ ଲିଖିତ ଭାବେ ପ୍ରଦାନ କରାଯିବ ବୋଲି ଗଣମାଧ୍ୟମକୁ ଶ୍ରୀ ବିଶ୍ୱାଳ ସୂଚନା ଦେଇଛନ୍ତି। ଅମୀୟଙ୍କ ବିଜୟକୁ ସମଗ୍ର ତାଳଦା ପଞ୍ଚାୟତରେ ବାଣ ଫୁଟାଇ ବିଜୟ ଉଲ୍ଲାସ ମନାଇଥିଲେ। ଅସ୍ତରଙ୍ଗ ବିଜେଡି କାର୍ଯ୍ୟାଳୟରେ ଅନୁରୂପ ଭାବେ ବିଜେଡି ରାଜ୍ୟ ସମ୍ପାଦକ ସ୍ୱାଧୀନ କୁମାର ନାୟକଙ୍କ ଉପସ୍ଥିତରେ ଶହ ଶହ ନେତା କର୍ମୀ ମାନେ ମିଠା ଖାଇ ଖୁସି ମନାଇବା ସହିତ ନବୀନ ପଟ୍ଟନାୟକଙ୍କଙ୍କୁ କୃତଜ୍ଞତା ଜଣାଇଥିଲେ। ତାଳଦାବାସୀ ବିଜୟର ଶ୍ରେୟ ମନ୍ତ୍ରୀ ଉପାଧକ୍ଷଙ୍କୁ ଦେବା ସହିତ ଅଭିନନ୍ଦନ ଜଣାଇଥିଲେ। ତାଳଦା ପଞ୍ଚାୟତ ମାଟିର ପୁଅ ବିଜେଡି ନେତା ପ୍ରତାପ ପରିଡ଼ାଙ୍କ ଗୋଟି ଚାଳନା ବିରୋଧୀ ଧରାଶାୟୀ କରିଛି ବୋଲି ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି।

# ପଥର ଉତ୍ତୋଳନ ବନ୍ଦକୁ ନେଇ ଆନ୍ଦୋଳନ

**ଯାଜପୁର:** ଧର୍ମଶାଳା ତହସିଲ ଅନ୍ତର୍ଗତ ସମ୍ପାରୁ ରାହଡପୁର ପାହାଡରେ ପଥର ଉତ୍ତୋଳନ ବନ୍ଦକୁ ନେଇ ବିରୋଧୀ ଦଳର ଆନ୍ଦୋଳନ ଜାରି ରହିଛି। ଅନ୍ୟପଟେ ପଥର ଉତ୍ତୋଳନ ଜାରି ରଖିବା ଏବଂ ବିରୋଧ କରୁଥିବା ଆନ୍ଦୋଳନକୁ ହଟାଇବାକୁ ଯାଇ ସପକ୍ଷବାଦୀ ତିବ୍ର ବିରୋଧ କରିଛନ୍ତି। ଗତ ବୁଧବାର ସକାଳ ୯ଟାରେ ସ୍ଥାନୀୟ ଅଞ୍ଚଳର ତିନିଶହରୁ ଉର୍ଦ୍ଧ୍ୱ ଲୋକମାନଙ୍କ ଏକଜୁଟ ହୋଇ ଖାଦାନ ଚାଲିବା ପାଇଁ ପାହାଡର ପାଦଦେଶରେ ଦରି ପକାଇ ଆନ୍ଦୋଳନ କରିବାର ଦେଖିବାକୁ ମିଳିଛି। ଘଟଣାରୁ ପ୍ରକାଶଥାଉ କି, ରାହଡପୁର ପାହାଡରୁ ଲିଜଧାରୀମାନେ ଧାର୍ଯ୍ୟ ଲିଜ୍ ଠାରୁ ଅଧିକ ପଥର ଉତ୍ତୋଳନ କରିବା ଓ ପଥର ଉତ୍ତୋଳନ କରିବା ପାଇଁ ଓ୍ୱାଗନ ବ୍ୟବହାର କରିବା ଏବଂ ଖାଦାନରେ ସ୍ଥାନୀୟ ଲୋକମାନଙ୍କୁ କାମ ନଦେବା ପ୍ରତିବାଦରେ ୨୦ରୁ ଉର୍ଦ୍ଧ୍ୱ ଲୋକ ଦୁଇ ଦିନ ଧରି ଧାରଣାରେ ବସିଛନ୍ତି। ଫଳରେ ଖାଦାନରେ କାମ ବନ୍ଦ କରିବା ସହିତ ଖାଦାନକୁ ଯାତାୟତ କରୁଥିବା ଗାଡିମାନ ବନ୍ଦ ରହିଛି।

# ଜିଲ୍ଲାସ୍ତରୀୟ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ପାଳିତ



**ଜଗତ୍‌ସିଂହପୁର:** ଜିଲ୍ଲା ସଂସ୍କୃତି ଭବନ ପରିସରରେ ଜିଲ୍ଲାସ୍ତରୀୟ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ପାରୁଲ ପଟୱାରୀ ଯୋଗଦେଇ କହିଥିଲେ ଯେ, ପ୍ରାଣୀ ସମ୍ପଦ ଜୀବନ ଓ ଜୀବିକା ସହିତ ଓତପ୍ରୋତ ଭାବେ ଜଡିତ। ପ୍ରାଣୀ ସମ୍ପଦର ବିକାଶ ଦିଗରେ ପ୍ରାଣୀ ଚିକିତ୍ସାକ ମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଜଗତସିଂହପୁର ଜିଲ୍ଲାରେ ପ୍ରାଣୀ ଚିକିତ୍ସକ ମାନଙ୍କ ବିଶେଷ ଅବଦାନ ଯୋଗୁଁ ଦୁଗ୍ଧ, ମାଂସ ଓ ଅଣ୍ଡା ଉତ୍ପାଦନ ଦିଗରେ ଏକ ଅଗ୍ରଣୀ ଭୂମିକା ନିଭାଉଛି। ଜିଲ୍ଲାରେ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ଯଥା ବନ୍ୟା, ବାତ୍ୟା ଭଳି ବିପର୍ଯ୍ୟୟ ସମୟରେ ପ୍ରାଣୀ ଚିକିତ୍ସକ ମାନଙ୍କ ଦ୍ୱାରା ଜରୁରୀକାଳୀନ ଗୋଖାଦ୍ୟ ଯୋଗାଣ ଓ ଟୀକାକରଣ ଆଦି କରାଯାଇ ପାରିଥାଏ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା.ବିରକିଶୋର ପରିଡା ସ୍ୱାଗତ ଭାଷଣ ପ୍ରଦାନ କରି ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ଏହି ଦିବସର ମୁଖ୍ୟ ବାର୍ତ୍ତା ହେଉଛି ଯେ, ପ୍ରାଣୀ ଚିକିତ୍ସା ବୃତ୍ତିରେ ବିଭିନ୍ନତା, ନିରପେକ୍ଷତା, ସମୂହତାର ବିକାଶ ନେଇ ପ୍ରୋତ୍ସାହିତ କରିବା। ପ୍ରାଣୀ ଚିକିତ୍ସା ସେବା ପାଇଁ ପ୍ରାଣୀ ଚିକିତ୍ସକମାନଙ୍କ ଅବଦାନ ଅତୁଳନୀୟ। ଏହି ଉତ୍ସବରେ ସମ୍ମାନୀତ ଅତିଥି ଭାବେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ମୁଖ୍ୟ ବିକାଶ ଅଧିକାରୀ ରୁଦ୍ରନାରାୟଣ ଦାଶ ଯୋଗଦେଇ ଗ୍ରାମାଂଚଳର ସାମାଜିକ ଓ ଆର୍ଥିକ ବିକାଶ ଧାରାରେ ପ୍ରାଣୀ ସମ୍ପଦ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବାରୁ ତାଙ୍କ ସେବାରେ ନିୟୋଜିତ ପ୍ରାଣୀ ଚିକିତ୍ସକମାନଙ୍କ କାର୍ଯ୍ୟକୁ ଦୃଢ ପ୍ରଶଂସା କରିଥିଲେ। ସେହିପରି ସମ୍ମାନୀତ ଅତିଥି ଭାବେ ଜିଲ୍ଲା ମୁଖ୍ୟଚିକିତ୍ସା ଅଧିକାରୀ ଡା.କ୍ଷେତ୍ରବାସୀ ଦାଶ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ନିରଞ୍ଜନ ମହାପାତ୍ର ଯୋଗଦେଇ ପ୍ରାଣୀଙ୍କ ସ୍ୱାସ୍ଥ୍ୟ ସହିତ ପ୍ରାଣୀ ଚିକିତ୍ସକ ମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱ ପୂର୍ଣ୍ଣ ବୋଲି କହିଥିଲେ। ଶେଷରେ ଜିଲ୍ଲାପାଳ ସମସ୍ତ ପ୍ରାଣୀଚିକିତ୍ସକ ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ପ୍ରାଣୀ ଚିକିତ୍ସକମାନେ ଜିଲ୍ଲା ପ୍ରାଣୀ ଚିକିତ୍ସାଳୟ କାର୍ଯ୍ୟାଳୟଠୁ ଆରମ୍ଭ କରି ଜିଲ୍ଲା ସଂସ୍କୃତି ଭବନ ପର୍ଯ୍ୟନ୍ତ ପରିଭ୍ରମଣ କରିଥିଲେ। ବିଶ୍ୱ ପ୍ରାଣୀ ଚିକିତ୍ସା ପାଳନ ନେଇ ବିଭିନ୍ନ ସ୍ଲୋଗାନ୍, ପ୍ଲାକାଡ ଓ ବ୍ୟାନର ଆଦି ପ୍ରଦର୍ଶନ ମାଧ୍ୟମରେ ବ୍ୟାପକ ଜନସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିଲା। ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଯଦୁନାଥ ପରିଡା ଧନ୍ୟବାଦ ଅର୍ପଣ କରି ସଭାଶେଷ କରିଥିଲେ।

# କେନ୍ଦୁପଲ୍ଲୀ ଗ୍ରାମରେ ଅଷ୍ଟମ ପ୍ରହରୀ ନାମଯଜ୍ଞ ଓ ସାଂସ୍କୃତିକ କାର୍ଯ୍ୟକ୍ରମ



**ଗଣିଆ :** ପବିତ୍ର ଚନ୍ଦନ ପୂର୍ଣ୍ଣିମା ଓ ବୁଦ୍ଧଦେବଙ୍କ ଜନ୍ମ ଦିନରେ ରାସଙ୍ଗ ଗ୍ରାମ ପଞ୍ଚାୟତର କେନ୍ଦୁପଲ୍ଲୀ ଗ୍ରାମରେ ଅଷ୍ଟମ ପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲା ବେଳେ ସମ୍ମାନିତ ଅତିଥି ଭାବେ ରାସଙ୍ଗ ଗ୍ରାମ ପଞ୍ଚାୟତର ସରପଞ୍ଚ ମାନସ କୁମାର ମହାକୁଡ, ଗଣିଆ ଗ୍ରାମ ପଞ୍ଚାୟତର ସରପଞ୍ଚ ଗିରିଧାରୀ ସେଠୀ, ରାସଙ୍ଗ ଗ୍ରାମ ପଞ୍ଚାୟତର ସମିତି ସଭ୍ୟାଙ୍କ ପ୍ରତିନିଧି ସନାତନ ସାହୁ, ଗ୍ରାମର ସଭାପତି ଓ ୱାର୍ଡମେମ୍ବର ଯୋଗଦାନ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଭଳି କାର୍ଯ୍ୟକ୍ରମ ସ୍ଥାନୀୟ ଅଞ୍ଚଳରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା।



# ସମ୍ବାଦପତ୍ର, ସାମ୍ବାଦିକ ଓ ମହାତ୍ମା

ଅକ୍ଷୟ କୁମାର ରାଉତ





ସମ୍ବାଦପତ୍ର ଆଧୁନିକ ସଭ୍ୟତାର ଏକ ପ୍ରଧାନ ଅଙ୍ଗ, ପ୍ରତିଦିନ ପୃଥିବୀର ବିଭିନ୍ନ ସ୍ଥାନରେ ନାନା ଘଟଣା ଘଟୁଛି। ସେ ବନ୍ୟା କି ମରୁଡ଼ି, ଯୁଦ୍ଧ କି ଶାନ୍ତି, ବିଜ୍ଞାନ କି ଦର୍ଶନ, ଦୁଃଖ କି ସୁଖ, ଗଣତନ୍ତ୍ର କି ରାଜତନ୍ତ୍ର, ସାମ୍ୟବାଦ କି ପୁଞ୍ଜିବାଦ, ଏକଛତ୍ରବାଦ କି ସାମରିକ ଶାସନ, ରାଜନୈତିକ ପତନ କି ଉଥାନ ଏ ସବୁ ବିବରଣୀ ଲୋକମାନଙ୍କ ପାଖରେ ପହଁଚାଇବାର କାର୍ଯ୍ୟ ସାମ୍ବାଦିକମାନେ ସମ୍ବାଦପତ୍ର, ବେତାର ଓ ଦୂରଦର୍ଶନ ମାଧ୍ୟମରେ ପ୍ରକାଶ କରିଥାଆନ୍ତି। ଭାରତବର୍ଷ ଓ ଅନ୍ୟାନ୍ୟ ପ୍ରାଚ୍ୟ ଦେଶଗୁଡ଼ିକଠାରୁ ପାଶ୍ଚାତ୍ୟ ଦେଶରେ ସମ୍ବାଦପତ୍ର ପାଠକଙ୍କ ସଂଖ୍ୟା ବହୁତ ବେଶୀ।

ସମ୍ବାଦ ବା ଖବରକୁ ନ୍ୟୁଜ୍ କୁହାଯାଏ। ଏହି ଶବ୍ଦର ଅକ୍ଷରଗୁଡ଼ିକୁ ଲକ୍ଷ୍ୟକଲେ ଚାରି ଦିଗର ସଙ୍କେତ ବୁଝାପଡେ। 'ଏନ୍' ଅକ୍ଷରଟି ନର୍ଥ ବା ଉତ୍ତର ଦିଗ, 'ଇ' ଅକ୍ଷରଟି ଇଷ୍ଟ ବା ପୂର୍ବ ଦିଗର ପ୍ରତୀକ, 'ଡବ୍ଲ୍ୟୁ' ବର୍ଣ୍ଣଟି ପଶ୍ଚିମ ଦିଗ ବା ୱେଷ୍ଟ ବୁଝାପଡେ। ସେହିପରି ଦକ୍ଷିଣ ଦିଗ ସ୍ଥାନରେ ଏସ୍ ବା ସାଉଥ୍‌କୁ ବୁଝାଯାଏ। ଏଥିରୁ ସ୍ପଷ୍ଟ ଅନୁମେୟ ଚାରିଦିଗର କଥା ସମ୍ବାଦପତ୍ର ମାଧ୍ୟମରେ 'ଖବର' ରୂପେ ପ୍ରକାଶ ପାଏ।

ଆଧୁନିକ ଯୁଗରେ ସମ୍ବାଦପତ୍ର ପାଠ କରିବା ବହୁ ବ୍ୟକ୍ତିଙ୍କର ଅଭ୍ୟାସରେ ପରିଣତ ହୋଇପଡିଛି। ଚା, ପାନ ପରି ସମ୍ବାଦପତ୍ର ପଢ଼ିବା ଏକ ନିଶାରେ ପରିଣତ ହୋଇଅଛି। ନିଶା ଦ୍ରବ୍ୟ ସେବନ କ୍ଷତିକାରକ କିନ୍ତୁ ସମ୍ବାଦପତ୍ର ପାଠ ଲୋକମାନଙ୍କର ହିତ ସାଧନ କରେ। କୃଷକମାନେ କୃଷି ସମ୍ବନ୍ଧରେ ଓ କ୍ରୀଡାପ୍ରେମୀମାନେ କ୍ରୀଡା ବିଷୟରେ ଆବଶ୍ୟକ ବିବରଣୀ ପାଇପାରନ୍ତି। ଛାତ୍ରମାନେ ଜ୍ଞାନ ଆହରଣ କରିବା ସଙ୍ଗେସଙ୍ଗେ ପରୀକ୍ଷା ସମ୍ପର୍କରେ ବିଭିନ୍ନ କଥା ଅବଗତ ହୋଇଥାଆନ୍ତି। ପାଠକ ପାଠିକା ସାହିତ୍ୟ ପ୍ରେମୀମାନେ ଗଳ୍ପ, କବିତା, ପ୍ରବନ୍ଧ ଆଲୋଚନା ଆଦି ପାଠ କରିବା ଓ ଜାଣିବାର ସୁଯୋଗ ପାଇଥାଆନ୍ତି। ସମସ୍ତ ଜୀବଜଗତର ସୁରକ୍ଷା ଓ ସ୍ୱାଧୀନତାର ରକ୍ଷା ସମ୍ବାଦପତ୍ର ଓ ସାମ୍ବାଦିକଙ୍କ ଉପରେ ପଡିଥାଏ। ରାଜତନ୍ତ୍ରର ରାଜା ଓ ଗଣତନ୍ତ୍ରର ଲୋକ ପ୍ରତିନିଧିମାନଙ୍କର କାର୍ଯ୍ୟକଳାପ ଉପରେ ସାମ୍ବାଦିକମାନେ ନଜର ରଖିଥାଆନ୍ତି। ଶାସନ କର୍ତ୍ତୃପକ୍ଷ, ରାଜନୀତିଜ୍ଞ ଓ ସର୍ବସାଧାରଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତିଗଣ ଏବଂ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ସମ୍ବାଦପତ୍ର ଓ ସାମ୍ବାଦିକମାନେ ଦେଇଥିବା ଜନମତ ଦ୍ୱାରା ନିଜ ନିଜର ତ୍ରୁଟି ବୁଝି ପାରି ନିଜେ ନିଜକୁ ସଂଶୋଧିତ କରିଥାଆନ୍ତି। କିନ୍ତୁ ଅସଲ କଥାଟି ହେଉଛି ସାମ୍ବାଦିକ ଗଣମାଧ୍ୟମର ଅଂଶ ସିନା, ଏହାର ମାଲିକାନା ଅନ୍ୟ କାହା ପାଖରେ ଥାଏ। କିଛି ସାମ୍ବାଦିକ ଦରମା ପାଇଥାଆନ୍ତି ତ ଆଉ କିଛି ମାଗଣା ଖଟନ୍ତି। ସକାଳ ସମୟରେ ବିତରକ ତ ସନ୍ଧ୍ୟାରେ ସାମ୍ବାଦିକ। ସକାଳ ଚାକିରି ସଞ୍ଜକୁ ନାହିଁ। ସାମ୍ବାଦିକତା ମାଲିକାନାର ଏକ ସଖୀ କଣ୍ଢେଇ ପାଲଟିଥାଏ। ଏଇତ ଆମର ବିଡମ୍ବନା ଚତୁର୍ଥ ସ୍ତମ୍ଭ ନିମ୍ନଗାମୀ କିନ୍ତୁ ଅନ୍ୟ ତିନୋଟି ସ୍ତମ୍ଭ ଯଥା - ବିଧାନ ପାଳିକା, କାର୍ଯ୍ୟ ପାଳିକା, ନ୍ୟାୟ ପାଳିକା ବିଳାସବ୍ୟସନରେ ବିମଣ୍ଡିତ ହୋଇଥାଏ। ସାମ୍ବାଦିକଟି ଶୋଷିତ ହୁଏ, ତାର ଆକୁଳତାକୁ କେହି ବୁଝନ୍ତିନି। କେଉଁଠି ଦାରିଦ୍ର୍ୟର କଷାଘାତରେ ପେଷି ହୋଇ ରୋଗ, ଶୋକ ଓ ମୃତ୍ୟୁକୁ ଆଦରି ନିଏ। ସବୁ ଶାସନତନ୍ତ୍ରରେ ଅସହାୟା ଦ୍ରୌପଦୀକୁ ଯନ୍ତ୍ରଣା ଦେଇ ପାଶବିକ କ୍ଷୁଧା ମେଣ୍ଟାନ୍ତି ଦୁର୍ଯ୍ୟୋଧନମାନେ, କେଉଁଠି ସାଧାରଣ ଜନତା ଛଳନାର ଶିକାର ହୁଏ ମୃତ୍ୟୁକୁ ସାମ୍ନା କରେ ଜଉଘରେ। କେଉଁଠି ପିଲା ବିକ୍ରି ତ କେଉଁଠି ମାଦକଦ୍ରବ୍ୟ ସାଙ୍ଗରେ ରାଜନୈତିକ ହିଂସା, ଏସବୁର ଦରଦୀ ବନ୍ଧୁଟିଏ ହେଉଛି ଗଣମାଧ୍ୟମ। ଯିଏ ଅହରହ ଜନତାଙ୍କ ପାଖରେ ରହି ଗଣତନ୍ତ୍ରର ମୂଲ୍ୟବୋଧକୁ ବଞ୍ଚାଇବାକୁ ଚେଷ୍ଟାକରେ, ଯାହାର ମସୀ ଅସୀ ଠାରୁ ବଳିୟାନ ହୋଇଉଠେ ସେ ସାମ୍ବାଦିକ ହେଉଛି ସମାଜ ଓ ଜୀବଜଗତର ଜାଗ୍ରତ ପ୍ରହରୀ।

ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମର ଉତ୍ତର ଦାୟିତ୍ୱ ସବୁଠାରୁ ବେଶୀ। ବର୍ତ୍ତମାନ ଯୁଗରେ ସମ୍ବାଦ ଓ ସାମ୍ବାଦିକତାର ଗୁରୁତ୍ୱ ଯଥେଷ୍ଟ। ସମୟ ଥିଲା ପ୍ରସ୍ତର ଯୁଗରେ ମନୁଷ୍ୟ ତାର ଲିପି ପଥର ଉପରେ ଖୋଦିତ କରୁଥିଲା, କ୍ରମେ ତାଳପତ୍ର ଓ ଭୂଜପତ୍ରରେ ସାହିତ୍ୟ ଓ ସଂସ୍କୃତି ସଂରକ୍ଷଣର ଏକମାତ୍ର ମାଧ୍ୟମ ପାଲଟିଥିଲା। ମୁଦ୍ରଣ ଯନ୍ତ୍ରର ପରିକଳ୍ପନା ପରେ ଭାରତବର୍ଷରେ ଛାପା କାର୍ଯ୍ୟ ଆରମ୍ଭ ହେଲା। ପ୍ରଥମ ସମ୍ବାଦପତ୍ର ଭାବେ ୧୭୮୦ ଖ୍ରୀ.ଅ.ରେ 'ଦି ବେଙ୍ଗଲ ଗେଜେଟ' ପ୍ରକାଶ ପାଇଲା। ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଅୟଆରମ୍ଭରେ ସମ୍ବାଦପତ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ୧୯୧୯ରୁ ୧୯୪୭ ମଧ୍ୟବର୍ତ୍ତୀ ସମୟରେ ଭାରତୀୟ ସମ୍ବାଦପତ୍ର ମହାତ୍ମା ଗାନ୍ଧିଙ୍କ ଲେଖନି ଦ୍ୱାରା ସମୃଦ୍ଧ ହୋଇ ସମାଜରେ ଏକ ପରିବର୍ତ୍ତନ ଆଣିଦେଲା। ଗାନ୍ଧିଙ୍କ ଦ୍ୱାରା ଲୋକମାନେ ପ୍ରଭାବିତ ହେଲେ ଫଳରେ ରାଜନୈତିକ ଓ ସାମାଜିକ କ୍ଷେତ୍ରରେ ଯୁଗାନ୍ତକାରୀ ପରିବର୍ତ୍ତନ ଘଟିଲା। ଗାନ୍ଧୀଜୀ ପାଞ୍ଚଟି ସମ୍ବାଦପତ୍ର ବା ପତ୍ରିକାର ପ୍ରତିଷ୍ଠାତା ସମ୍ପାଦକ ଥିଲେ। ପରୋକ୍ଷ ଭାବରେ ଗାନ୍ଧୀଜୀ ଅଧିକାଂଶ ଭାରତୀୟ ସମ୍ବାଦପତ୍ର ସହ ଜଡ଼ିତ ଥିଲେ। 'ଇଣ୍ଡିଆନ୍ ଓପିନିୟନ' ଖବରକାଗଜ ଓ 'ୟଙ୍ଗ୍ ଇଣ୍ଡିଆ' ଏବଂ ନବଜୀବନ ପତ୍ରିକାର ପରିଚାଳନାର ଭାର ଗ୍ରହଣ କଲାପରେ ଗାନ୍ଧୀଜୀ ଲୋକମାନଙ୍କୁ ସତ୍ୟାଗ୍ରହ ବିଷୟରେ ଶିକ୍ଷା ଦେଲେ। ୟଙ୍ଗ ଇଣ୍ଡିଆରେ ପ୍ରକାଶିତ କେତୋଟି ପ୍ରବନ୍ଧ ସରକାର ବିରୋଧୀ ଥିବାରୁ ଗାନ୍ଧୀଜୀଙ୍କୁ ୬ ବର୍ଷ ଜେଲ୍ ଯିବାକୁ ପଡିଥିଲା। ଗାନ୍ଧୀଙ୍କର ଲେଖା ପ୍ରକାଶ କରିବା ପାଇଁ ବିଦେଶୀ ଓ ଦେଶୀୟ ସମ୍ବାଦପତ୍ର ଗୁଡ଼ିକ ମଧ୍ୟରେ ପ୍ରତିଯୋଗିତା ଲାଗୁଥିଲା। ଗାନ୍ଧୀଜୀ ସର୍ବଦା କହୁଥିଲେ ସମ୍ବାଦପତ୍ର ଗୁଡ଼ିକ ସର୍ବଦା ନିର୍ଭୀକ ଓ ସତ୍ୟ ସମ୍ବାଦ ପରିବେଷଣ କରିବା ଉଚିତ୍। ୧୯୩୨ରେ ସେ ଜେଲ୍‌ରେ ଥିବା ସମୟରେ 'ହରିଜନ' ପତ୍ରିକାର ଆରମ୍ଭ କରିଥିଲେ। ଦଳିତମାନଙ୍କର ଅଧିକାର ଓ ସାମାଜିକ ସଂସ୍କାର ପାଇଁ ଏହି 'ହରିଜନ' ପତ୍ରିକାକୁ ଆୟୁଦ୍ଧ ରୂପେ ବ୍ୟବହାର କରିଥିଲେ। ଗାନ୍ଧୀଜୀ ଯେଉଁ ନିତୀ ନିୟମରେ ସାମ୍ବାଦିକତା ଓ ସମ୍ପାଦନା କରୁଥିଲେ ତାହା ବର୍ତ୍ତମାନ ଯୁଗରେ ସମ୍ଭବ ନୁହେଁ। ସମ୍ବାଦପତ୍ର ଏକ ମଙ୍ଗଳକାରୀ ଶକ୍ତି। ତାହା ସର୍ବଦା ଜୀବଜଗତର ହିତ ପାଇଁ। ଯଦି ସମ୍ବାଦପତ୍ର ଅଯୋଗ୍ୟ ହାତରେ ନିୟନ୍ତ୍ରିତ ହୁଏ, ତାହା ସମାଜର କ୍ଷତିସାଧନ କରେ।

ଓଡିଆ ଭାଷାର ପ୍ରଥମ ପତ୍ରିକା 'ଜ୍ଞାନରୁଣ' ତାପରେ 'ସରକାରୀ ଗେଜେଟ୍'। ୧୮୫୬ରେ ପ୍ରକାଶ ପାଇଲା ପ୍ରବୋଧ ଚନ୍ଦ୍ରିକା। ତାହା ପ୍ରକୃତରେ ଥିଲା ଓଡିଆ ଭାଷାର ପ୍ରଥମ ସାହିତ୍ୟ ପତ୍ରିକା। ୧୮୬୬ ମସିହାରେ ନଅଙ୍କ ଦୁର୍ଭିକ୍ଷ ସମୟରେ ଜନ୍ମ ନେଲା ସ୍ୱଦେଶୀ ପତ୍ରିକା 'ଉତ୍କଳ ଦୀପିକା'। ଯାହାର ପ୍ରତିଷ୍ଠାତା ସଂପାଦକ ଥିଲେ କର୍ମବୀର ଗୌରୀଶଙ୍କର ରାୟ। ଏହି ଠାରୁ ଆରମ୍ଭ ହେଲା ଓଡିଆ ଭାଷା ସାହିତ୍ୟ ସଂସ୍କୃତିର ଅଗ୍ରଗତି ପାଇଁ ପ୍ରାଥମିକ ଉଦ୍ୟମ। ବଙ୍ଗଳା ଭାଷାର ପ୍ରାବଲ୍ୟ ଯୋଗୁ ଆରମ୍ଭ ହୋଇଗଲା ଓଡିଆ ଭାଷାକୁ ସଂପୂର୍ଣ୍ଣ ବିଲୋପ କରିଦେବାର ଜଘନ୍ୟ ଷଡଯନ୍ତ୍ର। ଏହି ସମୟରେ ଫକୀର ମୋହନଙ୍କ 'ବୋଧଦାୟିନୀ' ଓ 'ବାଲେଶ୍ୱର ସମ୍ବାଦ ବାହିକା'। ଓଡିଆ ଭାଷାର ସୁରକ୍ଷା ପାଇଁ ଏହି ପତ୍ରିକା ଥିଲା ଆଲୋକ ବର୍ତ୍ତିକା।

ସମ୍ବାଦପତ୍ର ହେଉଛି ଦେଶ ଓ ସମାଜ ଗଢ଼ିବାର ଏକ ଦୁର୍ବାର ଅମୋଘ ଅସ୍ତ୍ର। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ତାର ଯଥାର୍ଥ ଉପଯୋଗିତାକୁ ବିନିଯୋଗ କଲେ ଦେଶ, ଜାତି ଓ ବିଶ୍ୱର ସମାଜ କଲ୍ୟାଣ ସାଧିତ ହେବ। ସୁସ୍ଥ ସମାଜ ତଥା ଉନ୍ନତ ରାଷ୍ଟ୍ର ଗଠନରେ ସମ୍ବାଦପତ୍ର ଓ ସାମ୍ବାଦିକଙ୍କ ଭୂମିକା ଯେ ସ୍ୱତନ୍ତ୍ର ଏହା ସ୍ୱୀକାର୍ଯ୍ୟ।

*ପାରାଦ୍ୱୀପଗଡ, କୁଜଙ୍ଗ, ଜଗତ୍‌ସିଂହପୁର*
*ମୋ.ନଂ. - ୯୯୩୭୬୯୧୪୭୫*



### ଏନ୍‌ଓସି ପ୍ରଦାନ କଲା ଏନ୍‌ଏମ୍‌ଏ

## ଶ୍ରୀମନ୍ଦିରର ନିୟନ୍ତ୍ରିତ ଅଞ୍ଚଳରେ ହେବ ଅଭ୍ୟର୍ଥନା କକ୍ଷ

**ପୁରୀ :** ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ଅଫିସ୍ କୋଠା ନିର୍ମାଣ ପାଇଁ ଜାତୀୟ ଏତିହ୍ୟ ପ୍ରାଧିକରଣ(ଏନଏମଏ) ଅନୁମତି ଦେଇଛନ୍ତି। ତେବେ ଏନଏମଏ ଅନୁମୋଦିତ ପ୍ଲାନ୍ ବା ଢ଼ାଞ୍ଚାରେ ସମସ୍ତ ନିର୍ମାଣ କାର୍ଯ୍ୟ କରିବା ନିମନ୍ତେ କହିବା ସହ ଏହାର ତଦାରଖ ପାଇଁ ରାଜ୍ୟ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଓ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ(ଏଏସଆଇ) ଅଧୀକ୍ଷକଙ୍କୁ ପରାମର୍ଶ ଦିଆଯାଇଛି। ଏହି ତିନି ମହଲା କୋଠା(ଜି+୧)ର ଉଚ୍ଚତାକୁ ନେଇ ସମସ୍ୟା ରହିଥିଲା, ଯାହା ଦୂର ହୋଇଥିବା କୁହାଯାଉଛି। ଜାତୀୟ ଏତିହ୍ୟ ପ୍ରାଧିକରଣ ତାଙ୍କର ୩୬୧ତମ ବୈଠକରେ ରେଗୁଲେଟେଡ୍ ଏରିଆ (ନିୟନ୍ତ୍ରିତ ଅଞ୍ଚଳ) ପରିସରରେ ପୁରୀ ଶ୍ରୀମନ୍ଦିର ପ୍ରଶାସନିକ ଅଫିସ କୋଠା ନିର୍ମାଣ ପାଇଁ ସମ୍ମତି ଦେଇଥିଲେ, କିନ୍ତୁ କୋଠାର ଉଚ୍ଚତା ୭.୫ ମିଟରରୁ ଅଧିକ କରିବା ଉପରେ ଆପତ୍ତି ଉଠାଇଥିଲେ। ଯାହାକୁ ଦୃଷ୍ଟିରେ ରଖି ରାଜ୍ୟ ସଂସ୍କୃତି ନିର୍ଦ୍ଦେଶକ ଗତ ଏପ୍ରିଲ ୭ତାରିଖରେ ଏନଏଏମଠାରୁ ଅନୁମତି ଲୋଡ଼ିଥିଲେ। କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଅଧୀନରେ ଥିବା ଜାତୀୟ ଏତିହ୍ୟ ପ୍ରାଧିକରଣର ଅନୁସଚିବ ମନୀଷ ବାଗୋଇ ଗତ ଏପ୍ରିଲ ୨୫ତାରିଖରେ ରାଜ୍ୟ ସଂସ୍କୃତି ନିର୍ଦ୍ଦେଶକ ତଥା ଏନଏମଏ ନୋଡାଲ ଅଫିସରଙ୍କୁ ଚିଠି ଲେଖି ଆମସାର ଆକ୍ଟ-୧୯୫୮ର ପ୍ରାବଧାନ ଅନ୍ତର୍ଗତ ଶ୍ରୀଜଗନ୍ନାଥ ମନ୍ଦିରର ରେଗୁଲେଟେଡ୍ ଏରିଆ(୨୦୦ମିଟର ପରିସର ପର୍ଯ୍ୟନ୍ତ) ମଧ୍ୟରେ ଏହି ଅଫିସ୍ କୋଠା ନିର୍ମାଣ କରିବାକୁ ଅନୁମତି ଦେଇଥିବା ଜଣାପଡ଼ିଛି। ୨୦୨୨ ଡିସେମ୍ବର ମାସରେ ଏନଏମଏର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ପୁରୀ ଗସ୍ତରେ ଯାଇ ଐତିହ୍ୟ କରିଡର ଓ ଅନ୍ୟାନ୍ୟ ପ୍ରକଳ୍ପର ଅନୁଧାନ କରିଥିଲେ। ରାଜ୍ୟ ସରକାରଙ୍କ ଅନୁରୋଧରେ ଏନଏମଏ ଅଧ୍ୟକ୍ଷ କିଶୋର କେ ବାସାଙ୍କ ନେତୃତ୍ୱରେ ଆସିଥିବା ଟିମ୍ ଶ୍ରୀମନ୍ଦିର ପ୍ରଶାସନିକ କାର୍ଯ୍ୟାଳୟ କୋଠାର ଉଚ୍ଚତାକୁ ନେଇ ଆପତ୍ତି ଉଠାଇବା ସହ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ଦେବାକୁ କହିଥିଲେ। ଶ୍ରୀମନ୍ଦିର ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ଦ୍ୱାରା ଏହି ଅଫିସ କୋଠାର ଉଚ୍ଚତା ୧୩ମିଟର କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ସୂଚନାଯୋଗ୍ୟ, ଶ୍ରୀଜଗନ୍ନାଥ ମନ୍ଦିରଠୁ ୧୦୧.୫୦ମିଟର ଦୂରତ୍ୱରେ ନିର୍ମାଣ ହେଉଥିବା ଏହି ଅଫିସ କୋଠାର ଅଣ୍ଡରଗ୍ରାଉଣ୍ଡ ଫ୍ଲୋରରେ ୧୪୩ବର୍ଗମିଟର, ଗ୍ରାଉଣ୍ଡ ଫ୍ଲୋରରେ ୧୩୬୫ବର୍ଗମିଟର ଓ ପ୍ରଥମ ମହଲାରେ ୧୩୦୫ବର୍ଗମିଟର ପରିମିତ ନିର୍ମାଣ ହେବ ବୋଲି ଜଣାପଡ଼ିଛି। ତେବେ ଏହାର ଉଚ୍ଚତା ସାଢ଼େ ୭ମିଟର ମଧ୍ୟରେ ରହିଲା ନା ସେଥିରେ ବୃଦ୍ଧି ହୋଇଛି, ତାହା ଜଣାପଡ଼ିନି। ୨୦୨୨ ସେପ୍ଟେମ୍ବର ୯ତାରିଖରେ ଏନଏମଏ କର୍ତ୍ତୃପକ୍ଷଙ୍କ ୩୬୧ତମ ବୈଠକରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନିକ କୋଠାର ନିର୍ମାଣ କାର୍ଯ୍ୟ ରେଗୁଲେଟେଡ୍ ଏରିଆ ମଧ୍ୟରେ କରିବା ପାଇଁ ଅନୁମତି ଦିଆଯାଇଥିଲେ ମଧ୍ୟ ଏହି କୋଠାର ଉଚ୍ଚତାକୁ ୭.୫ମିଟରରୁ ଅଧିକ ହେବା ଉପରେ କଟକଣା ଜାରି ହୋଇଥିଲା।

### ଏପ୍ରିଲରେ ୫୦୩୬ କୋଟି ଟଙ୍କାର ଜିଏସ୍‌ଟି ଆଦାୟ

## ଓଡ଼ିଶାରେ ସର୍ବକାଳୀନ ସଂଗ୍ରହ

**ଭୁବନେଶ୍ୱର :** ୨୦୨୩-୨୪ ଆର୍ଥିକ ବର୍ଷର ପ୍ରଥମ ମାସ ଅର୍ଥାତ୍ ଏପ୍ରିଲରେ ଜିଏସଟି ବାବଦରେ ଓଡ଼ିଶା ୫୦୩୫.୭୪କୋଟି ଟଙ୍କା ସଂଗ୍ରହ କରିଛି, ଯାହାକି ସର୍ବକାଳୀନ ସର୍ବାଧିକ ସଂଗ୍ରହ ବୋଲି ଜିଏସଟି ଓ ବାଣିଜ୍ୟକର କମିଶନର ସଞ୍ଜୟ ସିଂ ସୂଚନା ଦେଇଛନ୍ତି। ତେବେ ୨୦୨୨-୨୩ ଆର୍ଥିକ ବର୍ଷର ଏପ୍ରିଲ ମାସରେ ଏହି ମୋଟ୍ ଜିଏସଟି ପରିମାଣ ୪୯୧୦.୨୩ କୋଟି ଟଙ୍କା ଥିଲା। ଚଳିତ ଆର୍ଥିକ ବର୍ଷରେ ଏଥିରେ ମାତ୍ର ୧୨୫.୫୦ କୋଟି ଟଙ୍କା ବୃଦ୍ଧି ହୋଇଛି। ଜିଏସଟି କମିଶନରଙ୍କ ପକ୍ଷରୁ ଜାରି ସୂଚନା ଅନୁସାରେ ରାଜ୍ୟ ଜିଏସଟି ଓ ସମନ୍ୱିତ ଜିଏସଟି ଫଇସଲା ବାବଦକୁ ୨୦୨୩ ଏପ୍ରିଲ ମାସରେ ଓଡ଼ିଶାକୁ ମିଳିବାକୁ ଥିବା ଜିଏସଟି ସଂଗ୍ରହ ପରିମାଣ ୨୩୯୫.୧୭କୋଟି ଟଙ୍କା ଥିବାବେଳେ ଗତବର୍ଷର ଏପ୍ରିଲ ମାସର ସଂଗ୍ରହ ରାଶି ୧୬୮୦କୋଟି ଟଙ୍କା ରହିଥିଲା। ସେବା କ୍ଷେତ୍ରରେ ଅଭିବୃଦ୍ଧି ଓ କିଛି ମାତ୍ରାରେ କାରବାର କ୍ଷେତ୍ର ଯୋଗୁ ଏହି ବୃଦ୍ଧି ହୋଇଛି। ସେହିପରି ଏପ୍ରିଲ ମାସରେ ପେଟ୍ରୋଲ ଓ ମଦରୁ ୨୬୪.୪୨କୋଟି ଟଙ୍କାର ଭ୍ୟାଟ୍ ରାଜସ୍ୱ ସଂଗ୍ରହ ହୋଇଛି। ଗତବର୍ଷ ଏପ୍ରିଲ ମାସରେ ଏହା ୨୩୨.୯୨କୋଟି ଟଙ୍କା ଥିଲା। ଗତବର୍ଷ ତୁଳନାରେ ୧୩.୫୨% ଅଧିକ ରାଜସ୍ୱ ସଂଗ୍ରହ ହୋଇଛି। ଚଳିତବର୍ଷ ଏପ୍ରିଲ ମାସରେ ରାଜ୍ୟ ବାଣିଜ୍ୟକର ଓ ଜିଏସଟି ବିଭାଗ ଦ୍ୱାରା ସଂଗ୍ରହ କରାଯାଇଥିବା ବିଭିନ୍ନ ଟିକସ ଓ ଜିଏସଟିରେ ମିଶିଥିବା ସମସ୍ତ ଟିକସର ବକେୟା ରାଶି ସଂଗ୍ରହ କ୍ଷେତ୍ରରେ ଗତବର୍ଷ ତୁଳନାରେ ୩୬.୭୦ ପ୍ରତିଶତ ଅଭିବୃଦ୍ଧି ହେବା ସହ ଏଥିପିରେ ୨୬୬୧.୯୨କୋଟି ଟଙ୍କା ସଂଗ୍ରହ ହୋଇଛି। ସେହିପରି ଇ-ୱେବିଲ୍ ବାବଦରେ ୧୫.୧୨ ପ୍ରତିଶତ ଅଭିବୃଦ୍ଧି ହୋଇଛି। ୨୦୨୩ ଏପ୍ରିଲ ମାସରେ ୨୦.୨୧ଲକ୍ଷ ସଂଖ୍ୟକ ଇ-ୱେବିଲ୍ ନିର୍ଗମନ କରାଯାଇଥିବାବେଳେ ୨୦୨୨ ମସିହା ଏପ୍ରିଲ ମାସରେ ଏହି ସଂଖ୍ୟା ୧୭.୫୭ଲକ୍ଷ ଇ-ୱେବିଲ୍ ନିର୍ଗମନ କରାଯାଇଥିବା ଜିଏସଟି କମିଶନରଙ୍କ ପକ୍ଷରୁ ଜାରି ସୂଚନାରେ ଉଲ୍ଲେଖ ରହିଛି।




## ଶିକ୍ଷା ଭିତ୍ତିଭୂମି ବିକାଶରେ ଓଡିଶା ମଡେଲକୁ ବୋଡୋଲ୍ୟାଣ୍ଡ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପ୍ରଶଂସା

**ଭୁବନେଶ୍ୱର :** ଜାତୀୟ ସ୍ତରରେ ପ୍ରଶଂସା ସାଉଁଟୁଛି ଓଡିଶାର "ମୋ ସ୍କୁଲ ଓ ୫-ଟି ହାଇସ୍କୁଲ ରୂପାନ୍ତରୀକରଣ କାର୍ଯ୍ୟକ୍ରମ। ବିଭିନ୍ନ ରାଜ୍ୟର ଅଧିକାରୀ ଓଡିଶା ଗସ୍ତ କରିବା ସହ ଏହି ଯୋଜନାକୁ ଅନୁଧ୍ୟାନ କରୁଛନ୍ତି। ଏହାର ଉଚ୍ଚପ୍ରଶଂସା କରିବା ସହ ନିଜ ରାଜ୍ୟରେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ରୂପରେଖ ପ୍ରସ୍ତୁତ କରୁଛନ୍ତି। ପୂର୍ବରୁ ଆସାମ, ବିହାର, ଝାଡ଼ଖଣ୍ଡ ଓ ମଧ୍ୟପ୍ରଦେଶ ଆଦି ରାଜ୍ୟର ପ୍ରତିନିଧି ଓଡିଶା ଗସ୍ତ କରି ମୋ ସ୍କୁଲ ମଡେଲକୁ ଅନୁସରଣ କରିଛନ୍ତି। ବୋଡୋଲ୍ୟାଣ୍ଡ ଟେରିଟୋରିଆଲ୍ ରିଜିଅନ୍ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୋଦ ବୋରାଙ୍କ ସହ ଏକ ଟିମ୍ ୩ ଦିନିଆ ଓଡିଶା ଗସ୍ତରେ ଆସି ମୋ ସ୍କୁଲ କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସେ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ମୋ ସ୍କୁଲ ଅଭିଯାନର ବରିଷ୍ଠ ଅଧିକାରୀଙ୍କ ସହ ସବିଶେଷ ଆଲୋଚନା କରିଛନ୍ତି। ଓଡ଼ିଶା ସରକାରଙ୍କ ଏହି ଅଭିନବ ପ୍ରୟାସ ଶିକ୍ଷାନୁଷ୍ଠାନ ସହିତ ପୁରାତନ ଛାତ୍ରଛାତ୍ରୀମାନଙ୍କୁ ଯୋଡ଼ିବାରେ ଏକ ନୂତନ ଦିଗ ଦେଖାଇଛି। ନିଜ ଶିକ୍ଷାନୁଷ୍ଠାନର ବିକାଶ ପାଇଁ ପୁରାତନ ଛାତ୍ରଛାତ୍ରୀ ସମ୍ମିଳିତ ହୋଇ ଭିତ୍ତିଭୂମିକୁ ସଂଗଠିତ କରିବା ପାଇଁ ଆର୍ଥିକ ସହାୟତା ରାଶି ପ୍ରଦାନ କରୁଛନ୍ତି। ଏହାସହ ନିଜେ ପଢ଼ିଥିବା ଶିକ୍ଷାନୁଷ୍ଠାନକୁ ଶ୍ରମଦାନ ଭଳି ଅଭିନବ ପ୍ରୟାସ ଏବେ ସର୍ବଭାରତୀୟ ସ୍ତରରେ ଉଦାହରଣ ପାଲଟିଛି। ସେହିଭଳି ଗୋଷ୍ଠୀ ସହଭାଗିତାର ମଡେଲ ତାଙ୍କୁ ବେଶ୍ ଅନୁପ୍ରାଣିତ କରିଥୁବା ବୋରୋ କହିଛନ୍ତି। ଅନ୍ୟପକ୍ଷରେ ୫-ଟି ହାଇସ୍କୁଲ ରୂପାନ୍ତରୀକରଣ କାର୍ଯ୍ୟକ୍ରମର ଅଭୂତପୂର୍ବ ସଫଳତା ତାଙ୍କୁ ପ୍ରଭାବିତ କରିଥିଲା। ୫-ଟି ହାଇସ୍କୁଲ ରୂପାନ୍ତରୀକରଣରେ ଉଚ୍ଚ ବିଦ୍ୟାଳୟଗୁଡିକର ଭିତ୍ତିଭୂମି ପରିବର୍ତ୍ତନ ଏବଂ ଶୈକ୍ଷିକ ବାତାବରଣର ଉନ୍ନତିକୁ ସେ ଖୁବ୍ ପ୍ରଶଂସା କରିଥିଲେ। ଏହି ଅବସରରେ ସେ ଯାଜପୁର ଜିଲ୍ଲା ଦାନଗଦି ସ୍ଥିତ ବୁଢ଼ାରଜା ସରକାରୀ ବିଦ୍ୟାପୀଠ ପରିଦର୍ଶନ କରି ଛାତ୍ରଛାତ୍ରୀ ଓ ଶିକ୍ଷକ- ଶିକ୍ଷୟିତ୍ରୀଙ୍କ ସହ କାର୍ଯ୍ୟକ୍ରମର ପ୍ରଭାବ ସମ୍ବନ୍ଧରେ ଆଲୋଚନା କରିଥଲେ। ଆହୁରି ମଧ ସ୍ମାର୍ଟ କ୍ଲାସ୍‌ରୁମ୍, ଇ-ଲାଇବ୍ରେରୀ, ସାଇନ୍ସ ଲ୍ୟାବ୍ ଆଦି ଅନୁଧ୍ୟାନ କରି ୫-ଟି' ହାଇସ୍କୁଲ ରୂପାନ୍ତରୀକରଣରେ ହୋଇଥୁବା ଡିଜିଟାଲ ଟ୍ରାନସଫର୍ମେସନକୁ ପ୍ରଶଂସା କରିଥିଲେ। ଉନ୍ନତ ଭିତ୍ତିଭୂମି ପିଲାମାନଙ୍କ ସାମର୍ଥ୍ୟକୁ ଚିହ୍ନଟ କରି ସେମାନଙ୍କ ସ୍ୱପ୍ନ ସାକାର କରିବାରେ ନିଶ୍ଚିତ ଭାବେ ସହାୟକ ହେବ ବୋଲି ସେ ମତବ୍ୟକ୍ତ କରିଥିଲେ। ଓଡ଼ିଶା ସରକାରଙ୍କର ମୋ ସ୍କୁଲ ଅଭିଯାନ ସହ ପୁରାତନ ଛାତ୍ରଛାତ୍ରୀ ଯୋଡି ହୋଇଥିବାବେଳେ ସେମାନେ ୩୦୦ କୋଟିରୁ ଅଧିକ ଆର୍ଥିକ ଅନୁଦାନ ଦେଇ ଶିକ୍ଷାନୁଷ୍ଠାନର ବିକାଶ କରିଛନ୍ତି। ଉକ୍ତ ଅର୍ଥରାଶି ସହ ରାଜ୍ୟ ସରକାରଙ୍କ ଦୁଇଗୁଣା ଅର୍ଥରାଶି ମିଶାଇ ପ୍ରାୟ ୫୦ ହଜାର ସ୍କୁଲରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଓଡିଶାର ଏହି ଅଭିନବ ମଡେଲ ସର୍ବଭାରତୀୟ ସ୍ତରରେ ଅନୁକରଣୀୟ ହୋଇଛି। ଏହି ଗସ୍ତ ସମୟରେ ଅନୁଷ୍ଠିତ ବୈଠକରେ 'ମୋ ସ୍କୁ'ର ଭାରପ୍ରାପ୍ତ ଅଧିକାରୀ ମଣିପ୍ରସାଦ ମିଶ୍ର ଓ ଅନ୍ୟାନ୍ୟ ବରିଷ୍ଠ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ମଣିପ୍ରସାଦ ମିଶ୍ର ମୋ ସ୍କୁଲ କଫି ଟେବୁଲ ବୁକ୍ ଓ ନ୍ୟୁଜ୍‌ଲେଟର ପ୍ରମୋଦ ବୋରୋଙ୍କୁ ପ୍ରଦାନ କରିଥିଲେ।





## ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠାର ପଞ୍ଚବିଂଶତମ ବାର୍ଷିକ ଉତ୍ସବ

# ଦଧିମାଛଗାଡିଆରେ ବିଶ୍ୱଶାନ୍ତି ମହାଯଜ୍ଞ



**ଖୋର୍ଦ୍ଧା :** ଶ୍ରୀଜଗନ୍ନାଥ ଚେତନାର ଅଭିବୃଦ୍ଧି ନିମନ୍ତେ ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ ମନ୍ଦିର ଉନ୍ନୟନ ସମିତି ପକ୍ଷରୁ ଦଧିମାଛଗାଡିଆରେ ଶ୍ରୀ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠାର ପଞ୍ଚବିଂଶତମ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ମେ’ ୨ ତାରିଖ ଠାରୁ ୪ ତାରିଖ ପର୍ଯ୍ୟନ୍ତ ୩ଦିନ ଧରି ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ କରାଯାଇଥିଲା। ସୋମବାର ଶୁଭାଧିବାସ, ମଙ୍ଗଳବାର କଳସଯାତ୍ରା, ଘଟ ସ୍ଥାପନ, ଧ୍ୱଜ ଉତ୍ତୋଳନ, ସୂର୍ଯ୍ୟପୂଜା, ଶ୍ରୀ ଶ୍ରୀ ଜଗନ୍ନାଥ ଦେବଙ୍କ ଷୋଡଶ ଉପଚାର ପୂଜା, ମାଲ୍ୟାର୍ପଣ ଓ ମଙ୍ଗଳ ଆଳତୀ ପରେ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିରେ ବାବାଜୀ ପରମେଶ୍ୱର ଦାସଜୀ ମହାରାଜ, ମହନ୍ତ ଶ୍ରୀ ସନ୍ଥ ଦାସଜୀ ମହାରାଜ (ବୁଲୁ ବାବା), ବାବାଜୀ ଲାଲ ବାବା, ବାବାଜୀ ଚୈତନ୍ୟ ଦାସ ଶ୍ରୀରାମଚରିତ ମାନସ ପାରାୟଣପାଠ କରିଥିଲେ। ପଣ୍ଡିତ ମହାଦେବ ରଥ ଓ ସାଥୀବୃନ୍ଦ ଯଜ୍ଞ ପରିଚାଳନା କରିଥିଲା ବେଳେ ନୟାଗଡ ଜିଲ୍ଲା ଗୌରଚନ୍ଦ୍ରପୁର ଗ୍ରାମର ଗାୟକ ଗୁଣନିଧି ସାମନ୍ତ ସିଂହାରଙ୍କ ଦଳ ସଂକୀର୍ତ୍ତନ ପରିବେଷଣ କରିଥିଲେ। ପ୍ରବକ୍ତା ପୂଜ୍ୟବାବା ସନ୍ଥ ପ୍ରେମାନନ୍ଦ ଦାସଜୀ ମହାରାଜ, ଡା. ଆଶୁତୋଷ ମିଶ୍ର (ଖୋର୍ଦ୍ଧା) ପ୍ରବଚନ ଦେଇଥିଲେ। ଶ୍ରୀ ଶ୍ରୀ ସୋମନାଥ ଦେବ ନାଟ୍ୟ ସଂସଦ ଅନୁଷ୍ଠାନ (ଦେଉଳଟାଙ୍ଗୀ ଖୋର୍ଦ୍ଧା)ର କଳାକାରଙ୍କ ଦ୍ୱାରା ଶ୍ରୀରାମଲୀଳା ନାଟକ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ସମସ୍ତ ଶ୍ରଦ୍ଧାଳୁମାନଙ୍କୁ ଶ୍ରୀଜଗନ୍ନାଥ ମନ୍ଦିର ଉନ୍ନୟନ ସମିତି ପକ୍ଷରୁ ପ୍ରସାଦ ବଣ୍ଟନ କରାଯାଇଥିଲା। ସମାଜସେବୀ ଶ୍ରୀଜଗନ୍ନାଥଙ୍କ ଦାରୁ ରକ୍ଷକ ତଥା ଦଧିମାଛଗାଡିଆ ଶ୍ରୀଜଗନ୍ନାଥ ମନ୍ଦିରର ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ପଟ୍ଟନାୟକ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ବଢ଼ିଲା ଅନୁକମ୍ପା ରାଶି

# ବନ୍ୟ ପ୍ରାଣୀ ଆକ୍ରମଣରେ ଜୀବନ ଗଲେ ମିଳିବ ୬ ଲକ୍ଷ



**ଭୁବନେଶ୍ୱର :** ମନୁଷ୍ୟ ଓ ବନ୍ୟପ୍ରାଣୀ ମଧ୍ୟରେ ସଂଘର୍ଷରେ ପ୍ରତିବର୍ଷ ରାଜ୍ୟରେ ବହୁ ଲୋକ ମୃତାହତ ହେଉଛନ୍ତି। ଏହାସହିତ ଘରଦ୍ୱାର ଭାଙ୍ଗିବା ଓ ଫସଲ ନଷ୍ଟ ହେବା ସହିତ ଗୃହପାଳିତ ପ୍ରାଣୀମାନେ ମଧ୍ୟ ମୃତ୍ୟୁବରଣ କରୁଛନ୍ତି। ଏହି କ୍ଷତିଗ୍ରସ୍ତ ଲୋକଙ୍କ ପରିବାର ପାଇଁ କେବଳ ଏକ ଅପୂରଣୀୟ କ୍ଷତି ନୁହେଁ, ବରଂ ସେମାନଙ୍କ ପ୍ରିୟଜନମାନଙ୍କୁ ହରାଇ ଗଭୀର ମାନସିକ ଚାପରେ ମଧ୍ୟ ରହିଥାନ୍ତି। ତେଣୁ ବନ୍ୟପ୍ରାଣୀ ଆକ୍ରମଣରେ ମୃତାହତ ବ୍ୟକ୍ତିଙ୍କ ନିକଟତମ ଆତ୍ମୀୟଙ୍କ ପାଇଁ ଅନୁକମ୍ପା ରାଶି ତଥା ସଂପତ୍ତି କ୍ଷୟକ୍ଷତି ପାଇଁ ସହାୟତା ରାଶିରେ ବୃଦ୍ଧି ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ଏହି ନୂତନ ନିଷ୍ପତ୍ତି ଅନୁଯାୟୀ ବନ୍ୟପ୍ରାଣୀ ଆକ୍ରମଣରେ କେଉଁ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଲେ ଅନୁକମ୍ପାମୂଳକ ରାଶିର ପରିମାଣ ୪ ଲକ୍ଷ ଟଙ୍କାରୁ ୬ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଛି। ଗୁରୁତର ଆହତଙ୍କ କ୍ଷେତ୍ରରେ ସହାୟତା ପରିମାଣ ମଧ୍ୟ ବୃଦ୍ଧି ପାଇଛି। ୬୦ ପ୍ରତିଶତରୁ କମ୍ ଅକ୍ଷମତା କ୍ଷେତ୍ରରେ ସହାୟତା ପରିମାଣ ୧ ଲକ୍ଷ ଟଙ୍କାରୁ ୧.୫୦ ଲକ୍ଷ ଟଙ୍କା ଏବଂ ୬୦ ପ୍ରତିଶତରୁ ଅଧିକ ଅକ୍ଷମତା କ୍ଷେତ୍ରରେ ସହାୟତା ପରିମାଣ ୨.୫୦ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଛି। ସେହିପରି ସାମାନ୍ୟ ଆହତଙ୍କ କ୍ଷେତ୍ରରେ ପୂର୍ବରୁ ସହାୟତା ପରିମାଣ ୫ ହଜାର ଟଙ୍କା ଥିଲା। ବର୍ତ୍ତମାନ ଏକ ସପ୍ତାହରୁ ଅଧିକ ସମୟ ଧରି ଚିକିତ୍ସାର ଆବଶ୍ୟକତା ପଡ଼ିଲେ ସରକାରୀ ହସ୍ପିଟାଲରେ ସଂପୂର୍ଣ୍ଣ ମାଗଣା ଚିକିତ୍ସା ସହିତ ୧୦ ହଜାର ଟଙ୍କା ସହାୟତା ଦିଆଯିବ। ଚିକିତ୍ସାର ସମୟ ଏକ ସପ୍ତାହରୁ କମ୍ ହେଲେ, ସରକାରୀ ହସ୍ପିଟାଲରେ ସଂପୂର୍ଣ୍ଣ ମାଗଣା ଚିକିତ୍ସା ସହିତ ୫ ହଜାର ଟଙ୍କା ସହାୟତା ଦିଆଯିବ। ଏହାଛଡ଼ା ଗାଈ ବା ମଇଁଷିଙ୍କ ମୃତ୍ୟୁ କ୍ଷେତ୍ରରେ ସହାୟତା ରାଶିର ପରିମାଣ ୩୭,୫୦୦ ଟଙ୍କା ଏବଂ ବଳଦ ମୃତ୍ୟୁ କ୍ଷେତ୍ରରେ ସହାୟତା ୩୨,୦୦୦ ଟଙ୍କାକୁ ବୃଦ୍ଧି ପାଇଛି । ପୂର୍ବରୁ ଏହା ୫ ହଜାର ଟଙ୍କା ଥିଲା । ବାଛୁରୀ ମୃତ୍ୟୁ ପାଇଁ ସହାୟତା ପରିମାଣ ୨୫୦୦ ଟଙ୍କାରୁ ୫୦୦୦ ଟଙ୍କା, ଛେଳିମେଣ୍ଢାଙ୍କ ମୃତ୍ୟୁ କ୍ଷେତ୍ରରେ ୨୦୦୦ ଟଙ୍କାରୁ ୪୦୦୦ ଟଙ୍କା ଓ ମେଣ୍ଢା ଛୁଆ ମୃତ୍ୟୁ କ୍ଷେତ୍ରରେ ୭୫୦ ଟଙ୍କାରୁ ୧୫୦୦ ଟଙ୍କାକୁ ବୃଦ୍ଧି ପାଇଛି। ଫସଲ କ୍ଷୟକ୍ଷତି କ୍ଷେତ୍ରରେ ମଧ୍ୟ ସହାୟତା ପରିମାଣ ବଢ଼ିଛି। ଧାନ ଓ ଅନ୍ୟାନ୍ୟ ଖାଦ୍ୟଶସ୍ୟ ଫସଲ କ୍ଷତିରେ ସହାୟତା ପରିମାଣ ଏକର ପିଛା ୧୦ ହଜାର ଟଙ୍କାରୁ ୨୦ ହଜାର ଟଙ୍କାକୁ ବୃଦ୍ଧି ପାଇଛି । ଅର୍ଥକରୀ ଫସଲ କ୍ଷତି କ୍ଷେତ୍ରରେ ସହାୟତା ପରିମାଣ ୧୨ ହଜାର ଟଙ୍କାରୁ ୨୫ ହଜାର ଟଙ୍କାକୁ ବଢ଼ିଛି। ସେହିପରି ଘର ଗୁଡ଼ିକର ଆଂଶିକ କ୍ଷତି କ୍ଷେତ୍ରରେ ସହାୟତା ପରିମାଣ ୨୦୦୦ ଟଙ୍କାରୁ ୧୦,୦୦୦ ଟଙ୍କାକୁ ବୃଦ୍ଧି ପାଇଛି। ଘର ସଂପୂର୍ଣ୍ଣ ଭାଙ୍ଗିଥିଲେ, ବିଜୁ ପକ୍କା ଘର କିମ୍ବା ସେହି ମୂଲ୍ୟର ଅର୍ଥ ସହିତ ଆହୁରି ୨୦ ହଜାର ଟଙ୍କା ସହାୟତା ଆକାରରେ ପ୍ରଦାନ କରାଯିବ। ପୂର୍ବରୁ ଏହି ସହାୟତା ପରିମାଣ ୧୦,୦୦୦ ଟଙ୍କା ଥିଲା।

## ମହାପ୍ରଭୁଙ୍କୁ ଦର୍ଶନ କଲେ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି



**ପୁରୀ :** ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ୍ ଡି. ୱାଇ. ଚନ୍ଦ୍ରଚୂଡ଼। ଶୁକ୍ରବାର ଅପରାହ୍ନରେ ପ୍ରଧାନ ବିଚାରପତି ସିଂହଦ୍ୱାର ନିକଟରେ ପହଞ୍ଚିଥିଲେ। ଏହାପରେ ସେ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ଭିତରକାଠ ନିକଟରୁ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିବା ପରେ ମା’ ବିମଳା, ମା ଲକ୍ଷ୍ମୀ, ସାକ୍ଷୀଗୋପୀନାଥ, କାନପତା ହନୁମାନ ଓ ଅନ୍ୟାନ୍ୟ ପାର୍ଶ୍ୱ ଦେବାଦେବୀଙ୍କୁ ଦର୍ଶନ କରି ଭାବବିହ୍ୱଳ ହୋଇପଡ଼ିଥିଲେ। ଜିଲ୍ଲା ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତାଙ୍କୁ ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ଭବ୍ୟ ସ୍ୱାଗତ କରାଯାଇଥିଲା। ରାଜ୍ୟ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା, ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ସମେତ ଅନ୍ୟ ବିଚାରପତି ଉପସ୍ଥିତ ଥିଲେ। ଶନିବାର ଦିନ କଟକ ଜୁଡିସିଆଲ ଏକାଡେମୀରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।




# ବିଦେଶରେ ରହୁଥିବା ଭାରତୀୟଙ୍କ ସୁରକ୍ଷା ମୋଦି ସରକାରଙ୍କ ପ୍ରାଥମିକତା : ଧର୍ମେନ୍ଦ୍ର



**ଭୁବନେଶ୍ୱର :** କେନ୍ଦ୍ର ସରକାର ମିସନ ମୋଡ୍ରେ ହିଂସା ଦ୍ୱାରା ପ୍ରଭାବିତ ହୋଇଥିବା ସୁଦାନରୁ ଓଡ଼ିଆଙ୍କ ସମେତ ଭାରତୀୟ ଲୋକମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରୁଛନ୍ତି। ବିଦେଶରେ ରହୁଥିବା ପ୍ରତ୍ୟେକ ଭାରତୀୟଙ୍କ ସୁରକ୍ଷା ଓ ନିରାପତ୍ତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାରରେ ପ୍ରାଥମିକତାରେ ରହିଛ ବୋଲି ଟ୍ୱିଟ୍ କରି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ କହିଛନ୍ତି, କେନ୍ଦ୍ର ସରକାର ଅପରେସନ ‘କାବେରୀ’ ମାଧ୍ୟମରେ ସୁଦାନରେ ବସବାସ କରୁଥିବା ଓଡ଼ିଆଙ୍କ ସମେତ ଅନେକ ଭାରତୀୟଙ୍କୁ ସୁରକ୍ଷିତ ଭାବରେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରାଇବାରେ ସଫଳ ହୋଇଛନ୍ତି। ଏଥିପାଇଁ ପ୍ରଧାନମନ୍ତ୍ରୀ ଓ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କୁ ଧନ୍ୟବାଦ। ଉଲ୍ଲେଖ ଯେ ସୁଦାନରେ ରହୁଥିବା ଜୈନେକ ଓଡ଼ିଆ ଉଦ୍ଧାର ହୋଇ ମୁମ୍ବାଇରେ ପହଞ୍ଚିବା ପରେ ସୁଦାନରେ ଭାରତର ବହୁତ ସମ୍ମାନ ଥିବା କହିଛନ୍ତି। ସେଠାରେ ଶକ୍ତିଶାଳୀ ରାଷ୍ଟ୍ର ଭାବେ ଭାରତର ଖ୍ୟାତି ରହିଛି। ଆମେରିକା ଭଳି ରାଷ୍ଟ୍ର ମଧ୍ୟ ନିଜ ଲୋକଙ୍କୁ ସେଠାରୁ ଉଦ୍ଧାର କରିବାରେ ସକ୍ଷମ ହେଉନାହିଁ। କିନ୍ତୁ ଭାରତ ସରକାର ନିଜ ଲୋକଙ୍କୁ ସେଠାରୁ ସୁରକ୍ଷିତ ଭାବରେ ଉଦ୍ଧାର କରୁଛନ୍ତି। ଏଥିପାଇଁ ସରକାର ଓ ଉଦ୍ଧାରକାରୀ ଟିମ୍‌କୁ ଧନ୍ୟବାଦ।




## ଶ୍ରୀ ଶ୍ରୀକୁଞ୍ଜ ବିହାରୀ ମଠର ବାର୍ଷିକ ଉତ୍ସବ



**ନବରଙ୍ଗପୁର:** ନବରଙ୍ଗପୁର ସ୍ଥିତ ମିଶନ ଶକ୍ତି ସଭାଗୃହ ଠାରେ ଶ୍ରୀଶ୍ରୀ କୁଞ୍ଜବିହାରୀ ପାଠାଗାର ର ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଶତାଧିକ କବି, ବୁଦ୍ଧିଜୀବୀ ଓ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତରେ କବିତା ପାଠ, ସମ୍ବର୍ଦ୍ଧିତ ଉତ୍ସବ ଏବଂ ଆଲୋଚନା ଚକ୍ର ସହିତ ପୁସ୍ତକ ଉନ୍ମୋଚନ ହୋଇଯାଇଛି। ନାରାୟଣ ପଣ୍ଡା ଙ୍କ ସଭାପତିତ୍ୱ ରେ ସମାଜକୁ ସେବା ଯୋଗାଇ ଆସୁଥିବା ସହରର ପ୍ରତିଷ୍ଠିତ ବ୍ୟକ୍ତି ବିଜୟ କୁମାର ମହାପାତ୍ରଙ୍କୁ ସମାଜସେବୀ ଭାବେ ଶ୍ରୀ ଶ୍ରୀ କୁଞ୍ଜବିହାରୀ ସମ୍ମାନରେ ସମ୍ମାନିତ କରଯାଇଥିଲା। ଏହାସଙ୍ଗେ ଅନ୍ୟଜଣେ ସମାଜସେବୀ ବବାଇ ନଗେଶ୍ୱର ରାଓ ଏବଂ ମହିଳା ସମାଜସେବୀ ସ୍ୱର୍ଗତ ଅଙ୍ଗୁରି ଦେବୀ ଅଗ୍ରୱାଲଙ୍କୁ ମରଣତୋର ସମ୍ମାନ ପ୍ରଦାନ କରାଯାଇଥିଲା ଯାହାକୁ ତାଙ୍କ ପୁଅ ବୋହୂ ଗ୍ରହଣ କରିଥିଲେ। ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ ରେ ମିତ୍ରଭାନୁ ସତନାମୀଙ୍କ ମାଟିର ବାସ୍ନା ଏବଂ ଐତିହାସିକ ଶ୍ରୀରାଙ୍ଗ ନାୟକଙ୍କ ବହି ବିଦେଶୀ କବଳରେ କୋରାପୁଟ ବହି ଉନ୍ମୋଚନ ହୋଇଯାଇଛି। ଡ଼ଃ ବିଜୟ କୁମାର ମିଶ୍ର ବିଦେଶୀ କବଳରେ କୋରାପୁଟ ବହିକୁ ସମୀକ୍ଷା କରିଥିବା ବେଳେ ଡ଼ଃ ସାନା ସାହୁ ମାଟିର ବାସ୍ନାକୁ ସମୀକ୍ଷା କରିଥିଲେ। ବହି ଦୁଇଟି ସମାଜର ବିଭିନ ଦିଗକୁ ବିଭିନ ସମସ୍ୟା ସମାଧାନରେ ଆସୁଛି ବୋଲି ସମୀକ୍ଷକ ମତ ରଖିଥିଲେ। ବକ୍ତା ଭାବେ ଡ଼ଃ ରାଧାନାଥ ବେହେରା କବି ଆଗାମୀ ବଂଶଧର ପାଇଁ ବହି ଲେଖନ୍ତି ବୋଲି ନିଜ ବକ୍ତବ୍ୟରେ ରଖିଥିଲେ। ପାଠାଗାରର ସମ୍ପାଦକ ରଜନୀ ପାତ୍ର ସମ୍ପାଦକୀୟ ପାଠ କରିଥିବା ବେଳେ ନାଟ୍ୟକାର ଜଗନ୍ନାଥ ବେହେରା ଅତିଥି ସ୍ୱାଗତ ସହିତ ଧନ୍ୟବାଦ ପ୍ରଦାନ କରିଥିଲେ। କବି ପର୍ଶୁରାମ ସାହୁ, ନମିତା ଘଡ଼େଇ, ପ୍ରଭାସିନୀ ମହାନ୍ତିଙ୍କ ସଂଯୋଜନାରେ ଅନେକ କବି ନାରୀକବି ନିଜ ନିଜ ସ୍ୱରଚିତ କବିତା ପାଠ କରିଥିଲେ। ସମସ୍ତ କବିବନ୍ଧୁଙ୍କୁ ଉପଢ଼ୋକନରେ ସମ୍ମାନିତ କରାଯାଇଥିଲା। ବରିଷ୍ଠ ବ୍ୟକ୍ତି ଗୋପବନ୍ଧୁ ବିଷୋୟୀ, କୁମୁଦ ପଟନାୟକ ନିରଞ୍ଜନ ମିଶ୍ର,ଅବନୀ କୁମାର ତ୍ରିପାଠୀ,ପ୍ରଭାତୀ ବିଶୋଇ, ଭାରତୀ ବିଷୋୟୀ, ସାଇମାନ ବିଡିକ ହରିଶ ବେହେରା ଦେବୀ ତ୍ରିପାଠୀ ଉପସ୍ଥିତ ଥିବା ବେଳେ କବିତାକୁ ଆବୃତିରେ ପ୍ରଭଞ୍ଜନ ତ୍ରିପାଠୀ, ଅମ୍ବିକା କଲର ହରିହର ନାୟକ, ବିଭୁଦତ ସେଠି, ସୁବ୍ରତ ମହାନ୍ତି, ସ୍ୱପ୍ନ ମହାନ୍ତି, ଲକ୍ଷ୍ମୀ ସିଂ, ହର ପ୍ରସାଦ ଦାଶ, କାର୍ତିକ ଚୁଳ, ମକରନ୍ଦ ସତନାମୀ, ପ୍ରଫୁଲ ପୁହାନ, ଦୁର୍ଗା ପତ୍ରି, ସ୍ମୃତି ପଣ୍ଡା ସୁରେଶ ମିଶ୍ର, ମନୋଜ ପଟନାୟକ, ସ୍ୱର୍ଣ୍ଣଲତା ପଟନାୟକ, କନକ ଲତା ମହଙ୍କୁଡ଼, ଏବଂ ପୁର୍ଣଚନ୍ଦ୍ର ମହାପାତ୍ର, କିଶୋର ପଟ୍ଟନାୟକ, ରିତା ମହାନ୍ତି, ବୈଦେହୀ ପଣ୍ଡା ଦୁର୍ଗା ପ୍ରଧାନ, ଦାମୋଦର ବିଷୋୟୀ ସହିତ ଶ୍ରୀମତି ଜେମାମଣି ବିଷୋୟୀ ଯୋଗଦାନ କରିଥିଲେ। ଶେଷରେ ସଭାପତି ସଭା ସାଙ୍ଗ ଘୋଷଣା କରିଥିଲେ।

# ମା’ ରାମଚଣ୍ଡୀଙ୍କ ମହାଲକ୍ଷ୍ମୀ ବେଶ ଓ ହାଣ୍ଡିଭଙ୍ଗା ଯାତ ପାଳିତ



**କୋଣାର୍କ :** ଚଳିତ ବୈଶାଖ ମାସ ଶୁକ୍ଳ ପକ୍ଷ ୪ ତାରିଖ ଶେଷ ଗୁରୁବାର ଦିନ ମା’ଙ୍କ ପୀଠରେ ନିଆରା ପର୍ବ ହାଣ୍ଡିଭଙ୍ଗା ଯାତ ଧୁମଧାମରେ ପାଳିତ ହୋଇଯାଇଛି। ଅର୍କକ୍ଷେତ୍ରର ରକ୍ଷାକର୍ତ୍ତୀ ଅଷ୍ଟଚଣ୍ଡୀଙ୍କ ମଧ୍ୟରେ ମା’ ରାମଚଣ୍ଡୀ ହେଉଛନ୍ତି ଶ୍ରେଷ୍ଠ ତଥା ଅଧିଷ୍ଠାତ୍ରୀ ଦେବୀ । ମା’ଙ୍କ ପୀଠରେ ବର୍ଷତମାମ ପାଳନ କରାଯାଉଥିବା ବିଭିନ୍ନ ପର୍ବପର୍ବାଣୀଗୁଡ଼ିକ ମଧ୍ୟରେ ଶ୍ରେଷ୍ଠ ଓ ନିଆରା ପର୍ବ ହେଉଛି ହାଣ୍ଡିଭଙ୍ଗା ଯାତ। ଏହା ଓଡ଼ିଆଣୀ କୂଳବଧୂମାନଙ୍କର ଏକ ନିଆରା ପର୍ବ । କାହିଁ କେଉଁ କାଳରୁ ପୁରୁଷାନୁକ୍ରମେ ଖାଲକଟାପାଟଣା ଓ ଟିକନା ଗ୍ରାମର କୁଳବଧୂମାନେ ନିଜ ପରିବାରେର ଶୁଭ ମନାସି ମା’ ରାମଚଣ୍ଡୀଙ୍କ ନିକଟରେ ହାଣ୍ଡିଭଙ୍ଗାଯାତକୁ ମହାଆଡ଼ମ୍ବରରେ ପାଳନ କରିଥାନ୍ତି। ଘଞ୍ଚ ଜଙ୍ଗଲ ଓ ସମୁଦ୍ରକୂଳରେ ଏହି ଦୁଇଟି ଗ୍ରାମର ଅବସ୍ଥିତି ଥିବାରୁ ଜଙ୍ଗଲି ଜୀବଜନ୍ତୁଙ୍କ ଆକ୍ରମଣ ଓ ସମୁଦ୍ର ମାଡ଼ି ନ ଆସିବା ପାଇଁ ଗ୍ରାମର କୂଳବଧୂମାନେ ମା’ ରାମଚଣ୍ଡୀଙ୍କ ନିକଟରେ ହାଣ୍ଡିଭଙ୍ଗାଯାତକୁ ପୁରୁଷାନୁକ୍ରମେ ପାଳନ କରି ଆଶୁଛନ୍ତି। ମା’ଙ୍କ ପୀଠ ସଂଲଗ୍ନ ଟିକନା ଓ ଖାଲକଟାପାଟଣା ଗ୍ରାମର କୁଳବଧୂମାନେ ଏହି ପବିତ୍ର ଦିନରେ ଉପବାସ ବ୍ରତ କରି ଏକତ୍ର ହୁଳହୁଳି ପକାଇ ଗ୍ରାମରୁ ବାହାରି ଥିଲେ। ମା’ ରାମଚଣ୍ଡୀଙ୍କ ନିମନ୍ତେ କୂଳବଧୂମାନେ ଗାଧୁଆ ସଜ ଧରି ପବିତ୍ର ପୀଠରେ ପହଞ୍ଚିବା ପରେ ମା’ଙ୍କ ପୂଜକ ଗାଧୁଆ ନିତୀ ସମ୍ପନ୍ନ କରିଥିଲେ। ପ୍ରତ୍ୟକ ମହିଳା ପରିଧାନ କରିଥିବା ନୂଆ ଲୁଗା କାନିରେ ବାନ୍ଧି ଆଣିଥିଲେ ହାଣ୍ଡିରନ୍ଧା ସାମଗ୍ରୀ। ମା’ଙ୍କ ମନ୍ଦିର ବେଢ଼ାରେ ପଶ୍ଚିମ ପାର୍ଶ୍ୱରେ ଥିବା ହାଣ୍ଡିରନ୍ଧା ଚୁଲାରେ ସମୁହ ହାଣ୍ଡିରନ୍ଧା କାର୍ଯ୍ୟ ଆରମ୍ଭ ହୋଇଥିଲା। ମନ୍ଦିରର ପୂଜକ ଓ ମାଳି ମା’ଙ୍କ ରୋଷ ଘରଚୂଲାରୁ ଅଗ୍ନୀ ଆଣୀ ପ୍ରତ୍ୟକ ମହିଳାଙ୍କ ଚୁଲିରେ ଅଗ୍ନୀ ସଂଯୋଗ କରିବାସହ ଖୀରିକୋଲି ଡାଙ୍ଗରେ ପ୍ରସ୍ତୁତ ଚଟୁ ଯୋଗାଇ ଦେବାପରେ ମହିଳାମାନେ ହାଣ୍ଡିରନ୍ଧା କାର୍ଯ୍ୟ ଆରମ୍ଭ କରିଥିଲେ। ମାହିଳାମାନେ ଘରୁ ଆଣିଥିବା ଅରୁଆଚାଉଳ, ମୁଗ, ଚିନି, ଘିଅ ଓ ପରିବା ମିଶା ନୂଆ ମାଟିହାଣ୍ଡିରେ ଖେଚୁଡ଼ି ପ୍ରସ୍ତୁତ କରିଥିଲେ। ଏହି ସମୟରେ ମା’ଙ୍କ ରୋଷଇଘରେ ପୂଜକ ମଧ୍ୟ ନୂଆ ମାଟିହାଣ୍ଡିରେ ଏତାଦୃଶ୍ୟ ଖେଚୁଡ଼ି ପ୍ରସ୍ତୁତ କରିବାପରେ ମା’ଙ୍କ ନିକଟରେ ଭୋଗଲଗାଇ ଥିଲେ। ଏହାପରେ ହାଣ୍ଡିରନ୍ଧା ଖେଚୁଡ଼ିକୁ ପୂଜକ ଓ ମହିଳାମାନେ କଦଳୀ ପତ୍ରରେ ବାଢ଼ିଥିଲେ। ଖେଚୁଡ଼ିର ସିଂହଭାଗ ଅଂଶକୁ ଦୁଇଟି ବାଟୁଳା କରି ବାଘ ଓ ବାଘୁଣିଙ୍କ ନିମନ୍ତେ ହାଣ୍ଡିରେ ରଖିବା ପରେ ଅବଶିଷ୍ଟ ଖେଚୁଡ଼ିକୁ ସେବନ କରିବା ପରେ ଖେଚୁଡ଼ି ହାଣ୍ଡିକୁ ଧରି ପୂଜକ ହାଣ୍ଡିଭଙ୍ଗା ବନ୍ତ ଅଭିମୂଖେ ଆଗେ ଆଗେ ଯିବା ବେଳେ ମହିଳାମାନେ ନିଜ ନିଜ ହାଣ୍ଡିକୁ ଧରୀ ନିରବତା ଅବଲମ୍ବନ କରି ତାଙ୍କୁ ଅନୁସରଣ କରିଥିଲେ। ମା’ଙ୍କ ମନ୍ଦିରର ପଶ୍ଚିମ-ଉତ୍ତର କୋଣର ୨୦୦ମିଟର ଦୂରରେ ଥିବା ହାଣ୍ଡିଭଙ୍ଗା ବନ୍ତରେ ପହଞ୍ଚି ଏହି ବନ୍ତକୁ ସାତଥର ପ୍ରଦିକ୍ଷଣ କରିବା ପରେ ବନ୍ତ ଚୂଡ଼ାରେ ଥିବା ଶିଳା ଉପରେ ହାଣ୍ଡିକୁ କଚାଡ଼ି ଭାଙ୍ଗିଥିଲେ। ଏହାପରେ ମହିଳାମାନେ ଏକ ମୁହାଁ ହୋଇ ୩୦୦ ମିଟର ଦୂରରେ ଥିବା ହାତଧୁଆ ଝରଣାରେ ହାତ ଧୋଇ ଗ୍ରାମଦେବତୀ ଖାଲକୋଠୀଙ୍କୁ ମୁଣ୍ଡିଆମାରୀ ଘରକୁ ଫେରିଥିଲେ। ଯେଉଁ ମହିଳାଙ୍କ ହାଣ୍ଡିର ମୁଣ୍ଡୁଳି ଭାଙ୍ଗିନଥିଲା ସଂପୃକ୍ତ ମହିଳା ନିଜ ପରିବାରରେ କୌଣସି ଅମଙ୍ଗଳ ନ ହେବା ପାଇଁ ରିଷ୍ଟ ଖଣ୍ଡନ ଉଦ୍ଦେଶ୍ୟରେ ଶୁକ୍ରବାର ପ୍ରତ୍ୟୁଶରେ ମା’ଙ୍କ ପାଖରେ ଗୁହାରିଆ ପଡ଼ିବେ। ଏହି ଅବସରରେ ବିଶ୍ୱ ଶାନ୍ତି ନିମନ୍ତେ ମା’ଙ୍କ ନିକଟରେ ୨ ତାରିଖରୁ ତ୍ରିଦିବସୀୟ ଚଣ୍ଡୀମହାଯଜ୍ଞ ଆୟୋଜିତ ହୋଇଥିବା ବେଳେ ପ୍ରତେହ୍ୟ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୁରୁବାର ପ୍ରତ୍ୟୁଶରେ ମା’ ରାମଚଣ୍ଡୀଙ୍କୁ ମହାଲକ୍ଷ୍ମୀ ବେଶରେ ସଜାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ସକାଳ ମଙ୍ଗଳ ଆଳତି ଓ ରାତିରେ ବଡ଼ସିଂହାର ଧୂପ ଆଳତିକୁ ମିଶାଇ ମାଆଙ୍କ ନିକଟରେ ମୋଟ ୫ ଥର ଆଳତି କରାଯାଇଥିଲା। ମା’ରାମଚଣ୍ଡୀଙ୍କର ମହାଲକ୍ଷ୍ମୀ ବେଶ ଓ ହାଣ୍ଡିଭଙ୍ଗା ଯାତକୁ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଦିନତମାମ ଭିଡ ଲାଗିରହିଥିଲା । ସନ୍ଧ୍ୟାରେ ଆୟୋଜିତ ହୋଇଥିଲା ସଂସ୍କୃତି ରକ୍ଷାକାରୀ ଏକ ସଭା ମୁଖ୍ୟ ଅତିଥି ଭାବେ ଗୃହରଷ୍ଟ୍ର ମନ୍ତ୍ରୀ ତୁଷାରକାନ୍ତି ବେହେରା, ମୁଖ୍ୟ ବକ୍ତା ଭାବେ ପୁରୀ ଜିଲ୍ଲା ପରିଷଦର ଉପାଧ୍ୟକ୍ଷ ସ୍ୱାଧିନ କୁମାର ନାୟକ, ସମ୍ମାନୀତ ଅତିଥି ଭାବେ ପୁରୀ ଜିଲ୍ଲା ଯାଦବ ମହାସଭାର ସଭାପତି ଗୋପାଳ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦ ସଭ୍ୟା ପୁଷ୍ପାରାଣୀ ସ୍ୱାଇଁ, ସୁତନ ଗ୍ରାମ ପଞ୍ଚାୟତୀ ସରପଞ୍ଚ ମେନକା ବେହେରା, ସୁତନ ଗ୍ରାମ ପଞ୍ଚାୟତର ସମିତି ସଭ୍ୟ କାଶୀନାଥ ନାୟକ, ତରକୋର ଗ୍ରାମ ପଞ୍ଚାୟତର ସରପଞ୍ଚ ସୁଶାନ୍ତ ପରିଡା, ଅର୍କଶ୍ରୀର ସମ୍ପାଦକ ଉମେଶ ଚନ୍ଦ୍ର ସ୍ୱାଇଁ, କୋଣାର୍କ ସାହିତ୍ୟ ସଂସଦର ସଂପାଦକ ରବୀନ୍ଦ୍ରନାଥ ବାହିନୀପତି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଦିନତମା ଭଜନ କୀର୍ତ୍ତନ ହୋଇଥିବା ବେଳେ ସନ୍ଧ୍ୟାରେ ଆୟୋଜିତ ହୋଇଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ। ମା’ ରାମଚଣ୍ଡୀ ବଜାର କମିଟିର ସଭାପତି ସୁବାସ ପ୍ରଧାନ, କାର୍ତ୍ତିକ ଚନ୍ଦ୍ର ବେହେରା, ଲୋକନାଥ ନାୟକ, ନରେନ୍ଦ୍ର ପରିଡା, ଚନ୍ଦ୍ରନ ବେହେରା, ଅନିଲ ନାୟକ, ସଦଶିବ ନାୟକ, ରବିନ୍ଦ୍ର ଦାସ, ସନାତନ ବେହେରା, ପ୍ରକାଶ ବେହେରା, ରାମଚନ୍ଦ୍ର ନାୟକ, ସନାତନ ପ୍ରଧାନ ପ୍ରମୁଖ ଏହି କାର୍ଯ୍ୟକ୍ରମ।

Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**

Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**